R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୪
ତିଥି: ତ୍ରୟୋଦଶୀ
୨୯ ଏପ୍ରିଲ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 204
29 April 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଭଉଣୀର କଙ୍କାଳକୁ ବ୍ୟାଙ୍କକୁ ଭାଇ ବୋହିନେବା ଘଟଣା

## ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର/ଢ଼େଙ୍କିକୋଟ, ୨୮ ।୪ (ଜିପ୍ର/ସବ୍ୟୁ): ଟଙ୍କା ପାଇଁ ବ୍ୟାଙ୍କକୁ ଶବନେଇ ଯିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଚ୍ୟର ବିଷୟ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ପରେ ଉଭୟ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ମଲ୍ଲିପଶି ଓଡିଶା ଗ୍ରାମ୍ୟବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଚେତାପଶିଛି। ଗତକାଲି ନିଜ ଭଉଣୀ ନାମରେ ଥିବା ଟଙ୍କାକୁ ଉଠାଇବା ପାଇଁ ଭାଇ ଭଉଣୀର କଙ୍କାଳକୁ ଧରି ବ୍ୟାଙ୍କକୁ ଯାଇଥିଲା।



ଦେଇଛନ୍ତି।ଆସନ୍ତାକାଲି ଠାରୁ ଆର୍‌ଡିସି ତଦନ୍ତ ଆରମ୍ଭ ହେବ।

ଜିଲ୍ଲା ପ୍ରଶାସନ ନିୟମ ଅପେକ୍ଷା ମାନବିକତାକୁ ଗୁରୁତ୍ୱ ଦେଇ ସ୍ୱର୍ଗତା କାଲରା ମୁଣ୍ଡାଙ୍କ ଭାଇ ଜିତୁ ମୁଣ୍ଡାଙ୍କ ଦୁଃଖଦ ସ୍ଥିତିକୁ ହୃଦବୋଧ କରି ମୁଖ୍ୟମନ୍ତ୍ରୀଙ୍କ 'ଲୋକ ସେବା' ଆଭିମୁଖ୍ୟ ଅନୁଯାୟୀ, ତାଙ୍କୁ ତୁରନ୍ତ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ପରିବାରର ଅସହାୟତାକୁ ଦୃଷ୍ଟିରେ ରଖି ପ୍ରଶାସନ

- ❒ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ତୁରନ୍ତ ମିଳିଲା
- ❒ ବ୍ୟାଙ୍କ କର୍ମଚାରୀଙ୍କ ଚେତା ପଶିଲା
- ❒ ଜମା ଟଙ୍କା ଫେରିପାଇଲେ ଜିତୁ ମୁଣ୍ଡା
- ❒ ରେଡ୍‌କ୍ରସ୍‌ରୁ ମିଳିଲା ୩୦ ହଜାର ସହାୟତା

ଯାହା ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏହାର ଆର୍‌ଡିସି ତଦନ୍ତ ଲାଗି ନିର୍ଦ୍ଦେଶ ଶ୍ରୀ ମୁଣ୍ଡାଙ୍କୁ ମତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ (୯ ପୃଷ୍ଠାରେ)

## ୪୫° ଟପିଲା ପାରଦ

ଭୁବନେଶ୍ୱର, ୨୮ ।୪ (ସବ୍ୟୁ) : ଏପ୍ରିଲ ମାସ ଶେଷ ସପ୍ତାହରେ ସୂର୍ଯ୍ୟ କିରଣ ଆହୁରି ପ୍ରଖର ହେବାରେ ଲାଗିଛି। ପୂର୍ବ ଓଡ଼ିଶାର ଅନେକ ସ୍ଥାନରେ ପାଗ କୋହଲା ଥିଲା ବେଳେ ପଶ୍ଚିମ ଓଡ଼ିଶାର ଏକାଧିକ ସହର ଜଳିଛି । ତାତି ଯୋଗୁ ଅଧିକ ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି ଝାରସୁଗୁଡ଼ାବାସୀ ।ଭାରତୀୟ ପାଣିପାଗ ବିଭାଗ ଅନୁସାରେ ଆଜି ଝାରସୁଗୁଡ଼ାରେ ତାପମାତ୍ରା ୪୫.୩ ଡିଗ୍ରି ରେକର୍ଡ କରାଯାଇଛି ।ଏହା ଚଳିତ ବର୍ଷ ରାଜ୍ୟର ସର୍ବାଧିକ ତାପମାତ୍ରା । ଭୁବନେଶ୍ୱରରେ ତାପମାତ୍ରା ୩୫.୪ ଡିଗ୍ରି ଥିଲା ବେଳେ ରାଜ୍ୟର ୧୧ଟି ସହରର ଏହା ୪୦ ଡିଗ୍ରି ଉପରେ ରହିଛି ।

ସୂର୍ଯ୍ୟଙ୍କ ପ୍ରଖର କିରଣ ମଙ୍ଗଳବାର ପଶ୍ଚିମ ଓଡ଼ିଶାରେ ଅନୁଭୂତ ହୋଇଛି । ସକାଳ ୮ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରୁ ବାହାରକୁ ଯିବା ଅସମ୍ଭାଳ ହୋଇଛି । ଜରୁରୀ କାମ ନଥିଲେ ଲୋକେ ବାହାରକୁ ଯାଉନାହାଁନ୍ତି । ପ୍ରବଳ ଖରା ଏବଂ ଅଂଶୁଘାତ ଲୋକଙ୍କୁ



- ଉପକୂଳ କୋହଲା, ଜଳୁଛି ପଶ୍ଚିମ
- ୪୫.୩ରେ ଝାରସୁଗୁଡା ଦେଶର ଦ୍ୱିତୀୟ ଉତ୍ତପ୍ତ ସହର
- ୧୧ ସହରରେ ପାରଦ ୪୦° ଉପରେ

ଭୟ ଦେଖାଇଛି । ମଧ୍ୟାହ୍ଣ ସମୟରେ ରାସ୍ତାଘାଟଗୁଡ଼ିକ ଖାଲିଖାଲି ଲାଗୁଛି । ଚଳିତ ବର୍ଷ ଖରା ପ୍ରାୟ ଆହୁରି ୨ ମାସ ପର୍ଯ୍ୟନ୍ତ ଜାରି ରହିପାରେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯଦି ଆଗୁଆ ଆସିବ, ତାହେଲେ ଲୋକଙ୍କୁ ପ୍ରବଳ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ ।

ଗ୍ରୀଷ୍ମ ଲହରୀ କେବଳ ଓଡ଼ିଶାରେ ନୁହେଁ, ବରଂ ଅନ୍ୟ ରାଜ୍ୟରେ ମଧ୍ୟ ଜାରି ରହିଛି । ଉତ୍ତରପ୍ରଦେଶର ବାନ୍ଦାରେ ଆଜି ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ସର୍ବାଧିକ ୪୫.୩ (୯ ପୃଷ୍ଠାରେ)

## ନିର୍ବାଚନ ପରେ ବି ବଢ଼ିବନି ପେଟ୍ରୋଲ, ଡିଜେଲ ମୂଲ୍ୟ

ନୂଆଦିଲ୍ଲୀ, ୨୮ ।୪ : ବିଶ୍ୱରେ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିଲେ ସତ୍ତ୍ୱେ ତୈଳ କମ୍ପାନୀଗୁଡ଼ିକ ଏବେ କ୍ଷତିରେ ଚାଲିଛନ୍ତି। ଏବେ ଚାଲିଥିବା ବିଧାନସଭା ନିର୍ବାଚନ ପରେ ତେଲ ବଢ଼ିବ ବୋଲି ଯେଉଁ ଆଶଙ୍କା ଥିଲା ତାହାକୁ ସରକାର ଖଣ୍ଡନ କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପଶ୍ଚିମବଙ୍ଗର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୨୯ରେ ସରିଲା ପରେ ବି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବଢ଼ିବାର ସମ୍ଭାବନା ନାହିଁ।

ବିଶ୍ୱ ତୈଳ ବଜାରରେ ଏବେ ତୈଳ ଦର ବୃଦ୍ଧି ପାଉଥିବାରୁ ତୈଳ ବ୍ୟବସାୟୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଦେଶର କିଛି ରାଜ୍ୟରେ ତୈଳ ସଙ୍କଟ ଥିବା ରିପୋର୍ଟ ହେଉଛି। ଆନ୍ଧ୍ରପ୍ରଦେଶରେ ତୈଳ ମୂଲ୍ୟ ବୃଦ୍ଧି ହେବ ବୋଲି ଆଶଙ୍କା ପ୍ରକାଶ ପାଇବାରୁ ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଫଳରେ ୪୦୦ରୁ ଅଧିକ ପେଟ୍ରୋଲ ପମ୍ପରେ ରବିବାର ତେଲ ନଥିଲା। ତେଲର ଚାହିଦା ୩୦ ରୁ ୩୩% ବୃଦ୍ଧି ପାଇଥିଲା। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ କେତେକ ସ୍ଥାନରେ ଲୋକ ଆଶଙ୍କାଗ୍ରସ୍ତ ହୋଇ ତେଲ କିଣୁଥିବା ଦେଖିବାକୁ ମିଳିଛି। ଆମେ ସେହି ରାଜ୍ୟସରକାରଙ୍କ ସହ ଯୋଗାଯୋଗରେ ଅଛୁ। ପ୍ରତ୍ୟେକ ଖୁଚୁରା କେନ୍ଦ୍ରଗୁଡ଼ିକୁ ଅନୁଧ୍ୟାନ କରାଯାଉଛି ଓ ତେଲ ସରିବା ପୂର୍ବରୁ ତେଲ ଦେବାପାଇଁ ଯୋଜନା କରାଯାଇଛି। ମୂଲ୍ୟ ବୃଦ୍ଧିର କୌଣସି ପ୍ରସ୍ତାବ ନାହିଁ। ସବୁ ଖୁଚୁରା କେନ୍ଦ୍ରଗୁଡ଼ିକରେ ଯେଭଳି ତେଲ ନ ସରିବ ସେଥିପ୍ରତି ପଦକ୍ଷେପ ନିଆଯାଉଛି। ଦେଶରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଓ ଏଟିଏଫ୍ ମହଜୁଦ ଅଛି। ଚାହିଦାକୁ ଏହା ପୂରଣ କରିପାରିବ। ପ୍ରାୟ ୨୪୦୦ କୋଟି ଟଙ୍କା ଏବେ କ୍ଷତି ହେଉଛି। ତୈଳ ଫାର୍ମଗୁଡ଼ିକ ପେଟ୍ରୋଲରେ ୨୦ ଟଙ୍କା ଓ ଡିଜେଲରେ ୧୦୦ ଟଙ୍କା କ୍ଷତି ସହୁଛନ୍ତି। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଗତ ଦୁଇ ମାସ ମଧ୍ୟରେ ଅହେତୁକ ବୃଦ୍ଧି ହୋଇଛି। ମଧ୍ୟ ଏସିଆରେ ଦେଖାଦେଇଥିବା ଉତ୍ତେଜନାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### କେନ୍ଦୁଝରରେ ୧୬୪୭ କୋଟି ଗ୍ରୀଡ୍ ପ୍ରକଳ୍ପର ଶିଳାନ୍ୟାସ

## କେନ୍ଦୁଝର ହେବ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର : ମୁଖ୍ୟମନ୍ତ୍ରୀ

କେନ୍ଦୁଝର , ୨୮ ।୪ (ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବରେ ପରିଣତ କରିବା ଲକ୍ଷ୍ୟରେ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଂଚଳର ଉଛବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ ସବଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି।




ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟୱର୍କ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଲିଲୋ ଲାଇନ ସହିତ ଟିଟିପିଏସ -ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁ ସଂଯୋଗୀକରଣ କରାଯିବ ।ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ ।

ବିଦ୍ୟୁତ ବିଭ୍ରାଟକୁ (୯ ପୃଷ୍ଠାରେ)

### ଡିଜିଟାଲ ଆରେଷ୍ଟ ଠକେଇ

## ୯୪୦୦ ହ୍ୱାଟ୍ସଆପ୍ ଆକାଉଣ୍ଟ ବନ୍ଦ

ନୂଆଦିଲ୍ଲୀ, ୨୮ ।୪ : ଡିଜିଟାଲ ଆରେଷ୍ଟ ସ୍କାମ୍ ସହ ସମ୍ପୃକ୍ତ ୯୪୦୦ ଆକାଉଣ୍ଟକୁ ୧୨ ସପ୍ତାହ ମଧ୍ୟରେ ହ୍ୱାଟ୍ସଆପ୍ ବନ୍ଦ କରିଛି ।ସୁପ୍ରିମ୍‌କୋର୍ଟରେ ସଂସ୍ଥା ପକ୍ଷରୁ ଏହି ସୂଚନା ଦିଆଯାଇଛି । ସରକାରୀ ସଂସ୍ଥାର ସହଯୋଗରେ ଏହି ପଦକ୍ଷେପ ନିଆଯାଇଛି। ଆର୍ଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟେରମଣୀ ସୁପ୍ରିମ୍‌କୋର୍ଟ ପକ୍ଷରୁ ଏହି ସ୍କାମ୍ ବଢୁଥିବାର ଚିନ୍ତା ପ୍ରକଟ କରି ଯେଉଁ ମାମଲା ଦାଏର କରାଯାଇଥିଲା ସେଥିରେ ଉପସ୍ଥିତ ରହି ଏହି ମତ ରଖିଛନ୍ତି ।

ହ୍ୱାଟ୍ସଆପ୍ ପକ୍ଷରୁ ଏଭଳି ସ୍କାମ୍‌କୁ ପରିଚାଳନା କରୁଥିବା ଲୋକଙ୍କ ବିରୋଧରେ ଗୁଇନ୍ଦା ତଦନ୍ତ କରାଯାଇ ତଥ୍ୟ ଯୋଗାଡ କରାଯାଇଛି ।ଅଧିକାଂଶ ଭାରତୀୟ ବ୍ୟବହାରକାରୀ ଦକ୍ଷିଣପୂର୍ବ ଏସିଆରୁ ଏହି ସ୍କାମ କେନ୍ଦ୍ରଗୁଡ଼ିକ ଚଳାଉଥିଲେ। (୯ ପୃଷ୍ଠାରେ)

## ୫.୧୪ କୋଟି ସାଇବର ଠକେଇ: ଦାର୍ଜିଲିଂରୁ ଦୁଇ ଗିରଫ

ଭୁବନେଶ୍ୱର, ୨୮ ।୪ (ସବ୍ୟୁ) : ନିବେଶ ବାହାନାରେ ୫.୧୪କୋଟି ଟଙ୍କା ଠକେଇ କରିଥିବା ଏକ ର୍ୟାକେଟ୍‌ର ଦୁଇଜଣଙ୍କୁ ପଶ୍ଚିମବଙ୍ଗ ଦାର୍ଜିଲିଂରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ପୋଲିସ । ଅନ୍‌ଲାଇନ ନିବେଶ କରିବାକୁ ସାଇବର ଠକ ର୍ୟାକେଟ୍ ଏତଲାକାରୀଙ୍କୁ ପ୍ରଭାବିତ କରିଥିଲେ । ଟଙ୍କା ନିବେଶ ହେବା ପରେ ସେମାନେ ଅଧିକ ଲାଭ ତ ଦୂରର କଥା ନିବେଶ କରିଥିବା ମୂଳ ଟଙ୍କା ଫେରାଇଲେ ନାହିଁ । ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ପୀଡିତ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍‌ରେ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ୨୦୨୫ ମସିହା ଏପ୍ରିଲ ମାସ ୯ ତାରିଖରେ ୧୨ ନମ୍ବର କେସ୍‌ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ସାଇବର ଠକଙ୍କ ସମ୍ପର୍କରେ ସୂଚନା ପାଇଥିଲା। ସୂଚନା ଅନୁଯାୟୀ ତଦନ୍ତକାରୀ ଟିମ୍ ପଶ୍ଚିମବଙ୍ଗ ଦାର୍ଜିଲିଂ ଯାଇ ଚାରିଜଣିଆ ର୍ୟାକେଟ୍‌ର ଦୁଇଜଣଙ୍କୁ ଗିରଫ କରି ଓଡ଼ିଶା ଆଣିବା ପରେ କୋର୍ଟଚାଲାଣ କରାଯାଇଛି । ଦୁଇ ଅଭିଯୁକ୍ତ ହେଲେ କିରଣ ଗୁରୁଙ୍ଗ୍ (୫୫) ଓ ରଣଧୀର କୁମାର ରାୟ (୪୬) । ଉଭୟଙ୍କ ଘର ପଶ୍ଚିମବଙ୍ଗ ଦାର୍ଜିଲିଂ ଜିଲ୍ଲାରେ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଛି । ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍‌କାର୍ଡ, ଆଧାର କାର୍ଡ, ପ୍ୟାନ୍‌କାର୍ଡ ଏବଂ ଅନ୍ୟାନ୍ୟ ଠକେଇ (୯ ପୃଷ୍ଠାରେ)

## ପଞ୍ଚାୟତ ଭୋଟରେ କଂଗ୍ରେସ-ବିଜେଡି ମେଣ୍ଟ ହେବନି

ଭୁବନେଶ୍ୱର, ୨୮ ।୪ (ସବ୍ୟୁ) : ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ସହ କଂଗ୍ରେସର କୌଣସି ମେଣ୍ଟ ହେବନାହିଁ। ପଞ୍ଚାୟତ ନିର୍ବାଚନ କଂଗ୍ରେସ ଏକା ଲଢ଼ିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସ୍ପଷ୍ଟ କରିଛନ୍ତି। ତେବେ ଶ୍ରୀ ଦାସ କହିଛନ୍ତି ଯେ ବିଧାନସଭା ନିର୍ବାଚନ ବେଳକୁ ହାଇକମାଣ୍ଡ ଚାହିଁଲେ ଉଭୟ ଦଳ ମଧ୍ୟରେ ବୁଝାମଣା ହୋଇପାରେ।

ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଓ ବିଜେଡି ମିଳିତ ଭାବେ ପ୍ରାର୍ଥୀ ଦେଇଥିଲେ। ଏହାପରେ ରାଜ୍ୟରେ ବିଜେଡି-କଂଗ୍ରେସ ମଧ୍ୟରେ ମେଣ୍ଟ ହେବ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ଆଗତ ହେବାବେଳେ ବିଜେଡି ଏହାକୁ ବିରୋଧ କରିବ ବୋଲି ସ୍ପଷ୍ଟ କରିଥିଲା। ବିରୋଧୀ ମେଣ୍ଟ ଇଣ୍ଡିଆ (୯ ପୃଷ୍ଠାରେ)

## ଆରଏସ୍‌ପି ସମ୍ପ୍ରସାରଣ ଉଚ୍ଛେଦକୁ ବିରୋଧ

ରାଉରକେଲା, ୨୮ ।୪ (ସବ୍ୟୁ): ଆରଏସପି ସମ୍ପ୍ରସାରଣ ପାଇଁ ବସ୍ତି ଉଚ୍ଛେଦକୁ ନେଇ ଟାଙ୍ଗରପାଲି ଥାନା ଅନ୍ତର୍ଗତ ବିଜୁବନ୍ଧରେ ପୁଲିସ - ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଛନ୍ତି । ଯେ ପର୍ଯ୍ୟନ୍ତ ଉପଯୁକ୍ତ କ୍ଷତିପୂରଣ ନ ମିଳିଛି, ଜାଗା ଛାଡ଼ିବୁ ନାହିଁ ବୋଲି ବସ୍ତିବାସୀ ଚେତାବନୀ ଦେଇଛନ୍ତି । ପୁଲିସ ୧୫ରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି । ପୁଲିସ ଫୋର୍ସ ଉପସ୍ଥିତିରେ ସମ୍ପ୍ରସାରଣ କାମ ଚାଲିଛି । ଆର୍‌ଏସପି ସମ୍ପ୍ରସାରଣ ପାଇଁ ୧୨୦୦ ଏକର ଜମି ଚିହ୍ନଟ ହୋଇଛି ।ସେପଟେ ବରକାନି, ବିଜୁବନ୍ଧ, କାଟେ ବସ୍ତି, ରେଙ୍ଗାଲି ବସ୍ତି, ଝାରମୁଣ୍ଡା, ଚିରୁବେଡା, ବାହାଗଡ଼, ଟୁଙ୍ଗୁରିଟୋଲା, ବାଗନ ବସ୍ତି, ବୁରୁଡିହିର ଶତାଧିକ ବାସିନ୍ଦା ରେଙ୍ଗାଲି ବସ୍ତିରେ ଏକାଠି ହୋଇଛନ୍ତି । ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରୁଛନ୍ତି । ରାଉରକେଲା ଏସପି ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

ଆମକୁ ପୂର୍ବରୁ ସ୍ୱପ୍ନ (୯ ପୃଷ୍ଠାରେ)

## ଆଜି ପ.ବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍

ନୂଆଦିଲ୍ଲୀ, ୨୮ ।୪ : ସମଗ୍ର ଦେଶର ଦୃଷ୍ଟିରେ ରହିଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ମତଦାନ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ପଶ୍ଚିମବଙ୍ଗରେ ମୁଖ୍ୟତଃ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ ଲଢ଼େଇ ହେଉଛି। ତୃଣମୂଳ କଂଗ୍ରେସ ପକ୍ଷରୁ ମମତା ବାନାର୍ଜୀଙ୍କୁ ଚେହେରା କରାଯାଇଥିବାବେଳେ ବିଜେପି କୌଣସି ସ୍ଥାନୀୟ ନେତାଙ୍କୁ ଚେହେରା କରିନାହିଁ। କହିବାକୁ ଗଲେ ସେଠି ସିଧାସଳଖ ମମତା ବାନାର୍ଜୀ ଓ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଲଢ଼େଇ ହେଉଛି।

ଆସନ୍ତାକାଲି ଭୋଟ୍ ଗ୍ରହଣ ପରେ ଏକ୍‌ଜିଟ୍ ପୋଲର ଫଳାଫଳ ମଧ୍ୟ ଆସିବ। ଦୁଇଟି ପର୍ଯ୍ୟାୟରେ



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହୋଇଛି। ଆସନ୍ତାକାଲି ହେବାକୁ ଥିବା ଭୋଟ୍ ଗ୍ରହଣ ପୂର୍ବାହ୍ଣ ୭ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ଯାଏ ଚାଲିବ। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେ' ୪ରେ ଭୋଟ୍ ଗଣତି କରାଯିବ।

### ୧୪୨ ନିର୍ବାଚନମଣ୍ଡଳୀରେ ମତଦାନ

ମେ' ୪ରେ ସବୁ ନିର୍ବାଚନମଣ୍ଡଳୀର ଭୋଟ୍ ଗ୍ରହଣ କରାଯାଇ ଫଳ ପ୍ରକାଶ ପାଇବ। ଫଳ ପ୍ରକାଶ ପରେ ରାଜ୍ୟରେ ପରବର୍ତ୍ତୀ ସରକାର କିଏ ଗଢ଼ିବ ତାହା ସ୍ପଷ୍ଟ ହୋଇଯିବ। ଭୋଟରମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଗାଇଡ୍‌ଲାଇନ୍ ଇସୁ କରାଯାଇଛି। ଭୋଟରମାନେ ନିଜ ସାଙ୍ଗରେ ଚିହ୍ନଟ ପାଇଁ ବୈଧ ପରିଚୟପତ୍ର ନେବେ। ଭୋଟ୍ ପରିଚୟପତ୍ର ସହ ଆଧାର କିମ୍ବା ପାସ୍‌ପୋର୍ଟ ଯାହା ନେଇପାରିବେ। ସଠିକ୍ ପରିଚୟପତ୍ର ନଥିଲେ ଭୋଟ୍ ଦେବାକୁ ଅନୁମତି ଦିଆଯିବନାହିଁ। ତେଣୁ ମତଦାନ କେନ୍ଦ୍ରକୁ ଯିବା ପୂର୍ବରୁ ଭୋଟରମାନେ ସବୁ ତଥ୍ୟ ଯାଞ୍ଚ କରି ନେବାପାଇଁ କୁହାଯାଇଛି। କର୍ତ୍ତୃପକ୍ଷ ମଧ୍ୟ ବୁଥ୍ କେନ୍ଦ୍ରକୁ ମୋବାଇଲ ଫୋନ୍ ନ ନେବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଭୋଟରମାନେ ମଧ୍ୟ କୌଣସି ରାଜନୈତିକ ଦଳର ଚିହ୍ନ ଥିବା ସାମଗ୍ରୀ ବୁଥ୍ ଭିତରକୁ ନେଇପାରିବେ ନାହିଁ। ବୁଥ୍ ମଧ୍ୟରେ ପ୍ରବେଶ କଲାପରେ ଭୋଟରମାନଙ୍କୁ ସରକାରୀ ପ୍ରକ୍ରିୟାକୁ ଗୋଟିଏ ପରେ ଗୋଟେ ଦେବାକୁ ପଡ଼ିବ। ଭୋଟ୍ ଦେବାପରେ ସେମାନେ ତାହାର ଯାଞ୍ଚ ଭିଭିପାଟ୍ ମେସିନ୍ ଦ୍ୱାରା କରିପାରିବେ। ଫଳରେ ସେମାନଙ୍କ ଭୋଟ୍ କେଉଁଠି ପଡ଼ିଲା ତାହା ଜାଣିପାରିବେ। ବୁଥ୍ କେନ୍ଦ୍ରଗୁଡ଼ିକରେ ବେଳାବେଳି ପହଞ୍ଚିବାକୁ କୁହାଯାଇଛି। ଯେଉଁ ନିର୍ବାଚନମଣ୍ଡଳୀରେ ଅଧିକା ଭୋଟର ଅଛନ୍ତି ସେଠାରେ ଆଗୁଆ ଯିବାପାଇଁ କୁହାଯିବା ସହ ଲମ୍ବା ଧାଡ଼ିରୁ ବଞ୍ଚିବା ଲାଗି କୁହାଯାଇଛି।

## ଓପିଇସିରୁ ଓହରିଲା ୟୁଏଇ

ନୂଆଦିଲ୍ଲୀ, ୨୮ ।୪ : ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶ ପରେ ୟୁନାଇଟେଡ୍ ଆରବ ଇମିରେଟ୍ସ (ୟୁଏଇ) ଏବେ ପେଟ୍ରୋଲିୟମ୍ ରପ୍ତାନୀ କରୁଥିବା ଦେଶ ସଂଗଠନ (ଓପିଇସି) ଏବଂ ଓପିଇସିପ୍ଲସ୍‌ରୁ ବାହାରିବା ପାଇଁ ନିଷ୍ପତ୍ତି ନେଇଛି। ମେ' ପହିଲାରୁ ଏହା କାର୍ଯ୍ୟକାରୀ ହେବ। ଏହି ନିଷ୍ପତ୍ତି ଏହି ପରିପ୍ରେକ୍ଷୀରେ ନିଆଯାଇଛି ଯେ ଇରାନ ପକ୍ଷରୁ ଶକ୍ତି ଉତ୍ସକୁ ଟାର୍ଗେଟ କରାଯିବା ଓ ବିଶ୍ୱ ଅର୍ଥନୀତି ଅସ୍ଥିରତା ଦେବାଦେବା ପରିପ୍ରେକ୍ଷୀରେ ନିଆଯାଇଛି।

ଏହି ନିଷ୍ପତ୍ତି ୟୁଏଇର ସରକାରୀ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଜଣାଇ ଦିଆଯାଇଛି। ୟୁଏଇ ପକ୍ଷରୁ କୁହାଯାଇଛି ଯେ ସେମାନେ ଏବେ ଘରୋଇ ଶକ୍ତି ଉତ୍ପାଦନର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେବେ। ବିଶ୍ୱ ଶକ୍ତି ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହି ନିଷ୍ପତ୍ତି ୟୁଏଇର ଦୀର୍ଘମିଆଦି ଯୋଜନା ଓ ଆର୍ଥିକ ଆଭିମୁଖ୍ୟକୁ ଲକ୍ଷ୍ୟ (୯ ପୃଷ୍ଠାରେ)

# ଅନ୍ତର୍ଜାତୀୟ ନୃତ୍ୟ ଦିବସ



## ବଢୁଛି ଆଞ୍ଚଳିକ ସିନେମାର କ୍ରେଜ

ଏକ ସାକ୍ଷାତକାରରେ ବଲିଉଡ ସହ ସାଉଥ ସିନେମାକୁ ତୁଳନା କରିଛନ୍ତି ଅଭିନେତ୍ରୀ ପାର୍ବତୀ ଥିରୁଭୋଥୁ । ପାର୍ବତୀଙ୍କ କହିବା ଅନୁଯାୟୀ, ଆଞ୍ଚଳିକ ସିନେମାରେ କାହାଣୀ କହିବାର ଶୈଳୀ ବେଶ୍ ନିର୍ଭୀକ ହୋଇଥାଏ । ଯାହା ବଲିଉଡ୍ ସିନେମାରେ ପ୍ରାୟତଃ ଦେଖିବାକୁ ମିଳେନାହିଁ । ବଲିଉଡରେ ଅଧିକ ଅର୍ଥ ବିନିଯୋଗ ହେଉଥିବାରୁ ସାହସୀ ପଦକ୍ଷେପ ନେବା କଷ୍ଟକର ବୋଲି ଯେଉଁ ଯୁକ୍ତି ଦିଆଯାଏ, ତାହାକୁ ଖଣ୍ଡନ କରିଛନ୍ତି ଅଭିନେତ୍ରୀ । ତାଙ୍କ ମତରେ ଅଧିକ ଅର୍ଥ ଥିଲେ ହିଁ ଜଣେ ଅଧିକ ସାହସୀ ହେବା ଉଚିତ, କିନ୍ତୁ ବଲିଉଡ ଫିଲ୍ମ କ୍ଷେତ୍ରରେ ଏଭଳି ହୋଇନଥାଏ । ହେଲେ ରିଜୋନାଲ ଫିଲ୍ମରେ ଏଭଳି ସାହସ ଦେଖିବାକୁ ମିଳୁଥିବା ସେ ମତ ଦେଇଛନ୍ତି । ତେଣୁ ବଲିଉଡ ସିନେମା ଅପେକ୍ଷା ରିଜୋନାଲ ସିନେମାର କାହାଣୀରେ ଅଧିକ ନିର୍ଭୀକତା ଦେଖିବାକୁ ମିଳିଥାଏ । ସେହିଭଳି ବର୍ତ୍ତମାନ ଦର୍ଶକ ମଧ୍ୟ ଏଭଳି ସିନେମାକୁ ଅଧିକ ଭଲପାଇବା ଦେବା ଆରମ୍ଭ କରିଛନ୍ତି ବୋଲି ଅଭିନେତ୍ରୀ ପ୍ରକାଶ କରିଛନ୍ତି । ତାଙ୍କର ଏହି ସାକ୍ଷାତକାରଟି ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଅଭିନେତ୍ରୀଙ୍କର ଏଭଳି ବୋଲ୍ଡ ଷ୍ଟେଟମେଣ୍ଟକୁ ତାଙ୍କ ଫ୍ୟାନମାନେ ଖୁବ ପସନ୍ଦ କରିବାରେ ଲାଗିଛନ୍ତି ।




ପ୍ରତିବର୍ଷ ଏପ୍ରିଲ ୨୯ ତାରିଖକୁ ସାରା ବିଶ୍ୱରେ 'ଅନ୍ତର୍ଜାତୀୟ ନୃତ୍ୟ ଦିବସ' ଭାବେ ବେଶ୍ ଉତ୍ସାହର ସହ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୃତ୍ୟ କଳାର ପ୍ରଚାର ପ୍ରସାର କରିବା । ଆଧୁନିକ ବାଲେ ନୃତ୍ୟର ଜନକ ଭାବେ ପରିଚିତ ଜିନ୍-ଜର୍ଜେସ୍ ନୋଭେରେଙ୍କ ଜନ୍ମତିଥିରେ ୧୯୮୨ ମସିହାରୁ ୟୁନେସ୍କୋର ଆନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନ ଦ୍ୱାରା ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା । ନୃତ୍ୟ କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଆଧ୍ୟାତ୍ମିକତା, ଶାରୀରିକ ସୁସ୍ଥତା ଏବଂ ସାଂସ୍କୃତିକ ପରିଚୟର ବାର୍ତ୍ତା ବାହକ । ଏହି ଅବସରରେ ବିଭିନ୍ନ ସ୍ଥାନରେ ନୃତ୍ୟ କର୍ମଶାଳା, ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଓଡ଼ିଶୀ, ଛଉ ଓ ଗୋଟିପୁଅ ଭଳି ପାରମ୍ପରିକ ନୃତ୍ୟ ସମେତ ବିଭିନ୍ନ ଶୈଳୀର ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଏ ।

## ସୂର୍ଯ୍ୟଙ୍କ ଉପରେ ମାଲିକାନା ଦାବି

ସ୍ପେନର ବାସିନ୍ଦା ଏଞ୍ଜେଲସ୍ ଦୁରନ୍ ନାମକ ଜଣେ ମହିଳା ନିଜକୁ ସୂର୍ଯ୍ୟଙ୍କ ମାଲିକ ବୋଲି ଦାବି କରି ଚର୍ଚ୍ଚାକୁ ଆସିଛନ୍ତି । ୨୦୧୦ ମସିହାରେ ସେ ଏକ ନୋଟାରୀ ଅଫିସକୁ ଯାଇ ସୂର୍ଯ୍ୟ ତାଙ୍କ ସମ୍ପତ୍ତି ବୋଲି ଦସ୍ତାବେଜ ପ୍ରସ୍ତୁତ କରିଥିଲେ । ଏହାପରେ ସୂର୍ଯ୍ୟକିରଣ ବ୍ୟବହାର କରୁଥିବା ଲୋକଙ୍କଠାରୁ ଟିକସ ଆଦାୟ କରିବାର ଏକ ଅଜବ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ । ସେହି ଟିକସର ୫୦ ପ୍ରତିଶତ ସରକାରଙ୍କୁ, ୨୦ ପ୍ରତିଶତ ପେନସନ ପାଣ୍ଠିକୁ ଏବଂ ବାକି ଅଂଶ ଗବେଷଣା ତଥା ନିଜ ପାଇଁ ରଖିବାକୁ ସେ ସ୍ଥିର କରିଥିଲେ । ସୋସିଆଲ ମିଡିଆରେ ଏହାକୁ ନେଇ ମହିଳାଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡିଥିଲା । ୧୯୬୭ ମସିହାର 'ଆଉଟର ସ୍ପେସ୍ ଟ୍ରିଟି' ଅନୁଯାୟୀ କୌଣସି ବ୍ୟକ୍ତି ବା ଦେଶ ମହାକାଶର ବସ୍ତୁ ଉପରେ ନିଜର ମାଲିକାନା ସତ୍ତ୍ୱ ଜାହିର କରିପାରିବେ ନାହିଁ ତେଣୁ କୋର୍ଟ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହା ସତ୍ତ୍ୱେ ସେ ହାର୍ ନମାନି ୨୦୧୫ରେ ଇ-ବେ ମାଧ୍ୟମରେ ସୂର୍ଯ୍ୟଙ୍କ ଜମି ବିକ୍ରି କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ବର୍ଗ ମିଟରର ମୂଲ୍ୟ ସେ ୧୦୦ ଟଙ୍କା ରଖିଥିବା ଦେଖିବାକୁ ମିଳିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଥିଲା । ବର୍ତ୍ତମାନ କିଛି ବର୍ଷ ପରେ ପୁଣି ଘଟଣାଟି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।



## ମଶା ପିଉଛନ୍ତି ସାପ ରକ୍ତ

ସାଧାରଣତଃ ସମସ୍ତେ ଭାବନ୍ତି ମଶାମାନେ କେବଳ ମଣିଷଙ୍କୁ କାମୁଡନ୍ତି ଏବଂ ମଣିଷ ରକ୍ତ ପିଅନ୍ତି । ହେଲେ ନିକଟରେ ବୈଜ୍ଞାନିକମାନଙ୍କ ମତରେ, ମଶାମାନେ କେବଳ ମଣିଷ କିମ୍ବା ପକ୍ଷୀ ନୁହେଁ, ବରଂ ସାପ, ଏଣ୍ଡୁଅ ଓ କଇଞ୍ଛ ଭଳି ସରୀସୃପମାନଙ୍କ ରକ୍ତ ମଧ୍ୟ ଶୋଷଣ କରିଥାନ୍ତି । ସାପର ଚମଡ଼ାରେ ଥିବା ଅତି ସୂକ୍ଷ୍ମ ସ୍ଥାନ ଦେଇ ମଶାମାନେ ନିଜ ଶୁଣ୍ଢ ସାହାଯ୍ୟରେ ରକ୍ତ ପିଇଥାନ୍ତି । ଯାହା ସେମାନଙ୍କ ପାଇଁ ବେଶ୍ ପୁଷ୍ଟିକର ହୋଇଥାଏବୋଲି ବୈଜ୍ଞାନିକ ପ୍ରକାଶ କରିଛନ୍ତି । ସାଧାରଣତଃ ଏହାଦ୍ୱାରା ସାପମାନଙ୍କର କୌଣସି ପ୍ରତ୍ୟକ୍ଷ କ୍ଷତି ହୋଇନଥାଏ, କିନ୍ତୁ ମଶାମାନେ ବିଭିନ୍ନ ଭୂତାଣୁ ବାହକ ହୋଇଥିବାରୁ କେତେକ କ୍ଷେତ୍ରରେ ସାପମାନେ ମଧ୍ୟ ରୋଗର ଶିକାର ହେବାର ସମ୍ଭାବନା ଥାଏ । ତେବେ ଏହି ଆବିଷ୍କାର ବୈଜ୍ଞାନିକମାନଙ୍କ ପାଇଁ ଏକ ବଡ଼ ସଫଳତା ପାଲଟିଛି । ସେମାନେ ମଶାମାନଙ୍କ ମାଧ୍ୟମରେ ବର୍ତ୍ତମାନ ଜଙ୍ଗଲ ଭିତରେ ସାପମାନଙ୍କର ଗତିବିଧି ଓ ସ୍ଥାନ ନିରୂପଣ କରିବାରେ ବ୍ୟବହାର କରିପାରିବେ ।



## ଇତିହାସ

୧୬୩୯- ଦିଲ୍ଲୀରେ ଲାଲକିଲ୍ଲାର ଶିଳାନ୍ୟାସ ।
୧୮୪୮- ପ୍ରସିଦ୍ଧ ଚିତ୍ରକାର ରାଜା ରବି ବର୍ମାଙ୍କ ଜନ୍ମ ।
୧୯୩୦- ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଟେଲିଫୋନ ସେବା ଆରମ୍ଭ ।
୧୯୩୯- କଂଗ୍ରେସରୁ ଇସ୍ତଫା ଦେଇଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।
୧୯୫୮- ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ନିଧନ ।
୧୯୭୯- ଭାରତୀୟ କ୍ରିକେଟର ଆଶିଷ ନେହରାଙ୍କ ଜନ୍ମ ।
୧୯୯୧- ବାଙ୍ଗଲାଦେଶ ମହାବାତ୍ୟାରେ ୧ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ ।
୧୯୯୩- ପ୍ରଥମ ଥର ବକିଂମହମ୍ ପ୍ୟାଲେସ୍ ସାଧାରଣ ଜନତାଙ୍କ ପାଇଁ ଖୋଲାଗଲା ।
୧୯୯୭- ରାସାୟନିକ ଅସ୍ତ୍ରଶସ୍ତ୍ର ଉପରେ ଲାଗିଲା ପ୍ରତିବନ୍ଧକ ।

## ଟଏଲେଟ ସିଟରେ ବିଜ୍ଞାପନ

ଆମେରିକାର ଫିଲାଡେଲଫିଆରେ ରହୁଥିବା ନିକ୍ ଗ୍ରୀନାୱାଲ୍ଟ ନାମକ ଜଣେ ବ୍ୟକ୍ତି ନିଜ ଶୌଚାଳୟର ଟଏଲେଟ୍ ସିଟ୍‌କୁ ବିଜ୍ଞାପନ ପାଇଁ ବ୍ୟବହାର କରୁଛନ୍ତି । ମଜାରେ ମଜାରେ ଆରମ୍ଭ ହୋଇଥିବା ଏହି ଅଭିନବ ଚିନ୍ତାଧାରା ମାଧ୍ୟମରେ ସେ ୧୦ ଲକ୍ଷ ଡଲାର ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି । ତାଙ୍କ ସହିତ ଅନେକ ବ୍ରାଣ୍ଡ ବର୍ତ୍ତମାନ ଏଥିରେ ସାମିଲ ହୋଇଛନ୍ତି । ଏହି ତାଲିକାରେ କ୍ଲୋରକ୍ସ, ମିରାଲାକ୍ସ ଏବଂ ମୁନ୍-ପେ ଭଳି ବଡ଼ ବଡ଼ ବ୍ରାଣ୍ଡଗୁଡ଼ିକ ସାମିଲ ହୋଇସାରିଛନ୍ତି । ନିକ୍ ନିଜର ଏହି ଟଏଲେଟ୍ ସିଟ୍ ବିଜ୍ଞାପନର ଭିଡିଓ ସୋସିଆଲ ମିଡିଆରେ ସେୟାର କରିବା ପରେ ତାହା ଭାଇରାଲ ହେବାରେ ଲାଗିଥିଲା । ଯେଉଁଥିରେ ଗୋଟିଏ ଭିଡିଓକୁ ୪ କୋଟିରୁ ଅଧିକ ଭିୟୁଜ୍ ମିଳିଛି । ଅଳ୍ପ ବଜେଟ୍ ମଧ୍ୟରେ ଲକ୍ଷ ଲକ୍ଷ ନୂଆ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବା ପାଇଁ ଏହା ଏକ ପ୍ରଭାବଶାଳୀ ମାଧ୍ୟମ ବୋଲି ବିଜ୍ଞାପନଦାତାମାନେ ମତ ଦେବାରେ ଲାଗିଛନ୍ତି । ସୋସିଆଲ ମିଡିଆରେ ସମସ୍ତେ ତାଙ୍କର ଏହି ନୂଆ ତଥା ହଟକେ ଚିନ୍ତାଧାରାକୁ ପ୍ରଶଂସା କରିବାରେ ଲାଗିଛନ୍ତି ।




## ସୋସିଆଲ କୋଟ୍ସ



ମୁଁ ସବୁବେଳେ ଶୁଣିଛି ମୁମ୍ବାଇ ଝିଅଙ୍କ ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ । ମୁଁ କେବେହେଲେ ଭାବି ନଥିଲି ଏଠାରେ ମୋ ସହିତ ଏମିତି ହେବ । ମୋର ସ୍ୱାଗତ ମୁମ୍ବାଇରେ ଏଭଳି ମାରପିଟରେ ହେବ ।

ପ୍ରିତି ସିଂ, ସ୍ପ୍ଲିଟଭିଲ୍ଲା ପ୍ରତିଯୋଗୀ



ଧୁରନ୍ଧରର ଗୀତ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ଏହି ସଫଳତା ପାଇଁ ଅନେକ ସଂଘର୍ଷ ସହିତ ଅପେକ୍ଷା କରିଛି । ଅନେକ ଥର ରିଜେକସନ ପରେ ଏହି ସଫଳତା ମିଳିଛି ।

ବୈଭବ ଗୁପ୍ତା, ସିଙ୍ଗର



ବର୍ତ୍ତମାନ ଭାରତକୁ ଅନ୍ତର୍ଜାତୀୟ ସ୍ତରରେ ରିପ୍ରେଜେଣ୍ଟ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଆଗକୁ ଅନେକ କିଛି କରିବାର ଲକ୍ଷ ରହିଛି ।

ସାଧ୍ୱୀ ସୈଲ, ଫେମିନା ମିସ ଇଣ୍ଡିଆ ବିଜେତା



**ମେଷ:** ଧନପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଦେବଦର୍ଶନ, ଶତ୍ରୁନାଶ, ଉଚ୍ଚଆଶାରେ ବାଧା, ବିବାଦ ସମାଧାନ, କର୍ମନିଯୁକ୍ତି, ମୋକଦ୍ଦମାରେ ବିଜୟ, ଦୂରଯାତ୍ରା, ପିଲାଙ୍କ ପ୍ରତି ଆନନ୍ଦ, ବିଦ୍ୟାରେ ସଫଳତା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ଧନବ୍ୟୟ, କର୍ମକ୍ଷେତ୍ରେ ଅଶାନ୍ତି, ଦୂରସ୍ଥାନକୁ ଯାତ୍ରା, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦ୍ୱାରା କଷ୍ଟ, ନୂତନ ବାଣିଜ୍ୟ ଆରମ୍ଭ, ଶରୀର ସୁସ୍ଥ, ଉତ୍ସବ ପ୍ରତି ବିମୁଖ, ବିଦ୍ୟାରେ ଅବନତି, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମା' ବଗଳାମୁଖୀ ।

**ମିଥୁନ:** ସମ୍ମାନ ବୃଦ୍ଧି, ଶତ୍ରୁନାଶ, ଉଚ୍ଚଆଶା ସଫଳ, ବ୍ୟବସାୟରେ ଲାଭ, ଭୂସମ୍ପତ୍ତିର ସମାଧାନ, ଦୂରଯାତ୍ରା, ବିବାଦ ସମାଧାନ, ଶରୀର ସୁସ୍ଥ, ପରିବାରରେ ସ୍ତ୍ରୀ ସହଯୋଗ, ପିଲାଙ୍କ ଖୁସି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧, ଆରାଧନା-କୁବେର ଭଗବାନ ।

**କର୍କଟ:** ଗଠନମୂଳକ କାର୍ଯରେ ବିବାଦ, ବନ୍ଧୁଦର୍ଶନ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ଲାଭ, ଉତ୍ସବ ରହିବ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ମା' ଭଗବତୀ ।

**ସିଂହ:** ଦ୍ରବ୍ୟଲାଭ, କାର୍ଯ୍ୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା ସମାଧାନ, ପ୍ରୀତିବୃଦ୍ଧି, ଆମୋଦ ପ୍ରମୋଦ, ଲମ୍ବାଯାତ୍ରା, ବ୍ୟବସାୟରେ ଆଗ୍ରହ, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ଭଗବାନ ବିଷ୍ଣୁ ।

**କନ୍ୟା:** ସମସ୍ୟା ସମାଧାନ, ଦେବଦର୍ଶନ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳତା, ସୁସମାଚାର, ଶତ୍ରୁବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ହଠାତ୍ ଦୂରଯାତ୍ରା, ସ୍ତ୍ରୀ ସହଯୋଗ, ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା- ୯, ଆରାଧନା-ଶଙ୍କର ଭଗବାନ ।

**ତୁଳା:** କର୍ମକ୍ଷେତ୍ରେ ଶୁଭ, ଦୂରଯାତ୍ରା, ଉଚ୍ଚଆଶା ବିଳମ୍ବ, ଶତ୍ରୁ ପରାଜିତ ଦାମ୍ପତ୍ୟ ଖୁସି, ବ୍ୟବସାୟରେ ମାନ୍ଦା, ସୁସମାଚାର, ମୋକଦ୍ଦମାରେ କଷ୍ଟ, ପଡ଼ୋଶୀ କଳହ, ମାନସିକ ଦୁଃଖ, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ବିଛା:** ଅସନ୍ତୁଷ୍ଟ, ଶତ୍ରୁ ସମସ୍ୟା, କର୍ମକ୍ଷେତ୍ରେ ସ୍ୱଳ୍ପ ସମସ୍ୟା, ମାନସିକ କଷ୍ଟ, ଅର୍ଥ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହ ନିର୍ମାଣ, ମୋକଦ୍ଦମାରେ ସନ୍ତୁଷ୍ଟ, ଦୂରଯାତ୍ରା, ସନ୍ତାନ ସ୍ନେହ, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସଫଳତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥ ସମସ୍ୟା, ସୁସମ୍ବାଦ ପ୍ରାପ୍ତି, ବିଦାଦ ସମାଧାନ, ଆଶା ସଫଳ, କର୍ମକ୍ଷେତ୍ରେ ବିବାଦ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା- ୯, ଆରାଧନା-ପିତାମାତାଙ୍କ ସେବା ।

**ମକର:** ଦ୍ରବ୍ୟପ୍ରାପ୍ତି, ଅଳ୍ପ ସମସ୍ୟା, ଦୂରଯାତ୍ରା, ଦେବଦର୍ଶନ, ବାଣିଜ୍ୟରେ ଲାଭ, ଶତ୍ରୁ ସମସ୍ୟା, ଗୃହ ସମସ୍ୟା, ସମ୍ମାନ ପ୍ରାପ୍ତି, ସୁସମ୍ପର୍କ, ପୁରାତନ ରୋଗ, ସନ୍ତାନସୁଖ, ଲୋକସମ୍ପର୍କ ବୃଦ୍ଧି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ସଫଳତା, ସମ୍ମାନବୃଦ୍ଧି, ଦାମ୍ପତ୍ୟ କଳହ, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ଦୂରସ୍ଥାନକୁ ଯାତ୍ରା, ପଡ଼ୋଶୀ କଳହ, ମୋକଦ୍ଦମାରେ କଷ୍ଟ, ସନ୍ତାନ ଖୁସି, ସୁସମ୍ବାଦ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୫, ଆରାଧନା- ପ୍ରଭୁ ଗଣେଶ ।

**ମୀନ:** କିଛି କିଣାକିଣିରେ ଖୁସି, ଋଣଗ୍ରସ୍ତ, ସମ୍ପର୍କରେ ଉନ୍ନତି, ବନ୍ଧୁଦର୍ଶନ, ଗୃହେ ଅଶାନ୍ତି, ଶତ୍ରୁ ବୃଦ୍ଧି, ମୋକଦ୍ଦମାରେ ପଡ଼ିପାରନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ପିଲାଙ୍କ ଚିନ୍ତା, ଶାରୀରିକ କଷ୍ଟ, ମାନସିକ ଅଶାନ୍ତି, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

ବୈଶାଖ ଶୁକ୍ଳପକ୍ଷ, ତ୍ରୟୋଦଶୀ
୨୯.୪.୨୦୨୬ ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ବି.ଏନ.କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବି.ଏନ.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାରଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ.କେ ଉଚ୍ଚ ବିଦ୍ୟାଳୟକୁ ପି. ଏମ. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ । ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି । ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି । ୫ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି । ରାଜ୍ୟର ୮୦୦ ସ୍କୁଲକୁ 'ପିଏମ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ । 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି । ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି ।ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବି.ଏନ.କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ପୁରୁଷୋତ୍ତମପୁର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ତେଲକୋଇ ବିଧାୟକ ଡ଼ଃ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଇଲା ଖଣି ଅଞ୍ଚଳରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ

# ସାଧାରଣ ଲୋକଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଥିବା ଜିଲ୍ଲାମାନଙ୍କର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଜିଲ୍ଲାର ଖଣି ଖନନ ଏବଂ ତାପଜ ଶକ୍ତି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଜମି ଅଧିଗ୍ରହଣ ଯୋଗୁଁ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ।

ଖଣି ଏବଂ ଶିଳ୍ପାଞ୍ଚଳମାନଙ୍କରେ ବିଭିନ୍ନ ଖଣି କମ୍ପାନୀ ମାନଙ୍କ ପକ୍ଷରୁ ଟ୍ରକମାନଙ୍କ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ହେବା ଦ୍ୱାରା ପ୍ରଦୂଷଣ ସମସ୍ୟା ଉପୁଜୁଥିବାରୁ ମାନ୍ୟବର ମନ୍ତ୍ରୀ ଏ ସମ୍ପର୍କରେ ତାଗିଦ୍ କରିବା ସହ କେବଳ ନିର୍ଦ୍ଦିଷ୍ଟ ସୀମିତ ସମୟ ମଧ୍ୟରେ ହିଁ ଟ୍ରକ୍ ମାନଙ୍କର ପରିବହନ ନିମନ୍ତେ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରାଧିକାରୀମାନେ ଏ ସମ୍ପର୍କରେ ନିୟମିତ ପର୍ଯ୍ୟବେକ୍ଷଣ କରି ପ୍ରଦୂଷଣ ସମସ୍ୟାର ସମାଧାନ ସୁନିଶ୍ଚିତ କରିବା ଦିଗରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ



ଜିଲ୍ଲାମାନଙ୍କରେ ରାସ୍ତାରେ ପରିବହନକୁ ହ୍ରାସ କରି ଭୂତଳ ମାଧ୍ୟମରେ ଫ୍ଲାଏ ଆଶ୍ ନିଷ୍କାସନ ତଥା ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାର ବ୍ୟବସ୍ଥା କରିବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଟ୍ରାଫିକ୍ ସମସ୍ୟା ତଥା ପର୍ଯ୍ୟାବରଣ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ରାତି ସମୟରେ ଏବଂ ଟ୍ରକରେ ଘୋଡ଼ାଇ ଫ୍ଲାଏ ଆଶ୍ ପରିବହନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାଉଁଶ ପରିବହନ କାର୍ଯ୍ୟରେ ପର୍ଯ୍ୟାୟକ୍ରମେ ଖୋଲା ଟ୍ରକ୍ ପରିବର୍ତ୍ତେ କଭର୍ ଟ୍ରକ ବା କଣ୍ଟେନର୍ ବ୍ୟବହାର କରିବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପାଉଁଶ ପରିବହନ ପୂର୍ବରୁ ପ୍ରାମାଣିକ କାର୍ଯ୍ୟପଦ୍ଧତି ସମ୍ପର୍କିତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ନିୟମ ବହିର୍ଭୂତ ଅଥବା ପରିବେଶ ବିରୋଧୀ ତଥା ଅନଧିକୃତ ଭାବରେ ପାଉଁଶ ପକାଇଲେ ଦୃଢ଼ ଆଇନଗତ ପଦକ୍ଷେପ ନେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମସିଏଲ୍)କୁ ସେମାନଙ୍କର ଅଧିଗୃହିତ ଜମି ଉପରେ ଜମିପଟ୍ଟା ପ୍ରଦାନ କରିବା ସହ ସ୍ଥାନୀୟ ଅଞ୍ଚଳରେ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡର ଅଧିକାରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଚଣ୍ଡିଖୋଲ ପେଟ୍ରୋଲିୟମ ରିଜର୍ଭ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ 'ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍' (ଆଇଏସପିଆରଏଲ)ର ଡେପୁଟି ସିଇଓ ଅତୁଲ ଗୁପ୍ତାଙ୍କ ସହ



ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା 'ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ' ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି, ୪ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କ୍ଷମତା ବିଶିଷ୍ଟ ଏହି ବିଶାଳ ତୈଳ ଭଣ୍ଡାର ପ୍ରକଳ୍ପ ଆଗାମୀ ଦିନରେ ଓଡ଼ିଶାରେ ବିକାଶ ଓ ନିଯୁକ୍ତିର ନୂଆ ସୁଯୋଗ ତିଆରି କରିବ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ମିଶନ ମାଧ୍ୟମରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ 'ଉର୍ଜା ହବ୍' ଭାବେ ଗଢ଼ି ତୋଳିବା ସହ ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ୨୦୧୮ ଜୁନ୍ ୨୭ରେ ଏହି ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଥିଲେ । ଶ୍ରୀ ପ୍ରଧାନଙ୍କ ନିରନ୍ତର ପ୍ରୟାସ ପରେ ଏହି ପ୍ରକଳ୍ପ ପାଇଁ ନିକଟରେ ଯାଜପୁର ଜିଲ୍ଲାର ଧର୍ମଶାଳା ସବ-ରେଜିଷ୍ଟ୍ରାର ଅଫିସରେ ଆଇଏସପିଆରଏଲ ଦ୍ୱାରା ୪୦୦ ଏକର ଜମିର ଲିଜ୍ ଡିଡ୍ ପଞ୍ଜିକରଣ ସହ ଦଖଲ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି । ପ୍ରାୟ ୮,୭୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ୫,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ତୈଳ ଦର ଅସ୍ଥିରତା ସମୟରେ ଦେଶ ପାଇଁ ଏକ ମଜଭୁତ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିବ ।

## ମାଲବାହୀ ଗାଡ଼ିରେ ଯାତ୍ରୀ ନେଲେ ବାତିଲ ହେବ ପଞ୍ଜିକରଣ

# କାଗଜପତ୍ର ନଥିବା ଗାଡ଼ି ସିଧା ସ୍କ୍ରାପକୁ ଯିବ :ଏସ୍‌ଟିଏ

କଟକ,(ସବ୍ୟୁ): ମାଲବାହୀ ଗାଡ଼ିରେ ଯଦି ଯାତ୍ରୀଙ୍କୁ ବିପଜ୍ଜନକ ଅବସ୍ଥାରେ ପରିବହନ କରାଯାଏ ତାହେଲେ ଉକ୍ତ ଗାଡ଼ି ବିରୋଧରେ କଠୋରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉକ୍ତ ଗାଡ଼ିର ପଞ୍ଜୀକରଣକୁ ତୁରନ୍ତ ବାତିଲ୍ ପାଇଁ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଟିଟିଲାଗଡ଼ରେ ଆଜି ଏକ ପିକ୍‌ଅପ୍ ଭ୍ୟାନ୍‌ର ଧକ୍କା ଘଟି ତିନିଜଣଙ୍କର ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣା ପରେ ଉକ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଇଥିଲା । ଏହି ଗାଡ଼ିର କୌଣସି ବି କାଗଜପତ୍ର ଏପରିକି ପରମିଟ୍, ଫିଟ୍‌ନେସ୍ ଆଦି ନଥିବା ଜଣାପଡ଼ିଥିଲା । ଏହାକୁ ନେଇ ଏସ୍‌ଟିଏ କଡ଼ା ଆଭିମୁଖ୍ୟ ଆପଣାଇଛି। ଏହି ପରିପ୍ରେକ୍ଷୀରେ ଆଜି ଏସ୍‌ଟିଏ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ କମିଶନର ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି ଯେ, ମାଲବାହୀ ଗାଡ଼ିରେ ବିପଜ୍ଜନକ ଅବସ୍ଥାରେ ଯାତ୍ରୀମାନଙ୍କୁ ପରିବହନ କରାଯାଉଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକଙ୍କୁ ଏଭଳି ଭାବେ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଛି । ଯେତେବେଳେ ଏହିଭଳି ଗାଡ଼ିଗୁଡ଼ିକ ଦୁର୍ଘଟଣାର ଶିକାର ହେଉଛନ୍ତି ସେମାନଙ୍କର କୌଣସି ପ୍ରକାର କାଗଜପତ୍ର ନଥିବାରୁ ଦୁର୍ଘଟଣାରେ ଆହତ ତଥା ମୃତକଙ୍କ ପରିବାରକୁ କୌଣସି ପ୍ରକାର ଆର୍ଥିକ ସହାୟତା ମିଳିପାରୁ ନାହିଁ । ଟିଟିଲାଗଡ଼ର ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣା ଏହି ଅପ୍ରିୟ ସତ୍ୟକୁ ପୁଣିଥରେ ପଦାକୁ ଆଣିଛି।

ଏହି ଘଟଣାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହିଭଳି ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଆଧାରରେ ଏସ୍‌ଟିଏ ପକ୍ଷରୁ ବିଭିନ୍ନ ଆରଟିଓଙ୍କୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କୌଣସି ମାଲବାହୀ ଗାଡ଼ିରେ ଯଦି ଶ୍ରମିକମାନଙ୍କୁ ଯାତାୟତ ହେଉଥିବାର ଦେଖିବାକୁ ମିଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାତ୍ର ଚେତାବନୀ ଦେଇଛନ୍ତି। ଏଥିସହ କୌଣସି ଗାଡ଼ିର ବି ଯଦି ଆବଶ୍ୟକ କାଗଜପତ୍ର ନଥାଇ ରାସ୍ତାରେ ଗଡ଼ୁଥିବାର ଦେଖାଯାଏ ଉକ୍ତ ଗାଡ଼ିକୁ ସିଧା ସ୍କ୍ରିପ୍ ପାଇଁ ପଠାଇ ଦିଆଯିବ ବୋଲି ସେ କହିଛନ୍ତି।

# ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ

କଟକ, (ସବ୍ୟୁ):ଜିଲ୍ଲାରେ ସଡକ ସୁରକ୍ଷାକୁ ଦୃଢ଼ କରିବା ଓ ଯାତାୟାତ ନିୟମ ଉଲ୍ଲଙ୍ଘନକୁ ରୋକିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶ ରେ ଆଜି ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଆଜି ଜୁଡିସିଆଲ ଛକ ନିକଟରେ ସମସ୍ତ ଯାନବାହାନ ଗୁଡିକୁ କଡାକଡି ଭାବେ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ କରୁଥିବା ଅନେକ ଚାଳକଙ୍କ ବିରୁଦ୍ଧରେ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ଜରିମାନା ଆଦାୟ କରାଯାଇଥିଲା । ଏହି ଅଭିଯାନରେ ମାଲବାହୀ ଯାନ ରେ ଯାତ୍ରୀ ପରିବହନ, ହେଲମେଟ୍ ନ ପିନ୍ଧିବା, ମଦ୍ୟପାନ କରି ଗାଡି ଚଳାଇବା ଆଦି ମାମଲା ଚିହ୍ନଟ ହୋଇଛି। ଆଜିର ଏହି ଅଭିଯାନରେ ଅତିରିକ୍ତ କମିଶନର ପରିବହନ ବିଭାଗ ଶ୍ରୀ ଦୀପ୍ତି ରଞ୍ଜନ ପାତ୍ର , ଅତିରିକ୍ତ କମିଶନର ପରିବହନ ବିଭାଗ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ , ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱଜିତ ଦାଶ, ଡିଏସପି ରୋଡ୍ ସେଫ୍ଟି ଶ୍ରୀ ଦେବୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏହିପରି ଅଭିଯାନକୁ ଆହୁରି କଡାକଡି କରାଯିବ ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି।



## ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ମିଳିନି ଠିକାଦାରଙ୍କ ବକେୟା ପ୍ରାପ୍ୟ

# ଆଜି ବାଜ୍ୟାପ୍ତି ହେବ ଜନସ୍ୱାସ୍ଥ୍ୟ ବିଭାଗ ଇଞ୍ଜିନିୟର ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟ

କଟକ,(ସବ୍ୟୁ) : ଅଦାଲତଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏକ ଠିକା ସଂସ୍ଥାଙ୍କ ବକେୟା ଅର୍ଥ ପ୍ରଦାନ କରାନଯିବାରୁ ଭୁବନେଶ୍ୱର ସ୍ଥିତ ଉନ୍ନତି ଭବନର ପ୍ରଥମ ମହଲାରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟକୁ ଆସନ୍ତାକାଲି ବାଜ୍ୟାପ୍ତି କରାଯିବ। ଠିକା ସଂସ୍ଥା ପୋରେଲ୍ ଦାସ୍ ୱାଟର ଆଣ୍ଡ ଇଫ୍ଲୁଏଣ୍ଟ କଣ୍ଟ୍ରୋଲ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆଗତ ପିଟିସନ୍ ଉପରେ ଶୁଣାଣି କରି ଭୁବନେଶ୍ୱରର କମର୍ସିଆଲ୍ କୋର୍ଟ ଏହି ଆଦେଶ ଦେଇଥିଲେ। ଏହି ଆଦେଶ ଆଧାରରେ ଆସନ୍ତାକାଲି ସକାଳ ୧୧ଟାରେ ଏହି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହେବ। ମାମଲାରୁ ଜଣାପଡ଼ିଛି ଯେ, ଏହି ଠିକା ସଂସ୍ଥା ବ୍ରହ୍ମପୁରରେ ଏକ ପାଣି ଯୋଗାଣ କାମ ହାତକୁ ନେଇଥିଲା । ପାଣି ଯେଉଁଠୁ ଉଠାଇବାକୁ ଥିଲା ସେଠାରେ ମାଟି ପରିବର୍ତ୍ତେ ପଥର ପଡ଼ିଲା । କିନ୍ତୁ ଏହି କାମ ଲାଗି ମାଟି ଖୋଳାଯିବା ଆଧାରରେ ବ୍ୟୟ ବରାଦ ହୋଇଥିଲା। ପଥର ପଡ଼ିଯିବାରୁ ଏହାର ଖର୍ଚ୍ଚ ବଢ଼ିଗଲା। କିନ୍ତୁ ଗାଁକୁ ପାଣି ଯୋଗାଇବାକୁ ଥିବାରୁ ଅଧିକ ଅର୍ଥ ବ୍ୟୟରେ ମେସିନ୍ ଲଗାଯାଇ ପଥରକୁ ଖୋଳା ଯାଇଥିଲା । ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଅନୁମତି ପ୍ରଦାନ କରିଥିଲେ । ବ୍ୟୟ ବରାଦ ପରେ ଅଧିକ ୨କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । କିନ୍ତୁ କାମ ଶେଷ ପରେ ପ୍ରତିଶ୍ରୁତି ଅନୁଯାୟୀ ବିଭାଗ ପକ୍ଷରୁ ଆବେଦନକାରୀ ସଂସ୍ଥାକୁ ବାକି ଅର୍ଥ ପ୍ରଦାନ କରାଯାଇନଥିଲା। ଏନେଇ ଆବେଦନକାରୀ ସଂସ୍ଥା ବିଭିନ୍ନ ଫୋରମ୍‌ରେ ଅଭିଯୋଗ ମଧ୍ୟ କରିଥିଲା। କିନ୍ତୁ ସବୁଠୁ ନିରାଶ ହେବା ପରେ ଭୁବନେଶ୍ୱରର କମର୍ସିଆଲ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲା। ଅଦାଲତଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନୋଟିସ୍ କରାଯାଇ ଏହି ଅର୍ଥକୁ ପ୍ରଦାନ ଲାଗି କୁହାଯାଇଥିଲା। ଏହି ଅର୍ଥ ଏବେ ସୁଧ ସହ ୫କୋଟି ୩୦ଲକ୍ଷରେ ପହଞ୍ଚିଛି। ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆବେଦନକାରୀ ସଂସ୍ଥାକୁ ବକେୟା ଅର୍ଥ ପ୍ରଦାନ କରାନଯିବାରୁ ଏହି କାର୍ଯ୍ୟାଳୟକୁ ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି ।

ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୁଇବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖ ଦିନ ଉତ୍କଳ ଜନନୀର ଏହି ମହାନ୍ ବରପୁତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା । ଓଡ଼ିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ । ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ ।



ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ପ୍ରତିନିଧି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲ । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଆଜି ଠାରୁ ସୋଆ ରେ ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଠାରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଂ ଟେକ୍ନୋଲଜିସ୍-ସିକ୍ୟୁରିଂ ଟୁମୋରୋସ ଇନ୍‌ଟେଲିଜେନ୍ଟ ସିଷ୍ଟମ୍‌ସ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଥିବା ବେଳେ ପ୍ରଶାସନ, ଶିଳ୍ପ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରର ନେତୃବର୍ଗ ଏକତ୍ରିତ ହୋଇ ଏକ ସୁରକ୍ଷିତ ଓ ବୁଦ୍ଧିମତା ସମ୍ପନ୍ନ ଡିଜିଟାଲ୍ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବେ ।

ସୋଆ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଂଟର - ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ପ୍ରତି ଥିବା ସାଇବର ସମ୍ପର୍କିତ ବିପଦକୁ ପ୍ରତିହିତ କରିବା ସହ କୃତ୍ରିମ ବୁଦ୍ଧିମତାକୁ ନୈତିକ ପ୍ରକ୍ରିୟାରେ ଆପଣାଇବା ସମ୍ପର୍କରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ କହିଛନ୍ତି ।

ଏହି ସମ୍ମିଳନୀରେ ସାଇବର ସୁରକ୍ଷା ନେଇ ରୋଡ ମ୍ୟାପ୍, ଡାଟା




ସୁରକ୍ଷା ଓ ଏଆଇ ଗଭର୍ଣ୍ଣାନ୍‌ସ, ଶିଳ୍ପ, ଶିକ୍ଷା, ସରକାରୀ ସହଭାଗିତା ନିମନ୍ତେ ଗବେଷଣା ସମ୍ପର୍କରେ ଆଲୋଚନା କରାଯିବ । କାର୍ଯ୍ୟକ୍ରମରେ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡକ୍ଟର ଏନ୍.କେ, ଗୋୟଲ ଓ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ମଙ୍ଗଳବାର ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡାଟା ସିକ୍ୟୁରିଟି କାଉନ୍‌ସିଲ ଅଫ୍ ଇଣ୍ଡିଆର (ଡିଏସ୍‌ସିଆଇ) ର ସିଇଓ ଶ୍ରୀ ବିନାୟକ ଗଡ଼ଶେ, ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଦେବବ୍ରତ ନାୟକ, ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଓ ଆଇଟିଇଆରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରେଣୁ ଶର୍ମା ଉପସ୍ଥିତ ଥିଲେ ।

## ନିବେଶ କଲେ ଦୁଇଗୁଣ ଲାଭ ମିଳିବା ପ୍ରତିଶ୍ରୁତିରେ ୭ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିବେଶ କଲେ ଦୁଇଗୁଣା ଲାଭ ମିଳିବା ପ୍ରତିଶ୍ରୁତିରେ ୭ଲକ୍ଷ ୪ହଜାର ୬୧୬ ଟଙ୍କା ଠକି ନେଇଥିବା ଠକ ଦେବୀପ୍ରସାଦ ବିଶ୍ୱାଳ (୨୯)କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୋଲିସ । ବିଷ୍ଣୁପ୍ରିୟା ସାହୁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଘୁନାଥ ଏନ୍‌କ୍ଲେଭ୍‌ରେ ରୁହନ୍ତି । ଦେବୀପ୍ରସାଦ ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ତାଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ଆର୍ଥିକ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ । ସେ ତାଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ଯଦି ମୋ ପରାମର୍ଶ ଅନୁଯାୟୀ ଟଙ୍କା ନିବେଶ କରିବେ ତେବେ ଦୁଇଗୁଣା ଲାଭ ମିଳିବ । ଅଭିଯୁକ୍ତ ଦେବୀପ୍ରସାଦ କଥାରେ ବିଶ୍ୱାସ କରି ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ ୬ଲକ୍ଷ ୭୯ ହଜାର ୬୧୬ଟଙ୍କା ଦେବା ପରେ ୨୫ ହଜାର ନଗଦ ଟଙ୍କା ଦେଇଥିଲେ । ମୋଟ ୭ଲକ୍ଷ ୪ ହଜାର ୬୧୬ଟଙ୍କା ନେବା ପରେ ଅଭିଯୁକ୍ତ ଟଙ୍କା ଫେରସ୍ତ କରିନଥିଲେ କିମ୍ବା ପ୍ରତିଶ୍ରୁତି ଅନୁଯାୟୀ ତାଙ୍କୁ ଗାଡି କିମ୍ବା ଅଧିକ ଲାଭ ଦେଇନଥିଲେ । ବାରମ୍ବାର ଟଙ୍କା ମାଗିବା ପରେ ଏତଲାକାରିଣୀଙ୍କୁ ପ୍ରତାରଣା କରିଥିଲେ ଅଭିଯୁକ୍ତ । ଟଙ୍କା ଦେବା ବାହାନାରେ ଅଭିଯୋଗକାରିଣୀଙ୍କୁ ଯାଜପୁର ରୋଡ୍‌କୁ ଡାକିଥିଲେ । ସେ ସେଠାରେ ଦୁଇଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଅପେକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ଆସିନଥିଲା । ଅଭିଯୁକ୍ତ ଧମକ ଦେଇ କହିଥିଲା ଯେ, ଯଦି ସେ କୌଣସି ମାମଲା ଦାଏର କରନ୍ତି ତେବେ ସେ ପୂର୍ବରୁ ନେଇଥିବା ଟଙ୍କା ସହ ଆଉ ୭ଲକ୍ଷ ଟଙ୍କା ବ୍ୟବସ୍ଥା କରି ନିଜକୁ ମୁକୁଳାଇ ନେବ । ବହୁବାର ଟଙ୍କା ମାଗିବାରୁ ପୀଡିତା ମହିଳାଙ୍କୁ ଟଙ୍କା ଦେବ ନାହିଁ ବୋଲି ସ୍ପଷ୍ଟ ଭାବେ ମନା କରିଥିଲା ଅଭିଯୁକ୍ତ । ଉପାୟଶୂନ୍ୟ ହୋଇ ବିଷ୍ଣୁପ୍ରିୟା ଥାନାରେ ଅଭିଯୋଗ କରିଥିଲେ ।

# ଆରାଧ୍ୟା ମହିଳା ସମିତି ତରଫରୁ ଗୋମାତାଙ୍କୁ ଜଳଛତ୍ର ବଣ୍ଟନ



ଭୁବନେଶ୍ୱର, (ସବ୍ୟୁ) ଶାମପୁର ସ୍ଥିତ ବିଶୁଦ୍ଧାନଗର ସ୍ଥିତ ଆରାଧ୍ୟା ମହିଳା ସମିତି ତରଫରୁ ଗୋମାତାଙ୍କ ପାଇଁ ଜଳଛତ୍ର ବଣ୍ଟନ କରାଯାଇଥିଲା । ୨୨ ନମ୍ବର ୱାର୍ଡର ଦୁର୍ଗାମାଧବ ନଗର, ଗିରିଜା ବିହାର, ମହାଲକ୍ଷ୍ମୀ ବିହାର, ସାଇବିହାର, ଝରଣାବିହାର ଓ ବିଶୁଦ୍ଧାନଗରରେ ଜଳଛତ୍ର (ଗୋମାତାଙ୍କୁ) ବଣ୍ଟନ କରାଯିବା ପରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ସଭାନେତ୍ରୀ ଶ୍ରୀମତୀ ମିନା କୁମାରୀ ରାଉତ ଗୋମାତାଙ୍କ ଚାଲାଣ ରୋକିବାକୁ ସରକାରଙ୍କୁ ଅନୁରୋଧ କରି ଆମେ ନିଜେ ତତ୍ପର ହେବ ଉଚିତ ବୋଲି କହିଥିଲ । ସମ୍ପାଦିକା ମମତା ସାହୁ ତୁରନ୍ତ ସ୍ଲଟର ହାଉସ ବନ୍ଦ କରି ଯେଉଁମାନେ ବେନିୟମ କାମ କରୁଛନ୍ତି, ସରକାର ସେମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଅନୁରୋଧ କରିଥିଲ । ଉପ ସଭାନେତ୍ରୀ ପୁଷ୍ପଲତା ଜେନା ଅନୁରୋଧ କରିଥିଲେ ସମସ୍ତେ କିପରି ଗୋମାତଙ୍କ ସେବା କରିପାରିବା। ସୁମିତ୍ରା ବାରିକ ଧନ୍ୟବାଦ ଅର୍ପଣ କରିଥିଲ । ସ୍ୱର୍ଣ୍ଣଲତା ସାହୁ ମଞ୍ଚ ପରିଚାଳନା କରିଥିଲ । ସମୁଦାୟ ୧୦୧ଟି ଜଳଛତ୍ର ବଣ୍ଟନ କରାଯାଇଥିଲା । ୨୨ ନମ୍ବର ୱାର୍ଡର ଯେଉଁମାନେ ଜଳଛତ୍ର ପାଇଁ ଇଚ୍ଛୁକ ସେମାନେ ସମାଜସେବୀ ଶରତ ଚନ୍ଦ୍ର ଜେନା ଫୋନ ନମ୍ବର-୮୬୩୭୨୩୩୧୬୭ ରେ ଯୋଗାଯୋଗ କଲେ ସେମାନଙ୍କୁ ମାଗଣାରେ ଗୋମାତାଙ୍କ ଜଳଛତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା।

## ଟେଟ୍ରାହେଡ୍ରନ ପକ୍ଷରୁ ମଧୁ ଜୟନ୍ତୀ

କଟକ(ସବ୍ୟୁ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ଠାରେ ଅବସ୍ଥିତ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଆନୁକୂଲ୍ୟରେ ଓ ମଧୁ ପ୍ରେମୀଙ୍କ ସହଯୋଗରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଶତାଧିକ ମଧୁ ପ୍ରେମୀ ଏକତ୍ର ହୋଇ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବିଷ୍ଣୁଚରଣ ଦାସ, ସାମାଜିକ କର୍ମୀ ଅମୂଲ୍ୟ ବେଉରା, ଆକାଶ ପାତ୍ର, ଟାଙ୍ଗୀ ମଣ୍ଡଳ ସଭାପତି ହୃଷୀକେଶ ସାମଲ, ରାମେଶ୍ୱର ମଣ୍ଡଳ ସଭାନେତ୍ରୀ ସଙ୍ଗୀତା ଜେନା,ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ, ମିହିର ସାହୁ,ବିଶ୍ୱଜିତ ଆଞ୍ଚଳଙ୍କ ସମେତ ଶତାଧିକ ମଧୁ ପ୍ରେମୀ ଯୋଗ ଦେଇଥିଲେ।

# ବିଓବି ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ପ୍ରଭାକର ଝପଟ୍‌ସିଂହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଝପଟ୍‌ସିଂହ ୩୦ ମେ ୨୦୦୫ରେ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ଗ୍ରାମୀଣ, ଅର୍ଦ୍ଧ ସହର, ସହର ଓ ମେଟ୍ରୋ କ୍ଷେତ୍ର ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ୨୧ ବର୍ଷର ବ୍ୟାଙ୍କିଙ୍ଗ୍ ଅନୁଭବ ସହିତ ସେ ଓଡିଶା, ଗୁଜୁରାଟ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ତେଲେଙ୍ଗାନା ଆଦି ୫ଟି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ତାଙ୍କର ଶାଖା ବ୍ୟାଙ୍କିଙ୍ଗ୍ , ପ୍ରଶାସନିକ କାର୍ଯ୍ୟ ଓ ରଣ କ୍ଷେତ୍ରରେ ଦୃଢ ପାରଦର୍ଶିତା ରହିଛି। ସମ୍ବଲପୁର ଅଧିନସ୍ଥ ଓଡିଶାର ୧୬ଟି ଜିଲ୍ଲାକୁ ଉତ୍ତମ ଗ୍ରାହକ ସେବା ଓ



ଉନ୍ନତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଶ୍ରୀ ଝପଟ୍‌ସିଂହ ଏହା ପୂର୍ବରୁ ହାଇଦ୍ରାବାଦରେ ଉପ କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ସେ ମଧ୍ୟ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଓଡିଶାରେ ପ୍ରାୟୋରିଟୀ ସେକ୍ଟର ଇନ୍‌ଚାର୍ଜ ରୂପେ କାର୍ଯ୍ୟ କରୁଥିଲେ ଏବଂ ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଓ ପରିଚାଳନାଗତ କାର୍ଯ୍ୟରେ ଉତ୍କର୍ଷତା ଲାଭ କରିଥିଲେ। ସମ୍ବଲପୁର କ୍ଷେତ୍ରର ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ ଝପଟ୍‌ସିଂହଙ୍କ ର ଭବ୍ୟ ସ୍ୱାଗତ କରିଥିଲେ ଓ ତାଙ୍କର ଯୋଗଦାନ ସମ୍ବଲପୁର କ୍ଷେତ୍ର ପାଇଁ ବ୍ୟାପକ ସଫଳତା ଆଣିବା ସହିତ ବ୍ୟବସାୟିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରିଥିଲେ।

## ଜାତିଆଣ ମନୋଭାବ ନେଇ ଦଳିତ ବିବାହ ଶୋଭାଯାତ୍ରାକୁ ବିରୋଧ : ଭକ୍ତଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର,(ସବ୍ୟୁ): ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ୍ ଅନ୍ତର୍ଗତ ବଡ ବଦାଙ୍ଗୀ ଗ୍ରାମରେ ଦଳିତ ସମ୍ପ୍ରଦାୟର ଲୋକମାନେ ଏକ ବିବାହ ଶୋଭାଯାତ୍ରାରେ ମୁଖ୍ୟରାସ୍ତାରେ ଯାଉଥିବା ବେଳେ ଗାଁର ସବର୍ଣ୍ଣ ଲୋକମାନେ ଜାତିଆଣ ମନୋଭାବ ନେଇ ସଂଘବଦ୍ଧ ଭାବେ ସେମାନଙ୍କୁ ବିରୋଧ କରିବା ସହ ଶୋଭାଯାତ୍ରା ନକରି ଫେରିଯିବାକୁ କହିଥିଲେ । ଶୋଭାଯାତ୍ରାକାରୀମାନେ ସେଥିରେ ରାଜି ନହେବାରୁ ଠେଙ୍ଗାବାଡି ଓ ମାରଣାସ୍ତ୍ରରେ ସଜ୍ଜିତ ସବର୍ଣ୍ଣ ଲୋକମାନେ ସେମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ୧୦ରୁ ଉର୍ଦ୍ଧ୍ୱର୍ ଦଳିତ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆକ୍ରମଣ ଭୟରେ ଗାଁର ଦଳିତ ଲୋକମାନେ ଘରଦ୍ୱାର ଛାଡି ବାହାରକୁ ଚାଲି ଯାଇଛନ୍ତି । ଏହି ଘଟଣାରେ ସ୍ଥାନୀୟ ସୋରଡ଼ା ଥାନାରେ ସେଦିନ ଏତଲା ଦିଆଯାଇଥିବା ବେଳେ ଏତଲା ନରଖି ଆସନ୍ତା କାଲି ଆସ ବୋଲି କହିଥିଲେ । ସୋମବାର ପିଡୀତ ଦଳିତ ଲୋକମାନେ ଏତଲା ଦେବାକୁ ପୁଣି ଥରେ ସକାଳୁ ଯିବା ପରେ ସେମାନଙ୍କୁ ସନ୍ଧ୍ୟା ଯାଏଁ ଏତଲା ନନେଇ ଅପେକ୍ଷା କରାଇଥିଲେ । ଶେଷରେ ଏତଲା ରଖିଥିଲେ ମଧ୍ୟ ତାକୁ ବଦଳାଇ ନିଜ ଇଛା ମୁତାବକ ରଖିବାକୁ ବାଧ କରିଥିଲେ । ଏତଲାକୁ ପଞ୍ଜିକରଣ କରି ତା'ର କପି ଦେବା ପରିବର୍ତ୍ତେ ଆସନ୍ତା ୧୫ ଦିନ ପରେ ତଦନ୍ତ କରି ପଞ୍ଜିକରଣ କରାଯିବ ବୋଲି କହିଥିଲେ । ଏହାକୁ ନେଇ ପିସିସି ସଭାପତି ବିଜେପି ସରକାରଙ୍କ ଦଳିତ ଆଦିବାସୀ ମାନଙ୍କପ୍ରତି ବୃଦ୍ଧି ହେଉଥିବା ଅତ୍ୟାଚାର ପ୍ରତି ଘୋର ଦୁଃଖପ୍ରକାଶ କରି ସରକାରଙ୍କ ଉଦାସୀନତାକୁ କଟୁ ସମାଲୋଚନା କରିଛନ୍ତି । ଜାତିଆଣ ମନୋଭାବକାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କଠାରେ ଦାବି କରିଛନ୍ତି ।

## କିମ୍‌ସରେ ବିରଳ ଅସ୍ତ୍ରୋପଚାର

# ୧୦ବର୍ଷ ଧରି ଶଯ୍ୟାଶାୟୀ ଥିଲେ : ଏବେ ଚାଲବୁଲ କରୁଛନ୍ତି

ଭୁବନେଶ୍ୱର, (ସବ୍ୟୁ): ଗୋଡ଼ ପାଇଁ ବିଛଣାରେ ପଡ଼ି ରହୁଥିଲେ। ନା ଚାଲିପାରୁଥିଲେ, ନା ଶୌଚାଳୟକୁ ଯାଇପାରୁଥିଲେ। ପରିବାର ଲୋକେ ଅନେକ ଡାକ୍ତରଖାନା ବୁଲିସାରିଥିଲେ, ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିପାରିଲାନାହିଁ। ସମସ୍ତ ଆଶା ହରାଇ ଶେଷରେ କିମ୍‌ସରେ ପହଞ୍ଚିଥିଲେ ଯାଜପୁର ଜିଲ୍ଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତି। ସୁସ୍ଥ ଜୀବନଯାପନ କରୁଥିବା ପ୍ରଶାନ୍ତଙ୍କ ଗୋଡ଼ରେ ପ୍ରାୟ ଏକ ଦଶନ୍ଧି ଧରି ଗମ୍ଭୀର ଲିମ୍ଫେଡେମା ଯୋଗୁଁ ସେ ପ୍ରାୟ ଶଯ୍ୟାଶାୟୀ ହୋଇପଡ଼ିଲେ। ପ୍ରାୟ ୧୫ ବର୍ଷ ପୂର୍ବେ ନନ୍-ହଜକିନ୍ ଲିମ୍ଫୋମାର ଚିକିତ୍ସା ତାଙ୍କ ବାମ ଗୋଡ଼ରେ ଗମ୍ଭୀର ଲିମ୍ଫେଡେମା ସୃଷ୍ଟି କରିଥିଲା। ଫଳରେ ତାଙ୍କ ଗୋଡ଼ ଫୁଲି ହାତୀ ଗୋଡ଼ ପରି ବଡ଼ ହୋଇଯାଇଥିଲା। ତାଙ୍କ ଗୋଡ଼ର ଫୁଲା ଏତେ ତୀବ୍ର ହୋଇଗଲା ଯେ ତାଙ୍କୁ ବର୍ଷ ବର୍ଷ ଧରି ବିଛଣାରେ ରହିବାକୁ ପଡ଼ିଲା। ଶେଷରେ କିମ୍‌ସରେ ସେ ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ଡା ସୁନୀଲ ରାଉତଙ୍କ ସହିତ ପରାମର୍ଶ କଲେ।

ଡା ରାଉତଙ୍କ ସହ କିମ୍‌ସ ଶଲ୍ୟଚିକିତ୍ସା ଦଳ ତିନୋଟି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ



କରିଥିଲେ। ଦୀର୍ଘ ଚାରିମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। କିମ୍‌ସ ଡାକ୍ତରୀ ଦଳ ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଏତେ ପରିମାଣର ଟିସ୍ୟୁ ଓ ତରଳ ପଦାର୍ଥ ବାହାର କରିବା ଶଲ୍ୟଚିକିତ୍ସା ଏବଂ ଆନାସ୍ଥେସିଆ ଦଳ ପାଇଁ ଏକ ଭୟଙ୍କର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଂଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍‌ସ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡା ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡା ରାଉତଙ୍କୁ ସହାୟତା କରିଥିଲେ। ଡା ଲିଙ୍ଗରାଜ ସାହୁ ଆନାସ୍ଥେସିଆ ଦଳର ନେତୃତ୍ୱ ନେଇଥିଲେ ଓ ପ୍ରତ୍ୟେକ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ଥିଏଟରରୁ ୱାର୍ଡକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହା ଏକ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ କିମ୍‌ସରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଥିବାରୁ ଏହାକୁ ସଫଳତାର ସହ ଚିକିତ୍ସା କରାଯାଇପାରିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଭଳି ବିରଳ ରୋଗର ସଫଳ ଚିକିତ୍ସା କରିଥିବାରୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ପ୍ରଶାନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି। ସେହିପରି କିମ୍‌ସରୁ ସୁସ୍ଥ ହୋଇ ଯିବା ପରେ ପ୍ରଶାନ୍ତ କିମ୍‌ସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ମୋ ଜୀବନରେ ବିରାଟ ପରିବର୍ତ୍ତନ ହୋଇଛି। ଦଶ ବର୍ଷ ଧରି ମୁଁ ଚାଲିପାରୁ ନଥିଲି, ଶଯ୍ୟାଶାୟୀ ଥିଲି। ଏବେ, ମୁଁ ସଂପୂର୍ଣ୍ଣ ସୁସ୍ଥ ଏବଂ ମୋର ବ୍ୟବସାୟ ପୁଣି ଆରମ୍ଭ କରିଛି।

## ଯୁବତୀ ନିଖୋଜ ଅଭିଯୋଗ

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଅଂଚଳର ଏକ ଘରୋଇ ଆପାର୍ଟମେଣ୍ଟ ନିକଟରୁ ଜଣେ ଯୁବତୀ ନିଖୋଜ ହୋଇଥିବା ନେଇ ମଙ୍ଗଳବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି । ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗାଁ ଭୋଇସାହିର ଶରତ ଭୋଇଙ୍କ ଝିଅ ସିମା(୨୧) ନିକଟସ୍ଥ ଏକ ଘରୋଇ ଆପାର୍ଟମେଣ୍ଟରେ କାର୍ଯ୍ୟ କରୁଥିଲେ । ପ୍ରତ୍ୟେକ ଦିନ ପରି ସୋମବାର ଦିନ ନିଜ ଘରୁ ଆପାର୍ଟମେଣ୍ଟ ପର୍ଯ୍ୟନ୍ତ ସାଇକେଲ ନେଇ ଆସିଥିଲେ । ଅପରାହ୍ନରେ ବେଣ୍ଟକାରପଡା ସ୍ଥିତ ଏକ ଘରୋଇ ମଣ୍ଡପ ନିକଟରୁ ଯୁବତୀଙ୍କ ସାଇକେଲ ପରିବାର ଲୋକେ ପାଇଥିବା ବେଳେ ଯୁବତୀ ଜଣଙ୍କ ନିଖୋଜ ଥିଲେ ।ପରିବାର ଲୋକ ଆଖପାଖ ଲୋକଙ୍କୁ ପଚରାଉଚରା କରିବା ପରେ କୌଣସି ସୂଚନା ପାଇନଥିଲେ ।ପରେ ଝିଅର ମୋବାଇଲ ଫୋନ ବନ୍ଦ ରହିଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅର କୌଣସି ଖୋଜ ଖବର ପାଇପାରି ନଥିଲେ ।

# ବିଜୁ ଶ୍ରମିକ ବନ୍ଧୁ ସମ୍ମାନର ନାମ ପରିବର୍ତ୍ତନ ପ୍ରସଙ୍ଗ : ବିଜେଡ଼ିର କଡ଼ା ସମାଲୋଚନା

ଭୁବନେଶ୍ୱର, (ସବ୍ୟୁ): "ବିଜୁ ଶ୍ରମିକ ବନ୍ଧୁ ସମ୍ମାନ" ନାମ ପରିବର୍ତ୍ତନ କରି "ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ" ଘୋଷଣା କରି ହୀନମନ୍ୟତାର ପରିଚୟ ଦେଇଛନ୍ତି ରାଜ୍ୟ ବିଜେପି ସରକାର । ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା କଥା କହୁଥିବା ମୋହନ ସରକାର ଏଯାବତ ୧୦ଟି ସରକାରୀ ଯୋଜନାରୁ ବିଜୁ ବାବୁଙ୍କ ନାମ ହଟାଇବା ଦୁର୍ଭାଗ୍ୟଜନକ କହି ଦୃଢ଼ ନିନ୍ଦା କରିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଅଧ୍ୟକ୍ଷ ତଥା କଟକ ମେୟର ସୁବାଷ ସିଂ, ସାମ୍ମୁଖ୍ୟର ଉପସଭାପତି ନବକିଶୋର ମହାନ୍ତି ଓ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଶ୍ରମିକ ସମାଜ ପ୍ରତି ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ ୨୦୧୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "ବିଜୁ ଶ୍ରମିକ ବନ୍ଧୁ ସମ୍ମାନ" ଆରମ୍ଭ କରିଥିଲେ । ଏହି ଯୋଜନାରେ ପ୍ରତିବର୍ଷ ମେ' ୧ ତାରିଖ ଶ୍ରମିକ ଦିବସରେ ଶ୍ରମିକ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଶ୍ରମିକ ନେତାମାନଙ୍କୁ ମାନପତ୍ର ସହ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦେଇ ସମ୍ମାନିତ କରାଯାଉଥିଲା ।

ସୁବାଷ ସିଂ କହିଥିଲେ ଯେ, ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଭାବେ ବିଜୁ ବାବୁ ଶ୍ରମିକ ମାନଙ୍କ ଦୈନିକ ମଜୁରୀ ୧୧ ଟଙ୍କାରୁ ବୃଦ୍ଧି କରି ୨୫ ଟଙ୍କା କରିଥିଲେ । ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ସାରା ରାଜ୍ୟର ଶ୍ରମିକ ସମାଜ ଉପକୃତ ହୋଇଥିଲେ । ପରବର୍ତ୍ତୀ ସମୟରେ ଶ୍ରମିକ କଲ୍ୟାଣ ପାଇଁ ବିଜୁ ବାବୁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଜୁ ବାବୁଙ୍କ ନାମରେ "ବିଜୁ ଶ୍ରମିକ ବନ୍ଧୁ ସମ୍ମାନ" ପୁରସ୍କାର ପ୍ରଚଳନ କରି ରାଜ୍ୟର ସୁନାମଧନ୍ୟ ଶ୍ରମିକ ନେତାମାନଙ୍କୁ ସମ୍ମାନିତ କରିଆସୁଥିଲେ । ପୂର୍ବରୁ ଶ୍ରମିକ ବନ୍ଧୁ ପୁରସ୍କାର ଦେବା ପାଇଁ ଚୟନ କରିବାକୁ ୧ ମାସ ସମୟ ଦିଆଯାଉଥିଲା । ବର୍ତ୍ତମାନର ବିଜେପି ସରକାର ଏଥିପାଇଁ ମାତ୍ର ୪ ଦିନ ସମୟ ଦେଉଛନ୍ତି । ଶ୍ରମିକ ସଂଗଠନର ଶ୍ରମିକ ନେତା ଓ ଶ୍ରମିକଙ୍କ ପାଇଁ କାମ କରିଥିବା ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇ ନାହିଁ । ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨୫ ଓ ୨୬ ତାରିଖ ସରକାରୀ ଛୁଟି ଦିବସ ରହିଲା । ୨୭ ତାରିଖ ଦିନ ୧୨ଟା ସୁଦ୍ଧା ନାମ ସୁପାରିସ କରିବାକୁ ଶେଷ ସମୟ ଧାର୍ଯ୍ୟ ହୋଇଛି । ଯାହା ଜଣାପଡୁଛି ସରକାର ପୂର୍ବରୁ ନିଷ୍ପତ୍ତି ନେଇସାରିଛନ୍ତି, ଏହି ପୁରସ୍କାରକୁ ଦଳୀୟ ଭିତ୍ତିରେ ପ୍ରଦାନ କରିବେ ।

ନବକିଶୋର ମହାନ୍ତି କହିଥିଲେ ଯେ, ବିଜୁ ବାବୁଙ୍କ ନାମ ହଟାଇ ହୀନମନ୍ୟତାର ପରିଚୟ ଦେଇଛନ୍ତି ରାଜ୍ୟ ବିଜେପି ସରକାର । ସର୍ବଭାରତୀୟ ସ୍ତରରେ ପ୍ରାଇସ୍ ଇଣ୍ଡେକ୍ସକୁ ଭିତ୍ତି କରି ଶ୍ରମିକ ମାନଙ୍କ ଦୈନିକ ମଜୁରୀରେ ୩୦ ଟଙ୍କା ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ, ରାଜ୍ୟ ସରକାର ୧୦ ଟଙ୍କା ବୃଦ୍ଧି ପାଇଁ ନିଷ୍ପତ୍ତି ନେବା ଶ୍ରମିକ ସମାଜ ପ୍ରତି ସମ୍ବେଦନହୀନତା ଦର୍ଶାଉଛି । ଡ଼ ଲେନିନ ମହାନ୍ତି କହିଥିଲେ ଯେ, ସରକାରୀ ଯୋଜନାରୁ ବିଜୁ ବାବୁଙ୍କ ନାମ ହଟାଇବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କଲେ ମଧ୍ୟ ରାଜ୍ୟବାସୀଙ୍କ ହୃଦୟରୁ ବିଜୁ ବାବୁଙ୍କ ନାମ କେବେ ହଟାଇ ପାରିବେ ନାହିଁ ବୋଲି କହିଛନ୍ତି ।

## ପ୍ଲଟ୍ ବ୍ୟବସାୟୀଙ୍କୁ ଅପହରଣ ପରେ ହତ୍ୟା ମାମଲା

# ଜେଲ୍‌ରୁ ୫ ଅଭିଯୁକ୍ତଙ୍କ ହେଲା ଦୁଇଦିନ କ୍ରାଇମ ରିକ୍ରିଏସନ



ବ୍ରହ୍ମପୁର, (ସବ୍ୟ) : ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣ ଗ୍ରାମର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ପୋଲିସ ଗତ ୨୩ ତାରିଖରେ ୯ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ରହିଥିଲେ ଘଟଣାର ମାଷ୍ଟେର ମାଇଣ୍ଡ ମୃତ ସୁଧିରଙ୍କ ଝିଆରୀ ନିବେଦିତା ପାତ୍ର (୨୩) ତାଙ୍କ ଭାଇ ତୁଷାର କୁମାର ପାତ୍ର, (୧୯), ନିବେଦିତା ପୁରୁଷ ବନ୍ଧୁ ଗାଙ୍ଗପୁର ଥାନା କାଳିଆଗୁଡ଼ ଅଞ୍ଚଳର କାଳିଆ ଓରଫ କାଲୁ ଚରଣ ପ୍ରଧାନ(୨୮), ବୁଗୁଡା ଥାନା ଅନ୍ତର୍ଗତ ବି୍.ରହ୍ମପୁର ଟିଲୁ ଓରଫ ଆଶିଷ ମହାପାତ୍ର(୨୫), ବୁଗୁଡାର ନାରାୟଣ ପ୍ରଧାନ (୨୮), ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇ ନଗରର ଶୁଭମ ନାୟକ(୨୦), ଶୁଭମ ଗୌଡ଼(୨୦), ଉତ୍ତରପ୍ରଦେଶ ବାରଣାସୀର ସୂର୍ଯ୍ୟ ପ୍ରତାପ ସିଂ(୨୮) ଓ ହିଂଜିଳିକାଟୁ ଥାନା ଅନ୍ତର୍ଗତ ଆଲିପୁର ଜିତୁନ୍ ପଲେଇ(୩୩) । ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ଗତ ୨୫ରେ ରିମାଣ୍ଡରେ ଗୋପାଳପୁର ପୋଲିସ ନେଇଛି । ଅଭିଯୁକ୍ତମାନେ ହେଲେ କାଲୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ । ପୋଲିସ ରିମାଣ୍ଡରେ ନେଇଥିବା ୫ ଅଭିଯୁକ୍ତଙ୍କୁ ପ୍ରେମ ସଂସ୍ଥା ପାଖରୁ ଅପହରଣ କରିଥିବା ବେଳେ ସେହି କ୍ରାଇମସ୍ପଟର ପୋଲିସ ଉପସ୍ଥିତିରେ ସିନ ରିକ୍ରିଏସନ କରିଥିଲା । ମାଜିଷ୍ଟ୍ରେଟ ଓ ଦୁଇଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ପୋଲିସ ଏସବୁର ଡେମୋର ଭିଡିଓ କରିଥିଲା । ମଙ୍ଗଳବାର ରିମାଣ୍ଡ ଅବଧି ସରିବା ପରେ ପୋଲିସ ଉକ୍ତ ୫ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିଥିଲା । ପରେ ତାଙ୍କୁ ପୁଣିଥରେ ଜେଲ ପଠାଇ ଦିଆଯାଇଛି ।

ପ୍ରକାଶ ଥାଉକି ଗତ ୧୫ ତାରିଖ ସନ୍ଧ୍ୟାରେ ସୁଧୀର ପାତ୍ର ଭଲିବଲ ଖେଳି ଘରକୁ ଫେରୁଥିବା ବେଳେ ଗୋପାଳପୁର ଥାନା ଅନ୍ତର୍ଗତ ମଣ୍ଡିଆପଲି ପ୍ରେମ ସଂସ୍ଥା ସମ୍ମୁଖରୁ ତାଙ୍କୁ ଅପହରଣ କରାଯାଇଥିଲା । ପରେ ତାଙ୍କୁ ବୁଗୁଡା ନିକଟରେ ଥିବା ରାମପାଦ ମନ୍ଦିରରେ ରଖି ବନ୍ଧୁକ ମୁନରେ ଭୟଭୀତ କରି ଦୁର୍ବୃତ୍ତମାନେ ମାରପିଟ କରିଥିଲେ । ଏହାର ଏକ ଭିଡିଓ କରି ସୁଧୀରଙ୍କ ସ୍ତ୍ରୀ'ଙ୍କ ନିକଟକୁ ଦୁର୍ବୃତ୍ତମାନେ ପଠାଇ ଦୁଇ କୋଟି ଟଙ୍କା ଦାବି କରିଥିଲେ ।

ହେଲେ ଗତ ୨୨ ତାରିଖରେ ପୋଲିସ ସୋରଡା ଥାନା ଅନ୍ତର୍ଗତ ଗାଜଲବାଢି ନିକଟ ରସିପଙ୍କାଳ କେନାଲ କଢରୁ ପାଇଥିଲେ । ମୃତକଙ୍କ ଶଳା ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୃତଦେହ ଚିହ୍ନଟ ହୋଇଥିଲା । ଘଟଣା ସ୍ଥଳରେ ହିଁ ଏମକେସିଜି ମେଡିକାଲ ଏଫଏମ ଟି ବିଭାଗ ମୁଖ୍ୟ ସୁଦୀପା ଦାଶ ଓ ଟିମ ଅଫ ଡାକ୍ତରଙ୍କୁ ନେଇ ପୋଲିସ ଘଟଣାସ୍ଥଳରେ ହିଁ ମୃତଦେହ ବ୍ୟବଚ୍ଛେଦ କରିଥିଲା । ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା ।

## ଆଶ୍ରମ ସ୍କୁଲରେ ବିଶାକ୍ତ ଖାଦ୍ୟଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣା

# ବିକ୍ଷୋଭ ପ୍ରଦର୍ଶନ କଲା ମୋରଡା ଯୁବ କଂଗ୍ରେସ




ବାରିପଦା, (ସବ୍ୟ) : ମୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ । ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଶାକ୍ତ ଖାଦ୍ୟଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣାର ବିକ୍ଷୋଭ ପ୍ରଦର୍ଶନ କଲା ମୋରଡା ଯୁବ କଂଗ୍ରେସ । ମୃତ ଛାତ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ଛାତ୍ରୀଙ୍କ କ୍ଷତି ପୂରଣ ଦେବା ପାଇଁ ଦାବୀ ରଖୁଛନ୍ତି, କେବଳ ସେତିକି ନୁହେଁ ମୋରଡା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବୀ କରିଛି ମୋରଡା ଯୁବ କଂଗ୍ରେସ ।

ସଂପୃକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରୀ ମଣ୍ଡଳରୁ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନଗଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରାଯିବା ସହ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରବଳ ବିରୋଧ କରିବ ରାଜ୍ୟ ଯୁବ କଂଗ୍ରେସ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ।

ଅନ୍ୟ ପକ୍ଷରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ନ୍ୟାୟ ମାଗିବା ସହ ନଗର ଉନ୍ନୟନ ମନ୍ତ୍ରୀଙ୍କ ବହିଷ୍କାର ଦାବୀ କରିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ମୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଏମ୍‌ଡି ନାଜିର ଉଲହକ୍, ଲୋସନ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମରେ ମୋରଡା ବ୍ଲକ ପୂର୍ବତନ ସଭାପତି ରାଜେଶ ପଢିଆରୀ, ବରିଷ୍ଠ ଯୁବ କଂଗ୍ରେସ ନେତା ମୋହନ ଦାସ, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ହେମ୍ବ୍ରମ୍, ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ, ବାଙ୍ଗିରୀପୋଷୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ନାୟକ । ବରିଷ୍ଠ କଂଗ୍ରେସ ନେତା ସଭାକର ମୁଖି, ଶୁଳିଆପଦା ବ୍ଲକ କଂଗ୍ରେସ କମିଟି ସଭାପତି ଦ୍ୱାରିକାନାଥ ଧୂର, ରାସଗୋବିନ୍ଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ହରିଶ ଚନ୍ଦ୍ର ସେଠୀ, ପୂର୍ବତନ ସଭାପତି ଯୋଗେନ୍ଦ୍ର ମହାନ୍ତି, ବଡସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କ ଶେଖର କର, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଅମରଜିତ ବାରିକ (ଲିପୁ) ପ୍ରମୁଖ ଉପସ୍ଥିତ ଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗରେ ଜାତୀୟ ପାଠଚକ୍ର




ବ୍ରହ୍ମପୁର, (ସବ୍ୟ): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଭୂତତ୍ତ୍ୱ ବିଭାଗ ପକ୍ଷରୁ ଜାତୀୟ ପାଠଚକ୍ର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣା ଓ ପୃଷ୍ଠପୋଷକତାରେ ଆୟୋଜିତ, ଭୁ-ବିଜ୍ଞାନର ଆଦ୍ୟତନ ଧାରା ଶୀର୍ଷକ ଏହି ପାଠଚକ୍ର ଉଦଘାଟିତ ହୋଇଥିଲା । ଉଦଘାଟନୀ ଅଧିବେଶନରେ ବିଭାଗ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ପାଠଚକ୍ର ସମ୍ପର୍କରେ ସୂଚନା ଦେବା ସହ ଭୁବିଜ୍ଞାନର ଧାରା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ଡ. ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଭୁ ବିଜ୍ଞାନୀ ତଥା ବିଶିଷ୍ଟ ଜ୍ୟୋର୍ତିବିଦ ଡ ମାୟାଧର ସାହୁ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଦିକବି ନାନ୍ନୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଏମ ଜଗନ୍ନାଥ ରାଓ ଆତ୍ମବିଶ୍ୱାସ, ଯୋଗାଯୋଗରେ ଦକ୍ଷତା ଓ ନିଷ୍ଠାପରତା ବଳରେ ସଫଳତା ପାଇବାକୁ ପରାମର୍ଶ ଦେଇଥିଲେ ।

ଅନ୍ୟତମ ଅତିଥି ଆଇ.ଏମ.ଏମ.ଟି., ଭୁବନେଶ୍ୱରର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ ଡ. ଡି. ଶ୍ରୀନିବାସ ରାଓ ଭୁତ%୦ ବିଜ୍ଞାନରେ ଗବେଷଣାର ନୂତ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ । କୁଳପତି ପ୍ରଫେସର ଅସୀମା ସାହୁ ଭୂତତ୍ତ୍ୱ ବିଜ୍ଞାନ ଗବେଷଣାରେ କୃତ୍ରିମ ବୁଦ୍ଧିମତା ର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଅଧିବେଶନ ଶେଷ ରେ ଡ. ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସର ରେ ବିଭାଗ ପକ୍ଷରୁ ପାଠଚକ୍ର ପ୍ରବନ୍ଧ ସଂକଳନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ମାଙ୍କଡ଼ ଆକ୍ରମଣରେ ୩ ଆହତ

## ହନୁକୁ ଧରିବାକୁ ବନବିଭାଗ ନାକେଦମ

ବୁଗୁଡ଼ା, (ସବ୍ୟ) : ବୁଗୁଡ଼ାରେ ଦୁଇ ଦିନ ହେଲା ଗୋଟିଏ ହନୁ ମାଙ୍କଡ଼ ଆତଙ୍କ ଚଳାଇଛି । ଆଜି ଜଣେ ଟ୍ରଲି ଚାଳକକୁ ଉକ୍ତ ହନୁ ମାଙ୍କଡ଼ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଛି । ଆଦିପୁର ଗ୍ରାମର ଟ୍ରଲି ଚାଳକ ନାରାୟଣ ରାଉତ ସବୁ ଦିନ ଭଳି ଆଜି ମଧ୍ୟ ସକାଳେ ତାଙ୍କର ବୃଦ୍ଧା ମାଆକୁ ନିଜ ଟ୍ରଲିରେ ବସାଇ ବୁଗୁଡ଼ା ମେଡିକାଲ ଛକ ନିକଟରେ ଟ୍ରଲି ରଖୁଥିବା ବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣ ଉପରକୁ ଡେଇଁ ପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇଥିଲା ।

ସ୍ଥାନୀୟ ଲୋକେ ହୋହାଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣକୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ନେଇଥିଲେ । ଗତକାଲି ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶଙ୍କ ଗୋଡ଼କୁ କାମୁଡି ରକ୍ତାକ୍ତ କରି ଦେଇଥିବା ବେଳେ ବୁଗୁଡ଼ା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କ କାନକୁ କାମୁଡି ଖଣ୍ଡିଆ କରିଦେଇଛି । ଆଜି ଅପରାହ୍ନରେ ବୁଗୁଡ଼ା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କ ମୁଣ୍ଡରେ ଗୁଡ଼ାଇ ଥିବା ଟାଓ୍ୱାଲ ଟାଣି ନେଇ ଆକ୍ରମଣ କରିବାକୁ ଉଦ୍ୟମ କଲା ବେଳେ ଲୋକେ ପାଟି ତୁଣ୍ଡ କରିବାରୁ ଛାଡି ପଳାଇଥିଲା ।

ଆଜି ସକାଳ ଠାରୁ ବନ ବିଭାଗର ଏକ ଟିମ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ ହେଁ ସଫଳ ହୋଇ ନାହାନ୍ତି । ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଟ୍ରାଂକୁଲାଇଜର ଟିମ୍ ଡକାଇବା ପାଇଁ ଯୋଜନା କରାଯାଉଥିବା ନେଇ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ଠାରୁ ପ୍ରକାଶ ପାଇଛି ।

# ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

ବ୍ରହ୍ମପୁର, (ସବ୍ୟ): ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ (ଲୟର୍ସ ଡେ') ଅବସରରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଆଇନଜୀବୀମାନଙ୍କୁ କହିଥିଲେ । ସେହିପରି ଉତ୍କଳଗୌରବଙ୍କ ବହୁମୁଖୀ ପ୍ରତିଭାର ଦୃଷ୍ଟାନ୍ତ ଦେବା ସହ ଆଇନଜୀବୀମାନଙ୍କ ଭୂମିକାକୁ ସେ ଉଚ୍ଚପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଦିତ୍ୱୀୟ ଏମଏସିଟି ସଦସ୍ୟ ବିଶ୍ୱଜିତ ଦାଶ ଯୋଗ ଦେଇଥିଲେ । ଏହି ଅବସରରେ ସଭାପତି ଶିତାଂଶୁ ଶେଖର ପଣ୍ଡା, ସମ୍ପାଦକ ଜଗନ୍ନାଥ ମିଶ୍ର, ଉପସଭାପତି ସତ୍ୟନାରାୟଣ ବସନ୍ତିଆ, ସହ-ସମ୍ପାଦକ ରଞ୍ଜନ କୁମାର ସାମନ୍ତରାୟ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଓକିଲ ସଂଘ ସଭାପତି ଶିତାଂଶୁ ପଣ୍ଡା ଅଧକ୍ଷତା କରିଥିବା ବେଳେ ସଭାପତି, ଉପସଭାପତି ଓ ସମ୍ପାଦକ ଜିଲ୍ଲାଜଜ୍‌ଙ୍କ ବାର୍ତ୍ତା ପଠନ କରିଥିଲେ । ସଭାପତି କହିଥିଲେ ଯେ, ମଧୁବାବଙ୍କ ଅବଦାନ ଓଡିଶା ଇତିହାସରେ ଚିରସ୍ମରଣୀୟ । ସେ ମଧୁବାବୁ ପୂର୍ଣ୍ଣାଙ୍ଗ ଓଡ଼ିଶାର ବିଶ୍ୱକର୍ମା ଥିଲେ । ବରିଷ୍ଠ ଆଇନଜୀବୀ ଏସ. ରାମ କୁମାର ଉତ୍କଳଗୌରବ ମଧୁସୂଦନ ଦାଶଙ୍କ ଓଡ଼ିଶାର ସାମଗ୍ରୀକ ବିକାଶ ତଥା ନିସ୍ୱାର୍ଥପର ସେବା ପାଇଁ ନିଜକୁ ଉତ୍ସର୍ଗିକୃତ କରିଥିବା କହିଥିଲେ । ଆଜିର ଯୁବ ଆଇନଜୀବୀମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ୍ କରିଥିଲେ । ବରିଷ୍ଠ ଆଇନଜୀବୀ ପ୍ରମୁଖ ଉତ୍କଳ ଗୌରବଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ମଧୁବାବୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଅନ୍ୟତମ ପ୍ରତୀକ ଅଟନ୍ତି ବୋଲି ସେମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜଜ ଓ ମାଜିଷ୍ଟ୍ରେଟ ଉପସ୍ଥିତ ରହିଥିଲେ । ବିଷ୍ଣୁ ପ୍ରସାଦ ମୋହନ, ଆଶିଷ କୁମାର ଘୋଷ, ଅରୁଣ କୁମାର ପାତ୍ର, କୁମଦ ପ୍ରସାଦ ଆଚାର୍ଯ୍ୟ , ବିରେନ କୁମାର ଚୌଧୁରୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଏସ.ରାମ କୁମାର, ମୋହନ ସିଙ୍ଗାରି, ଶିଶିର ପାଢ଼ୀ, ପୂର୍ବତନ ସଭାପତି ମନୋଜ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, କୈଳାସ ପଣ୍ଡା, ରଘୁନାଥ ପ୍ରାସଦ ପାଣିଗ୍ରାହୀ, କପିଳ ପଟ୍ଟନାୟକଙ୍କ ସମେତ ତିନି ଶହରୁ ଉର୍ଦ୍ଧ ଆଇନଜୀବୀ ଉପସ୍ଥିତ ଥିଲେ । ଶେଷରେ ଉପ ସଭାପତି ସତ୍ୟ ନାରାୟଣ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଞ୍ଜନଗର ଠାକୁରାଣୀ ଯାତ୍ରାର ପ୍ରଥମ ଦିନ

## ଅସ୍ଥାୟୀ ଗମ୍ଭୀରାରେ ବିଜେ କଲେ, ଦୁଇ ଠାକୁରାଣୀ

ଭଂଜନଗର, (ସବ୍ୟ): ଆରମ୍ଭ ହେଲା, ଗଂଜାମ ଜିଲ୍ଲା ଭଂଜନଗରର ଐତିହାସିକ ଠାକୁରାଣୀ ଯାତ୍ରା । ଯାତ୍ରାର ପ୍ରଥମ ଦିନରେ, କୁଲାଡର ବଂଶୀୟ ଆରାଧ୍ୟ ଦେବୀ ମା' ବାଗଦେବୀ, ଶଗଡ଼ରେ ପହଞ୍ଚିଲେ ନିମନ୍ତ୍ରିତ ହୋଇ ସହର ନିକଟରେ ଥିବା ମାଁ କୟାଁ ବାଗଦେବୀଙ୍କ ପୀଠରେ କିଛି ସମୟ ବିଶ୍ରାମ ପରେ ବିରାଟ ପଟୁଆରରେ ବାହାରିଥିଲେ ଅସ୍ଥାୟୀ ମଣ୍ଡପକୁ । ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ-ପଟୁଆରରେ ଦୁଲୁକିଥିଲା ଭଂଜନଗର ସହର । ସେପଟେ ମଧ୍ୟ ରାତ୍ରରେ ପଟୁଆର ସହ ଅନ୍ୟଏକ ଗମ୍ଭୀରାରେ ବିଜେ କଲେ ଭଂଜନଗରର ଅଧିଷ୍ଠାତ୍ରୀ ଦେବୀ ମା ଠାକୁରାଣୀ । ପ୍ରତି ତିନି ବର୍ଷକୁ ଥରେ ହେଉଥିବା ଭଂଜନଗର ଐତିହାସିକ ଠାକୁରାଣୀ ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ଯାତ୍ରା କମିଟି ଆୟୋଜନ କରିଛି ସମସ୍ତ ପ୍ରସ୍ତୁତି । ସ୍ଥାନୀୟ ପ୍ରଶାସନିକ ଅଧିକାରୀ ତଥା ଭଂଜନଗର ଉପଜିଲ୍ଲାପାଳ ଅନ୍ୟତମ ପୁରୋଧା ଭାବେ ଯୋଗ ଦେଇ ମାଁ ବାଗଦେବୀଙ୍କୁ ପାଛୋଟି ନେଇଥିଲେ ଅସ୍ଥାୟୀ ମଣ୍ଡପକୁ । ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟିର ମୁଖ୍ୟ ତଥା ଭଂଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, କନ୍ଧମାଳ ସାଂସଦ, ବିଡ଼ିଓ, ତହସିଲଦାର, ବିଭିନ୍ନ ବିଭାଗର ଅଧିକାରୀ ଏବଂ ଯାତ୍ରା କମିଟି ପ୍ରମୁଖ ପଟୁଆରରେ ସାମିଲ ହୋଇଥିଲେ । ୨୫ ଦିନ ଧରି ଆୟୋଜିତ ହେଉଥିବା ଏହି ଯାତ୍ରାର ବିଭିନ୍ନ ସନ୍ଧ୍ୟାରେ ମା' ବାଗଦେବୀ ଏବଂ ମା' ଠାକୁରାଣୀ ନଗର ଭ୍ରମଣ କରିବେ । ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶା ବିଭିନ୍ନ ସ୍ଥାନରୁ ଆସିବାକୁ ଥିବା ପ୍ରତିଷ୍ଠିତ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ।

## ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

# ୮ ମାମଲାର ଶୁଣାଣି, ୪ ନୂଆ ମାମଲା ପଞ୍ଜିକୃତ




ବାରିପଦା, (ସବ୍ୟ) : ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଓଡିଶା ରାଜ୍ୟ ମହିଳା କମିସନ ଶିବିର ଅଦାଲତ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ରାଜ୍ୟ ମହିଳା କମିସନର ଅଧକ୍ଷା ଶ୍ରୀମତୀ ମହାନ୍ତି ମହିଳା ମାନଙ୍କ ଉପରେ ହେଉଥିବା ହିଂସା, ନିର୍ଯାତନା, ଶୋଷଣ ପରି ସଙ୍ଗୀନ ମାମଲାର ତ୍ୱରିତ ସମାଧାନ ପାଇଁ ବିଭିନ୍ନ ଆବେଦନର ଶୁଣାଣି କରିଛନ୍ତି ଓ ପୂର୍ବରୁ ୯ ଗୋଟି ମାମଲା ତାଲିକାଭୁକ୍ତ ହୋଇଥିଲା । ସେଥିମଧ୍ୟରୁ କେବଳ ୮ଗୋଟି ମାମଲାର ସମ୍ବୋଧିତ ଆବେଦନକାରୀ ଉପସ୍ଥିତ ଥିବାରୁ ତାକୁ ହିଁ ଆୟୋଗ ଅଧକ୍ଷା ଶ୍ରୀମତୀ ମହାନ୍ତି ଶୁଣାଣି କରିଛନ୍ତି । ତହିଁରୁ ୫ଗୋଟି ମାମଲାର ଶୁଣାଣି ପାଇଁ ପୁଣିଥରେ ପକ୍ଷଭୁକ୍ତ ମାନଙ୍କୁ ଆଗାମୀ ଶୁଣାଣି ପାଇଁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ୪ଗୋଟି ନୂଆ ମାମଲା ମଧ୍ୟ ପଞ୍ଜିକୃତ ହୋଇଛି ।

ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିସନର ସଭ୍ୟା ପ୍ରତିଭା ମହାନ୍ତି, ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସମାଜ କଲ୍ୟାଣ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମହିଳା ସଶକ୍ତି କରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ସୀମନ୍ତ ଦିଗାର ଏବଂ ମହିଳା ସଶକ୍ତିକରଣ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମହିଳା ସଂରକ୍ଷଣ ବିଲ୍ ବିରୋଧକୁ ବିଜେପି ନାରୀନେତ୍ରୀଙ୍କ ନିନ୍ଦା



ବାରିପଦା, (ସବ୍ୟ) : ନିକଟରେ ଦେଶର ସଂସଦରେ ମହିଳା ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୬)କୁ ଇଣ୍ଡି-ମେଣ୍ଟ-ଭୁକ୍ତ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ବିରୋଧକୁ ବିଜେପି ନାରୀନେତ୍ରୀମାନେ ତୀବ୍ର ନିନ୍ଦା କରିଛନ୍ତି । ବିରୋଧୀ ଦଳଗୁଡିକର ଏହି ବିରୋଧରୁ ଏମାନଙ୍କ ମୁଖା ଖୋଲିଯାଇଛି ଏବଂ ଏମାନଙ୍କ ମହିଳା-ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଏହି ମହିଳା ବିଲ-ସପକ୍ଷବାଦୀ ବିଜେପି ନାରୀନେତ୍ରୀମାନେ ଏଠାରେ ପ୍ରକାଶ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭାବେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଏବଂ ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ବିଶିଷ୍ଟ ନାରୀନେତ୍ରୀ ସିପ୍ରା ବାଜପେୟୀ ଏଥିରେ ଯୋଗ ଦେଇ ଏହି ମର୍ମରେ ନିଜର ମତ ବ୍ୟକ୍ତ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶୋଭାବତୀ ଓତା, ସୁଜାତା ମୁର୍ମୁ, ସୁମନ ସିଂ, ସରୋଜିନୀ କିସ୍କୁ, ମମତା ମଣ୍ଡଳ ପ୍ରମୁଖ ନାରୀନେତ୍ରୀମାନଙ୍କ ସାଙ୍ଗକୁ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଯୋଗ ଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି ଅବସରରେ ବିଜେପି ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ଓ ବାରିପଦା ବିଜେପିର ଅନ୍ୟତମ ନେତା ବୀରକିଶୋର ପଟ୍ଟନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସରେ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି



କଟକ, (ସ୍ୱପ୍ର) : ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଉତ୍ସବରେ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମଧୁବାବୁଙ୍କ ଅତୁଳନୀୟ ଜାତି ପ୍ରେମ ଏବଂ ସମୃଦ୍ଧ-ସ୍ୱାଭିମାନ ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ଅବଦାନ ଯୁବପିଢୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ସୁଦର୍ଶନ ସାହୁ, ମୃତ୍ୟୁଞ୍ଜୟ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗଦେଇ ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂରେ

# ବି.ଟେକ କୋର୍ସ ଆରମ୍ଭ

ବାରିପଦା, (ସବ୍ୟ) : ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ତାର ଦୀର୍ଘ ୩୨ ବର୍ଷର ଡିପ୍ଲୋମା ଇଞ୍ଜିନିୟରିଂ ଏବଂ ଯୁକ୍ତ ଦୁଇ ବିଜ୍ଞାନ ଗୁଣାତ୍ମକ ଶିକ୍ଷା ଦାନ ପରମ୍ପରାକୁ ଆଉ ଗୋଟିଏ ସୋପାନ ଆଗକୁ ନେଇ ଚଳିତ ଶିକ୍ଷା ବର୍ଷ ୨୦୨୬-୨୦୨୭ ରୁ ନୂତନ ଭାବେ ବି ଟେକ ଶିକ୍ଷା ଆରମ୍ଭ କରିବାକୁ ଯାଉଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବ୍ୟକ୍ତ କରିଛନ୍ତି । ପ୍ରଥମ ବର୍ଷ ଏହି ବି.ଟେକ ମେକାନିକାଲ ଓ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ଉପଲବ୍ଧ ହେବ । ଏହି ଏମଏସଇର ଗୁଣାତ୍ମକ ଶିକ୍ଷା, ଅଭିଜ୍ଞ ଶିକ୍ଷକ, ଉନ୍ନତ ଭିତ୍ତିଭୂମି ଓ ଉଚ୍ଚକୋଟୀର ପ୍ଲେସମେଣ୍ଟ ଆରମ୍ଭରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପ୍ରଥମ ପସନ୍ଦ ରହି ଆସିଛି । ଏହି ବି.ଟେକ ଶିକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ଭିତ୍ତିଭୂମି ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏ.ଆଇ.ସି.ଟି.ଇ) ଦ୍ୱାରା ଅନୁମୋଦିତ ହୋଇଛି । ଲକ୍ଷ୍ମୀପୋଷି ଠାରେ ସବୁଜ ବଳୟ ଓ ଶାନ୍ତ ପରିବେଶରେ ପ୍ରତିଷ୍ଠିତ ଏହି କଲେଜ ନିଶ୍ଚିତ ଭାବରେ ପିଲାମାନଙ୍କୁ ବି.ଟେକ ପାଠ ପଢାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବ । ସ୍ଥାନୀୟ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଉନ୍ନତମାନର ପାଠ ପଢା ଓ ପ୍ଲେସମେଣ୍ଟ ପାଇଁ ବାହାରକୁ ଯିବାର ଅବଶ୍ୟକତା ରହିବ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ୨୦୨୫ -୨୦୨୬ ଶିକ୍ଷା ବର୍ଷରେ ଅଦ୍ୟାବିଧି ୧୫ ଟି ବହୁ ରାଷ୍ଟ୍ରୀୟ କମ୍ପାନୀ ଏହି କଲେଜ କୁ ଆସି କ୍ୟାମ୍ପସ ଡ୍ରାଇଭ ଜରିଆରେ ପଢୁଥିବା ୨୭୨ ଜଣ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନଙ୍କୁ ଚାକିରୀ ପ୍ରଦାନ କରିଛନ୍ତି । ଏହି କମ୍ପାନୀ ମାନଙ୍କ ଭିତରୁ ଟାଟା ପ୍ୟାସେଞ୍ଜର ଇଲେକଟ୍ରିକ ମୋବିଲିଟି, ଜିଇ ଏରୋସ୍ପେସ, ସିଏଟ ଟାୟାର, ୟୋକୋହାମା, ସେକଫମ ଇଲେକଟ୍ରୋନିକ୍ସ, ଆନନ୍ଦ ଗ୍ରୁପ, ସିଗମା ଇଞ୍ଜିନିୟରିଂ ଇତ୍ୟାଦି । କଲେଜରେ ଥିବା ବୃହତ ଲାଇବ୍ରେରୀ, କ୍ୟାଣ୍ଟିନ, ବିସ୍ତୀର୍ଣ୍ଣ ଖେଳପଡିଆ, ଛାତ୍ର ଓ ଛାତ୍ରୀ ନିବାସ, ଗମନା ଗମନର ସୁବିଧା, ଉନ୍ନତ କମ୍ପ୍ୟୁଟର ଲ୍ୟାବ, ଲାଙ୍ଗୁଏଜ ଲ୍ୟାବ, ହାଇସ୍ପିଡ ଇଣ୍ଟରନେଟ, ସଫଟ ସ୍କିଲ ଟ୍ରେନିଂ ବ୍ୟବସ୍ଥା ଇତ୍ୟାଦି ନିଶ୍ଚିତ ଭାବରେ ଛାତ୍ରଛାତ୍ରୀଙ୍କ ଜ୍ଞାନ ସହିତ ମାନସିକ ଓ ଶାରୀରିକ ବିକାଶ କରିବାରେ ସାହାଯ୍ୟ କରିବ ଓ ଉତ୍ତମ ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ ବୋଲି ଅନୁଷ୍ଠାନ ପରିଚାଳନା ସମିତିର ଇଂ ଧରମବୀର ବୁଗୁଡେଇ ଏବଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରକାଶ କରିଛନ୍ତି ।

# ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, (ସବ୍ୟ): ୨୦୦୦ ମସିହା ବ୍ୟାଚର ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ମଙ୍ଗଳବାର ଗଞ୍ଜାମ ଜିଲା ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଭାବେ ନିଜ ଦାୟିତ୍ୱ ସଠିକ ଭାବେ ପରିଚାଳନା କରି ଆସୁଥିଲେ । ଶ୍ରୀ ନାୟକ ପୂର୍ବରୁ ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ ସଂପାଦନ କରିଥିଲେ । ଆଜି ଦାୟିତ୍ୱ ଗ୍ରହଣ ଅବସରରେ ସେ ଗଣମାଧ୍ୟମକୁ ସୌଜନ୍ୟମୂଳକ ସାକ୍ଷାତରେ କହିଛନ୍ତି, ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯିବ । ଏଥିଲାଗି ସମସ୍ତ ପ୍ରୟାସ ଜାରି ରହିବ । ସେହିପରି ଗଞ୍ଜାମ ଜିଲ୍ଲାର ସୁନାମକୁ ବଜାଇ ରଖିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି । ନୂତନ ଭାବେ ଆଜି ଦାୟିତ୍ୱ ଗ୍ରହଣ ପରେ ପ୍ରଥମେ ଗଞ୍ଜାମ ଜିଲ୍ଲାପାଳ ଭେଟିଥିଲେ ।

# ମା' ଦୁର୍ଗା ମାସ୍ ମହିଳା ସମିତି ପକ୍ଷରୁ ଜଳଛତ୍ର




କଟକ, (ସ୍ୱପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୪୨ନଂ ୱାର୍ଡ ଚାଉଳିଆଗଞ୍ଜ ସ୍ଥିତ ଦୁର୍ଗା ମନ୍ଦିର ପାଙ୍ଗଣରେ ମା' ଦୁର୍ଗା ମାସ୍ ମହିଳା ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ଜଳଛତ୍ର କେନ୍ଦ୍ରକୁ ସ୍ଥାନୀୟ କର୍ପୋରେଟର ମିନା ସାହୁ, ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ, ସମାଜସେବୀ ସୁକାନ୍ତ ସାହାଣୀ, ସାହିର ମୁରବୀ ଶିବ ରାମ ପାଟରା, ଜିତେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଜଳ ବଣ୍ଟନ କରି ସମିତିର ମହିଳା ମାନଙ୍କୁ ଉତ୍ସାହିତ କରିଥିଲେ । ମହିଳା ସମିତିର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି । ଏହି ପରିପେକ୍ଷୀରେ ସମିତିର ମେମ୍ବର ଜୟନ୍ତୀ ସାହୁ, ପ୍ରେମଲତା ସାହୁ, ଲତିକା ପାତ୍ର, ବିନୋଦୀ ସାହୁ, ଜୋତି ପାତ୍ର, ପ୍ରମିଳା ମଲିକ, ପ୍ରାର୍ବତୀ ସାହୁ, କଳ୍ପନା ପାତ୍ର, କଲ୍ୟାଣୀ ପାତ୍ର, ଅନୁପମା ବେହେରା, ଚପଳା ସାହୁ, ଝିଲି ସାହୁ, ନିହତି ବୈଶାଖଙ୍କ ସହ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ ।

## 'ସମୟ' ପ୍ରଭାବ

# ଅପପୁଷ୍ଟି ପରିବାରକୁ ଭେଟିଲା ପ୍ରଶାସନ

ଗୋଡ଼ିବନ୍ଧ, (ସବ୍ୟୁ): ଡ଼ୁଙ୍ଗରବେଡାରେ ଅପପୁଷ୍ଟି, ଆଉ ଏକ ନଗଡାର ନଗ୍ନରୂପ ଶୀର୍ଷକ ଖବର ସମୟ ଦୈନିକ ଓଡ଼ିଆ ଖବର କାଗଜରେ ଗତ ସୋମବାର ତା ୨୭. ୦୪. ୨୬ ରିଖରେ ପ୍ରକାଶିତ ହେଇଥିଲା । ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକର ସମଲ ଥାନା ଅଧିନସ୍ଥ ଡ଼ୁଙ୍ଗରବେଡା ଗ୍ରାମରେ ଅପପୁଷ୍ଟି ମଲ୍ଲାର ସମ୍ପ୍ରଦାୟରେ ଦେଖାଯାଇଥିଲା । ଦୀର୍ଘ ୨୦ ବର୍ଷ ହେବ ଗ୍ରାମରେ ବାସ କରୁଥିଲେ ମଧ ନା ଅଛି ରାସନ କାର୍ଡ ନା ଆଧାର ପରିଚୟ ପତ୍ର । ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଚଳୁଥିବା ଏହି ୬ଟି ପରିବାରଙ୍କ ଦୁଃଖ କଥା ଜିଲ୍ଲାପାଳ ଏମ ଅବଦ୍ଦଲ ଆଖତର ବିଜେପି ଜିଲ୍ଲା ସଭାପତି ଯଯାତି ପଟନାୟକଙ୍କ ଆଗ୍ରହ



କ୍ରମେ ପରିବାରକୁ ତୁରନ୍ତ ଭେଟି ସମାଧାନ କରିବାକୁ ନିର୍ଦେଶ ଦେଇଥିଲେ । କଣିହାଁ ବିଡ଼ିଓ ତ୍ରିବିକ୍ରମ କୁମୁରା ଅଧସ୍ତନ କର୍ମଚାରୀ ଯଥା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ,ଯୋଗାଣ ଅଧିକାରୀ, ଗ୍ରାମିଣ ପାନୀୟ ଜଳ ଯୋଗାଣ ବିଭାଗ, କୁଲେଇ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ବିଭାଗିୟ ଅଧିକାରୀଙ୍କ ସହିତ ସରଜମିନ ତଦନ୍ତ କରିଥିଲେ । ଗ୍ରାମରେ ୨୦ବର୍ଷ ଧରି ରହିଆସୁଥିବା ଏହି ୬ଟି ପରିବାର ୨୧ଜଣଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ଜନ୍ମ ପରିଚୟ ପତ୍ର ପ୍ରଦାନ ପାଇଁ ସରପଞ୍ଚଙ୍କ ପ୍ରତିନିଧି ସତ୍ୟନନ୍ଦ ଗଡ଼ନାୟକଙ୍କୁ ନିର୍ଦେଶ ଦେଇଥିଲେ । ଆଧାର କାର୍ଡ, ଭୋଟର କାର୍ଡ, ରାସନ କାର୍ଡ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ଯୁଦ୍ଧକାଳିନ ଭିତ୍ତିରେ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରିଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କୁମୁରା ନିର୍ଦେଶ ଦେଇଥିଲେ । ଶ୍ରୀ କୁମୁରା ଏହି ଗରିବ ପରିବାରଙ୍କୁ ଭେଟି ତାଙ୍କ ମୁହଁରେ ସମ୍ଭାବନାର ହସ ଫୁଟେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ ପ୍ରଶଂଶିତ ହେଇଛି ।

## ଗାଡ଼ିରେ ପ୍ରେସ - ପୋଲିସ ଲେଖି ଆତଙ୍କ ସୃଷ୍ଟି !

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଓ ବଅଁରପାଳ ଅଞ୍ଚଳରେ କିଛି ଅସାମାଜିକ ଯୁବକମାନେ କାର ବାଇକ ରେ ପ୍ରେସ ,ପୋଲିସ ଓ ମାନବାଧିକାର କର୍ମୀ ଲେଖି ଆତଙ୍କ ରାଜ ଚଳାଉଛନ୍ତି । ବାଲି, ମାଟି କବାଡି ବ୍ୟବସାୟୀ, ମଦ ମାଫିଆ ଓ ଦଲାଲ ମାନେ ଗାଡ଼ିରେ ପ୍ରେସ କିମ୍ବା ମାନବାଧିକାର କର୍ମୀ ଲେଖିବା ସହିତ ଅସାଧୁ ଉପାୟରେ ନକଲି ପରିଚୟ ପତ୍ର ଧରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କୁ ଯାଇ ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟରେ ସହାୟତା ଯୋଗାଇଦେବାକୁ ଦାବି କରୁଛନ୍ତି । ଏମାନଙ୍କ ପାଇଁ ପ୍ରକୃତ ଗଣମାଧମ ପ୍ରତିନିଧି ଓ ମାନବାଧିକାର କର୍ମୀମାନେ ଜନସାଧାରଣଙ୍କ ଆଗରେ ଲଜ୍ଜିତ ହେଉଛନ୍ତି । ଜିଲ୍ଲାରେ ଥିବା



ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୁରକ୍ଷା କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି କିନ୍ତୁ ଗାଡ଼ିରେ ପୋଲିସ ଲେଖି ବୁଲୁଛନ୍ତି ।

ସେହିପରି ରାଜ୍ୟ ବାହାର ନମ୍ବର ଥିବା କିଛି ବ୍ୟକ୍ତି ନିଜ କାର ଓ ବାଇକ ରେ ପୋଲିସ ଲେଖି ନାଲକୋ ନଗର ଅଞ୍ଚଳରେ ବୁଲୁଛନ୍ତି । ଜିଲ୍ଲାରେ ଏବେ ଶହଶହ କାର ,ବାଇକ ରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ଦଳୀୟ ଚିହ୍ନ ଲଗାଇ ବୁଲିବାର ଉଦ୍ୟୋଶ କଣ ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ସେହିପରି ବେଆଇନ ଭାବେ ଗାଡ଼ିରେ ପ୍ରେସ ,ପୋଲିସ ଓ ମାନବାଧିକାର କର୍ମୀ ଲେଖି ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଭାଇ-ଭାଉଜଙ୍କୁ ଟାଙ୍ଗିଆରେ ଆକ୍ରମଣ

ଠାକୁରଗଡ, (ସବ୍ୟୁ) : କିଶୋରନଗର ଥାନା ଚୂଡାଖାଇ ହାଡିବନ୍ଧୁ ତଣ୍ଡିଆ ଓ ତାଙ୍କ ପନୀ ପରିଶିତା ତଣ୍ଡିଆଙ୍କୁ ତାଙ୍କ ସାନଭାଇ ରୋହିତ ତଣ୍ଡିଆ ଏକ ଟାଙ୍ଗିଆ ରେ ଆକ୍ରମଣ କରିଥିବା ହାଡିବନ୍ଧୁ କିଶୋରନଗର ଥାନାରେ ସୋମବାର ଦିନ ହଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭୀତି କରି ପୋଲିସ ନମ୍ବର ୧୧୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ କହିଛି ଯେ ଉଭୟ ସାମୀ ସ୍ତ୍ରୀ ଘରେ ଥିବା ବେଳେ ଘରେଇ କଳିକୁ କେନ୍ଦ୍ର କରି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି ।

## ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣି , ବିଧାୟକ କାମାକ୍ଷାନଗର ଶତ୍ରୁଘନ ଜେନା , ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ , ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ , ପୌରପାଳିକା ଅଧକ୍ଷା ଜୟନ୍ତୀ ପାତ୍ର , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ଡିଏଚଏଚର ସାମ୍ପ୍ରତିକ ସେବା, ଭିତ୍ତିଭୂମି ଉନ୍ନତି, ରୋଗୀ ସନ୍ତୁଷ୍ଟି, ଏନକ୍ୟୁଏଏସ ମାନକ ପାଳନ ଏବଂ ଆରକେଏସ ପାଣ୍ଠିର ବିନିଯୋଗ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରୋଗୀମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସରବତ ବଣ୍ଟନ

ଆଠମଲ୍ଲିକ, (ସବ୍ୟୁ) : ଅବସରପ୍ରାପ୍ତ କର୍ମଚାରୀମାନଙ୍କ ତରଫରୁ ସ୍ଥାନୀୟ ଦୁର୍ଗାବଜାରରେ ତୃଷାର୍ତ୍ତଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଗତ କିଛିଦିନ ହେଲା ଟାଣ ଖରା ହେଉଥିବାରୁ ଲୋକଙ୍କ ପାଇଁ ଜଳର ଆବଶ୍ୟକତା ଦେଖାଦେଇଛି। ଏହାକୁ ଦୃଷ୍ଟି ରେ ରଖି ମଙ୍ଗଳବାର ଦୈନିକ ହାଟ ବାରି ଥିବାରୁ ଲୋକଙ୍କୁ ସଂଘ ତରଫରୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସଂଘ ର ସଦସ୍ୟ ଭବାନୀ ଶଙ୍କର ମିଶ୍ର , ବିପିନ ବିହାରୀ ସାହୁ , ସଚ୍ଚିଦାନନ୍ଦ ମହାର , ବିନୟ ବଘାର , ପୂର୍ଣ୍ଣଚନ୍ଦ୍ର ଘିଓ୍ୱାଲା , ମନୋଜ ମିଶ୍ର , ପର୍ଶୁରାମ ବେହେରା , ରମାକାନ୍ତ ଚାନ୍ଦ , ନବୀନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସଂଘ ର ଏହିପରି କାର୍ଯ୍ୟ କୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

## ମଧୁବାବୁଙ୍କ ଜୟନ୍ତୀ ପାଳିତ



ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ମଧୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଂଘ ସଭାପତି ରବିନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଢ଼େଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଦେଶ ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ ଦେହୁରୀ,ଅନନ୍ତ ଚରଣ ସାହୁ,ରଣଜିତ ନାୟକ ଓ ସୋମନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ରୋଡ ବଜାରର ଥିବା ସମସ୍ୟା ସଂମ୍ପର୍କରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଘରୋଇ କମ୍ପାନୀକୁ ତାଳଚେରବାସୀଙ୍କ ତୀବ୍ର ବିରୋଧ

ତାଳଚେର, (ସବ୍ୟୁ) : ଆଜି ତାଳଚେର ପୌରପରିଷଦ ୧୦ନଂ ୱାର୍ଡ ଦଶହରା ପଠାରେ ଘରୋଇ କମ୍ପାନୀକୁ ତାଳଚେର ଭିତରେ ପୁରାଇ ନଦେବାକୁ ଏକ ବୈଠକରେ ଅନୁଷ୍ଠିତ ହୋଇଥିଲା । ଘଟଣାରୁ ପ୍ରକାଶ, ତାଳଚେରର ପ୍ରାୟ ୮ଟି ପଂଚାୟତ ଏମସିଏଲ ଅଧିଗ୍ରହଣ କରି ଲୋକଙ୍କୁ ଉଚିତ କ୍ଷତିପୂରଣ, ନିଯୁକ୍ତି, ଥଇଥାନ ନକରି କଳବଳ କରୁଥିବା ବେଳେ ଏବେ କୋଇଲା ଖଣି ମନ୍ତ୍ରାଳୟ ପକ୍ଷରୁ ତାଳଚେର ସହରର ପ୍ରାୟ ୧୨୫ ଏକର ଜମି ସହିତ ୨୧ଗୋଟି ଗ୍ରାମକୁ ସାକ୍ଷୀଗୋପାଳ ବି- ଏକ ବିଜ୍ଞପ୍ତି ପ୍ରକାଶ କରିଥିବା ମୋବାଇଲରୁ ମୋବାଇଲ ଘୂରି ବୁଲୁଛି । ଏହାକୁ ନେଇ ଅଂଚଳବାସୀ ଏବେ ଆଶା ଆଶଙ୍କାରେ ରହିଥିବା ଦେଖିବାକୁ ମିଳିଛି । କୋଇଲା ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ପତ୍ର ଅନୁଯାୟୀ ତାଳଚେରର ୨୧ଗ୍ରାମ ସହିତ ନିଜ ଟାଉନ ଖୋଲା କୋଇଲା ଖଣି ଅଂଚଳଭାବେ ଅଧିଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟକୁ ପତ୍ର ଆସିବା ସହ ଖବର କାଗଜରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ନେଇ ଆଜି ତାଳଚେରର ଭବିଷ୍ୟତ କ'ଣ ହେବ ସେନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବହୁ ଗୁଣି, ଜ୍ଞାନି, ମାନି ଲୋକ ଉପସ୍ଥିତ ରହି ତିବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କମ୍ପାନୀକୁ ଏଠାରେ ପ୍ରବେଶ କରି ଦିଆନଯିବାକୁ ନେଇ ବିଧିବଦ୍ଧ ନିଷ୍ପତି ନିଆଯାଇଥିଲା ।

ଏହା ପୂର୍ବରୁ ରୁଙ୍ଗଟା କମ୍ପାନୀ ପକ୍ଷରୁ କଙ୍କିଳି, ଧରମପୁର ଗ୍ରାମରେ ମେସନକୁ ବିରୋଧ କରିଥିଲେ । ଫଳରେ ଉତେଜନା ସୃଷ୍ଟି ହେବାସହ ଏଘଟଣା ସ୍ଥାନୀୟ ପ୍ରଶାସନ ନିକଟକୁ ଫହଚିଥିଲା । ତାଳଚେର ଅଂଚଳଦେଇ ଚିରୋସ୍ରୋତା ବ୍ରାହ୍ମଣୀନଦୀ ପ୍ରବାହିତ ହୋଇଛି । ଯଦି ଏହା ଆଖାପାଖ କୋଇଲା ଖଣି ଖନନ କରାଯାଏ ତେବେ ଚାଷନଳା ଅବସ୍ଥା ଦେଖାଦେବା ସମ୍ଭାବନାକୁ ଏ ଦିଆଯାଇନପାରେ । ତେଣୁ ଦିନ ଥାଇଥାଉ ସାବଧାନ । ଏହି ଆଲୋଚନା ଚକ୍ରରେ ରଣଜିତ ମହାପାତ୍ରଙ୍କ ଆବାହକତ୍ୱରେ ନଗରପାଳ ପବିତ୍ର ଭୂତିଆ, ଚୈତନ୍ୟ ପ୍ରଧାନ, ଅଶୋକ ଶତପଥୀ, ଟୁନା ସାହୁ, ଦୁର୍ଗାଚରଣ ମହାନ୍ତି, ସାମ୍ବାଦିକ ମନୋଜ ଶତପଥୀ, ସମାଜସେବୀ ସୌଭାଗିନୀ ଦେବୀ, କାଉନସିଲର ସ୍ୱାଧୀନ ଅମ୍ବ, ପୂର୍ବତନ ନଗରପାଳ କେଶବ ଭୂତିଆ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍ ରାଉରକେଲା ଗଲା ବାଲେଶ୍ୱର ଉପ କନିଷ୍ଠ ବାଳକ ଦଳ

ବାଲେଶ୍ୱର, (ସବ୍ୟୁ) : ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜଯସ୍ତରୀୟ ଉପ କନିଷ୍ଠ ବାଳକ ହକି ଚାମ୍ପିଅନସିପ୍-୨୦୨୬ ରେ ଭାଗ ନେବା ପାଇଁ ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି । ଏହି ପ୍ରତିଯୋଗିତା ଆସନ୍ତା କାଲି (ବୁଧବାର)୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ବାଲେଶ୍ୱରର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି । ଆମର ଆଶା ଓ ବିଶ୍ୱାସ ଅଛି ଯେ ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜଯସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ । ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ହକି ସଂଘ ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନଯାନଯ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ବାଲେଶ୍ୱରର କ୍ରୀଡ଼ା ପ୍ରେମୀ ମାନେ ଦଳର ସଫଳତା କାମନା କରିଛନ୍ତି ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ରାସୋଳ,(ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ କୁନୁଆଁ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ର ବାସୀ ମାଝୀ (୭୪) ଙ୍କ ଆଜି ସକାଳେ ନିଜ ବାସଭବନରେ ପରଲୋକ ହୋଇ ଯାଇଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ଥିଲେ । ସେ ଦୀର୍ଘ ୪୦ ବର୍ଷ ଧରି ନିଜ ଗ୍ରାମ କୁନୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଜର ଦାୟିତ୍ୱ ନିର୍ବାହ ପୂର୍ବକ ବହୁ ଆଦର୍ଶ ଛାତ୍ର ଗଢି ତୋଳିଥିଲେ । ସେ ଜଣେ ଛାତ୍ରବତ୍ସଲ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ।

ଆଜି ସକାଳେ ଏହି ଦୁଃଖଦ ଖବର ଗ୍ରାମରେ ପ୍ରଚାର ହେବା ପରେ ତାଙ୍କର ବହୁ ପୂରାତନ ଛାତ୍ର ଓ ଗ୍ରାମବାସୀ ତାଙ୍କ ପ୍ରିୟ ଶିକ୍ଷକ ଙ୍କୁ ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରା ଯାଇଥିଲା ।

ପୁତ୍ର ଶୁଶାନ୍ତ ମାଝୀ ମୁଖାଗ୍ନି ଦେଇଥିଲେ । ମରଶରୀରରେ କୁନୁଆଁ ପଞ୍ଚାୟତ ପୁର୍ବ ସରପଞ୍ଚ ନିରଞ୍ଜନ ସାମଲ, କୁନୁଆଁ ଗ୍ରାମ ସଭାପତି ଅମଳକାନ୍ତ ସାମଲ,ପୂର୍ବତନ ସଭାପତି ଜଗନ୍ନାଥ ମାଝୀ,ଅବସର ପ୍ରାପ୍ତ ପୋଲିସ ଅଧିକାରୀ ଶରତ ଚନ୍ଦ୍ର ସାମଲ, ମହେଶ୍ୱର ସାମଲ ଓ ପୁରାତନ ଛାତ୍ର ଆନନ୍ଦ ମାଝୀ, ସୁଜି ସାମଲ,ସୂରଜ ରାଉତ, ପ୍ରହଲ୍ଲାଦ ରାଉି,ସାରଙ୍ଗଧର ମାଝୀ, କନ୍ଦର୍ପ ସାମଲ, ଜୟନ୍ତ ସାମଲ,ଅରୁଣ ମାଝୀ,ପପୁ ସାମଲ,ବିଷ୍ଣୁ ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## କୁଡୁମି ଜାତିର ଗ୍ରାମ୍ୟସ୍ତରୀୟ ସଚେତନ ବୈଠକ

ଠାକୁରମୁଣ୍ଡା,(ସବ୍ୟୁ): ଚମ୍ପାଝର ଗ୍ରାମ ପଂଚାୟତ ଅନ୍ତର୍ଗତ ନୂଆଗାଁରେ ଠାକୁରମୁଣ୍ଡା ବ୍ଲକ ସ୍ତରୀୟ କୁଡୁମି ସଂଗଠନର ଗ୍ରାମ୍ୟ ସ୍ତରୀୟ ଜାତିର ସଚେତନତା ମୂଳକ ବୈଠକ ଗତ ୨୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆଗାଁର କାର୍ତ୍ତିକେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଧାଶ୍ୟାମ ମହାନ୍ତ ସଂଗଠନର ଲକ୍ଷ୍ୟ ଓ ଉଦେଶ୍ୟ ଉପରେ ଆଲୋଚନା କରିଥିଲେ । ଜାତିର ଭାଷା, କଳା, ସଂସ୍କୃତି, ପରମ୍ପରା, ନେଗାଚାରି ଆଦି ଲୁପ୍ତ ହେବାକୁ ଯାଉଥିବାରୁ ତାହାକୁ ପୁନର୍ବାର ଜୀବିତ କରିବା ଓ କର୍ତବ୍ୟ ଏବଂ ଅଧିକାର ଉପରେ ନିରଞ୍ଜନ ମହାନ୍ତ, ଗଣେଶ୍ୱର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନରହରି ମହାନ୍ତ, ନରସିଂହ ମହାନ୍ତ, ଭାଗିରଥି ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ । ବୈଠକରେ ପୂର୍ବରୁ ଥିବା ଗ୍ରାମ୍ୟ ଦେହୁରୀ ତ୍ରିଲୋଚନ ମହାନ୍ତ, ନରେନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ ଥିବାବେଳେ ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଡାକୁଆ ଭାବେ ହୀରାଲାଲ ମହାନ୍ତ, ପ୍ରଧାନ ଭାବେ କାର୍ତ୍ତିକେଶ୍ୱର ମହାନ୍ତ ସଭ୍ୟ -ଜଗଦୀଶ ମହାନ୍ତ ଓ ରୈବୁ ମହାନ୍ତ ଏବଂ ସଭ୍ୟା ଭାବେ ଲବଙ୍ଗଲତା ମହାନ୍ତ ଓ ସଂଯୁକ୍ତା ମହାନ୍ତଙ୍କୁ ଚୟନ କରାଯାଇଥିଲା । ଏହାର ପରବର୍ତୀ ବୈଠକ ଆସନ୍ତା ଶୁକ୍ରବାର ଦିନ ଜାମଖଞ୍ଜରୀ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ହେବ ବୋଲି ସ୍ଥିର କରାଯାଇଥିଲା

## ଭୂମିପୁତ୍ର ସାରସ୍ୱତ ମଞ୍ଚ ମହୋତ୍ସବ

ଭଣ୍ଡାରିପୋଖରୀ, (ସବ୍ୟୁ) : ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ଭୂମିପୁତ୍ର ସାରସ୍ୱତ ମଂଚପକ୍ଷରୁ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼ଃ.ରାମଚନ୍ଦ୍ର ପଣ୍ଡା,ମୁଖ୍ୟବକ୍ତା ଭାବେ ଡ଼ଃ.କ୍ଷୀରୋଦ କୁମାର ସାମଲ,ସମ୍ମାନିତ ଅତିଥି ଓ ବକ୍ତା ଭାବେ ସମାଜସେବୀ ଅଜୟ କୁମାର ନାୟକ,ଅଧ୍ୟାପକ ଡ଼ଃ.ରବୀନ୍ଦ୍ର କୁମାର ବେହୁରିଆ,ଅଧ୍ୟାପକ ବିଶ୍ୱରଞ୍ଜନ ଦାସ,ପ୍ରକାଶ ମହାପାତ୍ର,ଆନନ୍ଦ ଜେନା ପ୍ରମୁଖଯୋଗଦେଇସ୍ୱାଧୀନତାସଂଗ୍ରାମରେ ଭଦ୍ରକର ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅସହଯୋଗ ଆନ୍ଦୋଳନରେ ଭଣ୍ଡାରିପୋଖରୀର ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତଦେବା ସହ ପ୍ରତେଯକ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ସମ୍ପର୍କରେ ଉତ୍ତରଦାୟାଦ ମାନେ ଜାଣିବାର ଆବଶଯକତା ରହିଛି ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ବସୁଧା ଜନ ଜୀବନର ସ୍ୱରର ମୁକ୍ତି ସଂଗ୍ରାମରେ ଭଣ୍ଡାରିପୋଖରୀ ଥାନା ପୋଡ଼ି-ଲୁଣିଆ ଗୁଳିକାଣ୍ଡ-ରକ୍ତ ତୀର୍ଥ ଇରମର ଐତିହାସିକ ପୃଷ୍ଠଭୂମି ନିବେଦିତ ସ୍ୱତନ୍ତ୍ର ସଂଖଯା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏଥିରେ ଅଧାପିକା ଯୋଗଯଶ୍ରୀ ସାମଲ,ସନ୍ଦୀପ ରାୟ,ଡ଼ଃ.ରୂପନାରାୟଣ ସାହୁ,ପ୍ରମୋଦ ରାଉତ,ଅଜୟ ନାୟକ,ପ୍ରକାଶ ମହାପାତ୍ର,ପୂଜାରାଣୀ ଦାସ,ବିଶ୍ୱ ରଞ୍ଜନ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଜୟ ଦାସ ଧନଯବାଦ ପ୍ରଦାନ କରିଥିଲେ ।

## ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ



ବାଲେଶ୍ୱର, (ସବ୍ୟୁ) : ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦର ୩୨ ତମ ବାର୍ଷିକ ଉତ୍ସବରେ ଉକ୍ତ କଲେଜର ପ୍ରାକ୍ତନ ପ୍ରାଧାପକ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହିତ ପୂର୍ବତନ ଛାତ୍ର ତଥା ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବରିଷ୍ଠ ସାମ୍ବାଦିକ ତଥା ସବ ଏଡିଟର କୁଳମଣି ବାରିକ ଡକ୍ଟର ପ୍ରଧାନ, ଦେବ ଓ ଡକ୍ଟର ପାଢ଼ୀଙ୍କୁ ଛାତ୍ର ଗୌରବ ଭାବେ ଅଭିନନ୍ଦନ ପ୍ରଦାନ କରାଯାଇଛି ।

ଆୟୋଜିତ ସଭାରେ ଡକ୍ଟର ପ୍ରଭାତ ଚୌଧୁରୀ ଅଧକ୍ଷତା କରି, ଆଲୁମନି ବିଷୟରେ ଭାଷଣ ପ୍ରଦାନ, ମୁଖ୍ୟ ଅତିଥିଭାବେ ଡ଼କଫର ସନ୍ତୋଷ କୁମାର ତ୍ରିପାଠୀ (କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ), ବିଧାୟକ ସନ୍ତୋଷ ଖଟୁଆ, ପ୍ରଫେସର ଦିନେଶ ଦାସ, ଅଧକ୍ଷ ଫକୀର ମୋହନ କଲେଜ ସମ୍ମାନିତ ଅତିଥି, ଅମୃତାଂଶୁ ପଟନାୟକ ଅତିଥି ପରିଚୟ, ସଂଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ, ଉପସଭାପତି ଅନୁସୟା ନାୟକ, ଅତିଥି ଭାବେ ମଂଚାସୀନ ଥିଲେ ।

୭୦ ଜଣ ଛାତ୍ର, ଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ସର୍ବାଧିକ ମାର୍କ ରଖିଥିବା ଯୋଗୁ କରାଯାଇଛି ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଜନଶିକ୍ଷା ସଂସ୍ଥାନ ପକ୍ଷରୁ ଦକ୍ଷତା ପ୍ରମାଣପତ୍ର ବିତରଣ ଉତ୍ସବ



କଣିହାଁ, (ସବ୍ୟୁ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବିଜିଗୋଳ ଗ୍ରାମପଞ୍ଚାୟତ କନଫରେନ୍ସ ହଲ ପରିସରରେ ମଙ୍ଗଳବାର ଦକ୍ଷତା ପ୍ରମାଣ ପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଗୁଳ ଜିଲ୍ଲା ଜନଶିକ୍ଷା ସଂସ୍ଥାନ ଅଧୀନରେ ବିଜିଗୋଳ ଉପକେନ୍ଦ୍ର ପକ୍ଷରୁ ୮୦ଜଣ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ଆସିଷ୍ଟାଣ୍ଟ କମ୍ପୁଟର ଅପରେଟର ଓ ବିୟୁଟି କେୟାର ସମ୍ପର୍କିତ ଦକ୍ଷତା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ବିଜିଗୋଳ ସରପଞ୍ଚ ରୁକୁଣୀ ପ୍ରଧାନ , ଡାକ୍ତର ଶାନ୍ତନୁ କୁମାର ସାହୁ, ସତ୍ୟାନନ୍ଦ ପ୍ରଧାନ, ସୁଲେନ କୁମାର ଧର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦକ୍ଷତା ପ୍ରମାଣ ପତ୍ର ବିତରଣ କରିଥିଲେ ।

କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଳୟ ଅଧୀନରେ ଅନୁଗୋଳ ଜିଲ୍ଲା ଜନଶିକ୍ଷା ସଂସ୍ଥାନ ଅଧୀନରେ ବିଜିଗୋଳ ଉପକେନ୍ଦ୍ର ଦୁଇ ବର୍ଷ ମଧ୍ୟରେ ୨୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଉପକୃତ ହୋଇଛନ୍ତି । ଏଥିରେ ଯୁବକ ଯୁବତୀ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କର ଆର୍ଥିକ ସ୍ଥିତିରେ ମଧ ଉନ୍ନତି ଘଟିଛି । ପ୍ରଶିକ୍ଷକ ଜଗଦୀଶ ପାଣି, ଶୁଭଶ୍ରୀ ସାମଲ, ଶିବରାମ ନାହାକ, ଶଙ୍କର୍ଷଣ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ ।

# ହାତୀ ଉପଦ୍ରବ: ଚିନ୍ତାରେ ଚାଷୀ, ମିଳୁନି କ୍ଷତିପୂରଣ

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ କିଛି ଦିନ ହେବ ହାତୀ ଉପଦ୍ରବ ଲାଗିରହିଛି । ବାରମ୍ବାର ହାତୀ ଉପଦ୍ରବ ହେଉଥିବା ବେଳେ ବନବିଭାଗ ପକ୍ଷରୁ ସଠିକ ସମୟରେ ପଦେକ୍ଷେପ ନିଆଯାଉନଥିବା ଯୋଗୁଁ ଚାଷୀ ଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ହାତୀମାନେ ନିକଟସ୍ଥ ଜଙ୍ଗଲ ରୁ ପ୍ରତେକ ଦିନ ଆସି ବ୍ୟାପକ ପନିପରିବା ଚାଷ ନଷ୍ଟ କରୁଥିବା ସହ ବିଭିନ୍ନ ଗଛ କୁ ଭାଙ୍ଗିବା ଓ ଧାନ ଗଛ ପାଦରେ ମାଡି ନଷ୍ଟ କରିଦେଉଥିବା ଯୋଗୁଁ ଚାଷୀ ମାନଙ୍କର ନିଦ ହଜେଇଦେଇଛି । ବିଶେଷ କରି ଏହି ରେଞ୍ଜ ରେ୮/୧୦ ଟି ହାତୀ ତାଣ୍ଡବ ଚଳାଇଥିଲେ ମଧ୍ୟ ଏହି ହାତୀ ଙ୍କୁ ଅନ୍ୟ ରେଞ୍ଜ କୁ ଘଉଡାଇବାରେ ବନବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଧଣ୍ଡାତୋପା ରେଞ୍ଜ ରେ ୯ ଟି ପଞ୍ଚାୟତ ଥିବା ବେଳେ ଏହାର ଆକାର ୧୮ ହଜାର ୮୯୪ ହେକଟର ରହିଛି । ୧୦ ଟି ହାତୀ ୨ ସପ୍ତାହ ହେବ ସାତକୋଶିଆ ରେଞ୍ଜ ରୁ ଧଣ୍ଡାତୋପା ରେଞ୍ଜ ର ବିପ୍ରଡିହ , ମଇମୁରା , କଂସାବ , କୋରାବ , କନ୍ତପଡା , କେଞ୍ଜୁଆନାଳି , ଟାପଡୋଲ , ପାଇକସାହି , ଲବିଙ୍ଗ , ଆଦି ଗ୍ରାମ ଗୁଡିକ ରେ ତାଣ୍ଡବ ଚଳାଇଛନ୍ତି । କେଞ୍ଜୁଆନାଳି ଗ୍ରାମର ମହୁଲ ସେଠୀ , ଗୁଡୁରି ସାହୁ , ଠେଙ୍ଗୁ ସେଠୀ , ଛୁଟୁ ନାୟକ ଙ୍କର ପନି ପରିବା ବଗିଚା ରେ ପଶି ପାଦରେ ନଷ୍ଟ କରିଦେବା ସହ ପଣସ , ଆମ୍ବ ଗଛ ଗୁଡିକ ଭ ।ଙ୍ଗି ଦେଇଛି । ସେହି ପରି , ବିପ୍ରଡିହ ଗ୍ରାମରଭରତ ଦେହୁରି , ଭୀମ ଦେହୁରି ଙ୍କର ଚାଳ ଘର ଭ ।ଙ୍ଗିବା ଦେଇଛି । କଂସାବ ଗ୍ରାମର ରବୀନ୍ଦ୍ର ସାହୁ , ଉଦୟ ସାହୁ , ଦିଲୀପ ସାହୁ , ବିନୟ ସାହୁ , ସିନିବାସ ସାହୁ , ଅଭିରାମ ସାହୁ ଙ୍କର ବହୁ କଦଳୀ ଗଛ ଗୁଡିକ ପାଦରେ ଦଳି ନଷ୍ଟ କରିଦେଇଥିବା ବେଳେ ଆଖୁ ଗଛ , ଆମ୍ବ ଗଛ ଗୁଡିକ କୁ ଭାଙ୍ଗି ଦେଇଛି । ମଇମୁରା ଗ୍ରାମର, ସନାତନ ସାହୁ , ବଂଶୀଧର ସାହୁ , ଡମ୍ବୁର ଦେହୁରି , ଶାନ୍ତିଲତା ପ୍ରଧାନ , ଶିବ ରାମ ସାହୁ , ଗିରିଧାରୀ ସାହୁ , ଅରୁଣ ସାହୁ , ଅଲେଖ ସାହୁ , ଗୋବର୍ଦ୍ଧନ ସାହୁ , ଯଶୋବନ୍ତ ପ୍ରଧାନ , ଜଗବନ୍ଧୁ ପ୍ରଧାନ , ବଳରାମ ପ୍ରଧାନ , କୈଳାସ ପ୍ରଧାନ , ସଂଜୀବ ପ୍ରଧାନ , ଦିନବନ୍ଧୁ ପ୍ରଧାନ , ଙ୍କର , ବାଇଗଣ , ପୋଟଳ , ମକା , କଦଳୀ , ପଣସ , ଆମ୍ବ ସହ ଧାନ ଚାଷ ନଷ୍ଟ କରିଦେଇଛନ୍ତି । ବିଶେଷ କରି୩ ମାସ ରେ ଏକର ଏକର ଧାନ ଚାଷ ପାଇଁ ପଡିଥିବା ତଳି କୁ ନଷ୍ଟ କରିଥିବା ବେଳେ, ୩ ହଜାର ମକା ଗଛ , ୫ ଏକର ରେ ଲାଗିଥିବା ବାଇଗଣ ଗଛ , ୩ ସହ କଦଳୀ ଗଛ କୁ ହାତୀ ମାନେ ନଷ୍ଟ କରିଦେଇଛନ୍ତି । ଦଳ ଦଳ ହୋଇହାତୀ ପଲ ଆସୁଥିବା ବେଳେ ଗ୍ରାମବାସୀ ଏକ ସଙ୍ଗେ ପଲ ପଲ ହାତୀ କୁ ଦେଖି ଛାନିଆ ହୋଇପ । ଧଣ୍ଡାତୋପା ବନବିଭାଗ କାର୍ଯାଳୟ କୁ ସୂଚନା ଦିଆଯାଉଥିବା ବେଳେ କୌଣସି ଅଧିକାରୀ ମାନେ ହାତୀକୁ ଘଉଡ଼ାଇବାକୁ କେଞ୍ଜୁଆନାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ପଦେକ୍ଷେପ ନେଉନଥିବା ବେଳେ ଗ୍ରାମବାସୀ ମାନେ ଚ ।ନ୍ଦା ଆଦାୟ କରି ବାଣ କିଣି ରାତି ରେ ନିଆଁ ହୁଳା ଜାଳି ହାତୀ ଘଉ । କିଛି ମାସ ହେବ ସରକାରଙ୍କ ପକ୍ଷରୁ ହାତୀ ଦାରା କ୍ଷତିଗ୍ରସ୍ଥ ହୋଇଥିବା ଚାଷୀ ଙ୍କୁ ଅଲଲାଇନ ମାଧ୍ୟମରେ କ୍ଷତି ପୂରଣ ପାଇବା ପାଇଁ ଆବେଦନ ସଂଗ୍ରହ କରୁଥିବା ବେଳେ ଅନେକ ଚାଷୀ କ୍ଷତି ପୂରଣ ପାଇଁ ମାସ ମାସ ହେବ ଆବେଦନ କରିଥିବା ବେଳେ ବନବିଭାଗ ପକ୍ଷରୁ କ୍ଷତି ଗ୍ରସ୍ତ ଉପରେ କୌଣସି ସର୍ଭେ କରାଯାଉନାହି ।

ଏପରିକି ଜଙ୍ଗଲ ଅଞ୍ଚଳରେ ଲୋକଙ୍କୁ କିଭଳି କ୍ଷତି ପୂରଣ ମିଳିବ ଏନେଇ ବନବିଭାଗ ପକ୍ଷରୁ ସଚେତନତା କରାଯାଉ ନଥିବା ଯୋଗୁଁ ଅଧିକାଂଶ କ୍ଷତିଗ୍ରସ୍ତ ମାନେ ଆବେଦନ ସମ୍ପର୍କରେ ଜାଣିପାରୁନଥିବା ସାଧାରଣରେ ଅଭିଯୋଗ ହୋଇଛି । ଏ ନେଇ ଧଣ୍ଡାତୋପା ରେଞ୍ଜର ବନ୍ୟବାହାନ ସାହୁଙ୍କୁ ପଚାରିବାରୁ ହାତୀ ଉପଦ୍ରବ ସମ୍ପର୍କରେ ଖବର ପାଇଁ ବିଭାଗ ପକ୍ଷରୁ ଘଉଡା ଯାଉଛି କହିଥିଲେ ।

## ସମ୍ପାଦକୀୟ

# ପଶ୍ଚିମବଙ୍ଗରେ ମୋଦି ନା ଦିଦି ?

ଆସାମ, କେରଳ,ପୁଡୁଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ସମେତ କେତେକ ଉପ ନିର୍ବାଚନର ଫଳାଫଳ ଆସନ୍ତା ମେ ୪ (୨୦୨୬)ରେ ପ୍ରକାଶ ପାଇବାକୁ ଦିନ ଧାର୍ଯ୍ୟ ହୋଇଛି । ଇଲେକ୍ଟ୍ରୋନିକ ଭୋଟିଂ ମେସିନ ଯୋଗେ ଭୋଟ ଦିଆଯାଇ ଥିବାରୁ ସେଦିନ ଭୋଟ ଗଣତି ପରେ ପ୍ରାୟ ଫଳାଫଳ ଜଣା ପଡ଼ିଯିବ । ମାତ୍ର ଏହି ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନ ଉପରେ ସମଗ୍ର ଭାରତର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମମତା ଦିଦି (ବାନାର୍ଜୀ)ଙ୍କ ମଧ୍ୟରେ ନିର୍ବାଚନ ଲଢେଇ ଜୋରସୋରରେ ଚାଲିଛି । ଗତଥର ୨୦୨୪ର ସାଧାରଣ ନିର୍ବାଚନରେ ଓଡ଼ିଶା ଉପରେ ମୋଦିଜୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ପଡିବାରୁ ଓଡ଼ିଶାରେ ଚବିଶ ବର୍ଷର ଆଞ୍ଚଳିକ ଦଳ ବିଜୁ ଜନତା ଦଳର ଅବସାନ ଘଟିଲା ଓ ବିଜେପି କ୍ଷମତାସୀନ ହୋଇ ପାରିଲା । ଏଥର ସେହିପରି ପରିବର୍ତ୍ତନ ଘଟିପାରେ ଏବଂ ଦୀର୍ଘ ପନ୍ଦର ବର୍ଷ ଧରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିବା ମମତା ଦିଦି ଏଥର ସରକାର ଗଢ଼ିବେ ନା ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୟାରେ ବିଜେପି ସେଠାରେ ସରକାର ଗଢ଼ିବ ବୋଲି ଜୋରରେ ଚର୍ଚ୍ଚା ଚାଲିଛି ସାରା ଭାରତରେ ।

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଭୋଟ ଗତ ୨୩ ତାରିଖ (ଏପ୍ରିଲ, ୨୦୨୬) ରେ ଶେଷ ହୋଇଛି । ଏପ୍ରିଲ ୨୯ (୨୦୨୬)ରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟର ଭୋଟ ଗ୍ରହଣ ହେବା ପରେ ଆସନ୍ତା ମେ ଚାରି ତାରିଖର ଫଳାଫଳ ଜାଣିବାକୁ ଅଧିକାଂଶ ଭାରତୀୟ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବହୁ ସଂଖ୍ୟାରେ ଭୋଟଦାତାମାନେ ଭୋଟ ଦେଇଛନ୍ତି ସେଠାରେ ।

ଏହି ନିର୍ବାଚନ ସମୟରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ମଧ୍ୟ ଘଟିଛି । ଏପରିକି ମେ ୪ ତାରିଖରେ ଭୋଟ ଗଣତି ଶେଷ ହେବା ପରେ କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ ଆହୁରି ଦୁଇ ମାସ କାଳ ପଶ୍ଚିମବଙ୍ଗରେ ମୁତୟନ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏହି ନିର୍ବାଚନର ଫଳାଫଳ ପ୍ରକାଶ ପାଇବାକୁ ଆଉ ଗୋଟିଏ ସପ୍ତାହ ମଧ୍ୟ ନାହିଁ । କିନ୍ତୁ ଏଥର ନିର୍ବାଚନରେ କାହାର ଜିତାପଟ ହେବ ମୋଦି ନା ଦିଦିଙ୍କର ବୋଲି ସର୍ବତ୍ର ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ପଶ୍ଚିମବଙ୍ଗକୁ ନିର୍ବାଚନୀ ଗସ୍ତରେ ଯାଇ ଭୋଟଦାତାମାନଙ୍କୁ ବିଜେପି ଆଡ଼କୁ ଆକର୍ଷିତ କରିବାରେ ଅନେକ ସଫଳତା ହାସଲ କରିଥିବା ପରି ଜଣା ପଡୁଛି । ଅସଲ କଥା ହେଉଛି ମୋଦିଜୀଙ୍କ କହିବା ଶୈଳୀର ତୁଳନା ନାହିଁ । ଜଣେ ନିଷ୍ଠାପର ଓ ନୀତିବାନ ରାଜନୀତିଜ୍ଞ ଭାବେ ତାଙ୍କ କଥାର ମୂଲ୍ୟ ମଧ୍ୟ ରହିଛି । ମମତା ବାନାର୍ଜୀ ମଧ୍ୟ ପଶ୍ଚିମବଙ୍ଗରେ ଅତ୍ୟନ୍ତ ପ୍ରଭାବଶାଳୀ ନେତ୍ରୀ । ମୋଦିଜୀ ସାରା ଭାରତରେ ତାଙ୍କର ପ୍ରଭାବକୁ ପରିବ୍ୟାପ୍ତ କରିଥିବା ବେଳେ, ଦିଦି କେବଳ ପଶ୍ଚିମବଙ୍ଗରେ ତାଙ୍କ ପ୍ରଭାବକୁ ଅତୁଟ ରଖି ପାରିଛନ୍ତି । ଏପରିକି ସେ ବିରୋଧୀ ଦଳର ଇଣ୍ଡିମେଣ୍ଟରେ ଥିଲେ ମଧ୍ୟ ଇଣ୍ଡିମେଣ୍ଟର ଅନ୍ୟାନ୍ୟ ତୁଙ୍ଗ ନେତାମାନଙ୍କର ସହାୟତା ନିର୍ବାଚନ ବେଳେ ଲୋଡ଼ି ନାହାନ୍ତି । ଏଥରୁ ତାଙ୍କର ଦୃଢ଼ତା ପ୍ରତିପାଦିତ ହେଉଛି । ସଂସଦ ଓ ବିଧାନସଭାମାନଙ୍କରେ ମହିଳାଙ୍କ ସଂରକ୍ଷଣ ଲାଗି ଯେଉଁ ୩୩ ପ୍ରତିଶତ ବ୍ୟବସ୍ଥା କେନ୍ଦ୍ରର ମୋଦି ସରକାର ସଂସଦରେ କରିବାକୁ ଚାହିଁଥିଲେ, ତାହାକୁ ମମତା ଦିଦି ଓ ତାଙ୍କର ଅଖିଳ ଭାରତୀୟ ତୃଣମୂଳ ଦଳ କରାଇ ଦେଲେ ନାହିଁ ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି । ସେହି ଘଟଣାରେ ପଶ୍ଚିମବଙ୍ଗର ମହିଳାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ନଥିଲେ ମଧ୍ୟ ଯଦି ନୀରବତା ଅବଲମ୍ବନ କରି ଭୋଟଗୁଡ଼ିକ ତୃଣମୂଳ କଂଗ୍ରେସ ବିରୋଧରେ ଦିଅନ୍ତି, ତା ହେଲେ ମମତା ଦିଦି ଘୋର ସଙ୍କଟର ସମ୍ମୁଖୀନ ହେବେ, ଏଥିରେ ସନ୍ଦେହ ନାହିଁ । ପଶ୍ଚିମବଙ୍ଗରେ ବହୁ ଓଡ଼ିଆ ବସବାସ କରି ରହୁଛନ୍ତି । ଓଡ଼ିଶାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ମନ୍ତ୍ରିମାନେ ନିର୍ବାଚନ ପ୍ରଚାରରେ ଯାଇଛନ୍ତି । ପଶ୍ଚିମବଙ୍ଗରେ ଅନ୍ୟାନ୍ୟ ରାଜ୍ୟବାସୀ ଯେଉଁମାନେ ରହିଛନ୍ତି, ସେମାନଙ୍କ ପ୍ରଚାର ମଧ୍ୟ ବିଜେପି ପକ୍ଷରେ ଯାଉଛି । ତଥାପି ବିଜେପିର ତୃଣମୂଳ ସ୍ତରରେ ସଂଗଠନ ଶକ୍ତି ନାହିଁ ବୋଲି କୁହାଯାଉଛି ଏବଂ ହାଓ୍ୱା କରି ବିଜେପି ଜିତି ପାରିବ ନାହିଁ ବୋଲି ମଧ୍ୟ ପ୍ରଚାର କରାଯାଉଛି । ଅପରପକ୍ଷେ ପଶ୍ଚିମବଙ୍ଗରେ ବିଜେପି ସରକାରଙ୍କ ଶପଥ ଗ୍ରହଣ ଉତ୍ସବକୁ ମୋଦିଜୀ ଆସିବେ ବୋଲି ଯେପରି ପ୍ରକାଶ କରିଛନ୍ତି, ସେଥିରୁ ଦିଦିଙ୍କ ଶାସନର ଅବସାନ ହୋଇପାରେ ବୋଲି ଆଶଙ୍କା ମଧ୍ୟ ପ୍ରକାଶ ପାଇଛି ।

**ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ପଶ୍ଚିମବଙ୍ଗକୁ ନିର୍ବାଚନୀ ଗସ୍ତରେ ଯାଇ ଭୋଟଦାତାମାନଙ୍କୁ ବିଜେପି ଆଡ଼କୁ ଆକର୍ଷିତ କରିବାରେ ଅନେକ ସଫଳତା ହାସଲ କରିଥିବା ପରି ଜଣା ପଡୁଛି । ଅସଲ କଥା ହେଉଛି ମୋଦିଜୀଙ୍କ କହିବା ଶୈଳୀର ତୁଳନା ନାହିଁ । ଜଣେ ନିଷ୍ଠାପର ଓ ନୀତିବାନ ରାଜନୀତିଜ୍ଞ ଭାବେ ତାଙ୍କ କଥାର ମୂଲ୍ୟ ମଧ୍ୟ ରହିଛି । ମମତା ବାନାର୍ଜୀ ମଧ୍ୟ ପଶ୍ଚିମବଙ୍ଗରେ ଅତ୍ୟନ୍ତ ପ୍ରଭାବଶାଳୀ ନେତ୍ରୀ । ମୋଦିଜୀ ସାରା ଭାରତରେ ତାଙ୍କର ପ୍ରଭାବକୁ ପରିବ୍ୟାପ୍ତ କରିଥିବା ବେଳେ, ଦିଦି କେବଳ ପଶ୍ଚିମବଙ୍ଗରେତାଙ୍କ ପ୍ରଭାବକୁ ଅତୁଟ ରଖି ପାରିଛନ୍ତି । ଏପରିକି ସେ ବିରୋଧୀ ଦଳର ଇଣ୍ଡିମେଣ୍ଟରେ ଥିଲେ ମଧ୍ୟ ଇଣ୍ଡିମେଣ୍ଟର ଅନ୍ୟାନ୍ୟ ତୁଙ୍ଗ ନେତାମାନଙ୍କର ସହାୟତା ନିର୍ବାଚନ ବେଳେ ଲୋଡ଼ି ନାହାନ୍ତି । ଏଥରୁ ତାଙ୍କର ଦୃଢ଼ତା ପ୍ରତିପାଦିତ ହେଉଛି ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ମହିଳା ସଂରକ୍ଷଣ ବ୍ୟବସ୍ଥା ଅପରିହାର୍ଯ୍ୟ କାହିଁକି (୧)



**ଅଭୟ ଦ୍ୱିବେଦୀ**

'ଆଜି ମୋ ଦେଶର ମା', ଭଉଣୀ ଏବଂ ଝିଅମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବାକୁ ଆସିଛି । ନାରୀ-ଶକ୍ତିର ଜୟଯାତ୍ରାକୁ କିପରି ପ୍ରତିହତ କରାଗଲା, ଦେଶର ପ୍ରତ୍ୟେକ ନାଗରିକ ତାହାର ପ୍ରତ୍ୟକ୍ଷଦର୍ଶୀ । ସେମାନଙ୍କ ସ୍ୱପ୍ନକୁ ନିର୍ମମ ଭାବେ ଚୁରମାର କରି ଦିଆଯାଇଛି । ଆମର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ନାରୀ ଶକ୍ତି ବନ୍ଦନ ଅଧିନିୟମର ସଂଶୋଧନ ସଂସଦରେ ପାରିତ ହୋଇପାରିଲା ନାହିଁ । ସେଥିପାଇଁ ମୁଁ ସମସ୍ତ ମା, ଭଉଣୀଙ୍କ ନିକଟରେ କ୍ଷମାପ୍ରାର୍ଥୀ । ଆମ ପାଇଁ ସବୁରି ଉପରେ ହେଉଛି ଜାତୀୟ ସ୍ୱାର୍ଥ , କିନ୍ତୁ କିଛି ବ୍ୟକ୍ତିଙ୍କ ପାଇଁ ଦଳୀୟ ସ୍ୱାର୍ଥ ହିଁ ସବୁକିଛି । ଜାତୀୟ ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥ ପ୍ରାଧାନ୍ୟ ଲାଭ କରିବାରୁ,ନାରୀ ଶକ୍ତିକୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିଛି । କଂଗ୍ରେସ, ଡିଏମକେ, ଟିଏମସି ଏବଂ ସମାଜବାଦୀ ପାର୍ଟିର ସ୍ୱାର୍ଥନିହିତ ରାଜନୀତି ଦେଶର ନାରୀ ଶକ୍ତିକୁ ଘୋର କ୍ଷତି ପହଞ୍ଚାଇଛି ।...

ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂଶୋଧନ କାହାରିଠାରୁ କିଛି ଛଡ଼ାଇ ନେବା ପାଇଁ ଉଦ୍ଦିଷ୍ଟ ନ ଥିଲା , ସମସ୍ତଙ୍କୁ କିଛି ଦେବା ପାଇଁ ଅଭିପ୍ରେତ ଥିଲା । ଦୀର୍ଘ ୪୦ ବର୍ଷ ଧରି ମହିଳାମାନଙ୍କର ଉପେକ୍ଷିତ ଅଧିକାରକୁ ୨୦୨୯ ସାଧାରଣ ନିର୍ବାଚନ ଠାରୁ ଲାଗୁ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ... ଏକବିଂଶ ଶତାବ୍ଦୀର ଭାରତୀୟ ମହିଳାଙ୍କ ବିକାଶ ମାର୍ଗରୁ ପ୍ରତିବନ୍ଧକ ଦୂର କରିବା ପାଇଁ ଏବଂ ସେମାନଙ୍କୁ ନୂତନ ସୁଯୋଗ ଦେବା ପାଇଁ , ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂଶୋଧନ ଥିଲା ବଡ଼ ପ୍ରଚେଷ୍ଟା । ଦେଶର ୫୦ ପ୍ରତିଶତ ଜନସଂଖ୍ୟାକୁ ଅଧିକାର ଦେବା ପାଇଁ ଏହା ଥିଲା ସତ୍ୟନିଷ୍ଠ, ପବିତ୍ର ପ୍ରୟାସ । ଦେଶର ବିକାଶ ଯାତ୍ରାରେ ମହିଳାଙ୍କୁ ସାମିଲ କରି ସେମାନଙ୍କ ଭାଗିଦାରୀରେ ଏହାକୁ ଜୟଯାତ୍ରାରେ ପରିଣତ କରିବା ପାଇଁ ଏ ଥିଲା ଆମର ଆନ୍ତରିକ ଉଦ୍ୟମ । ...ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂଶୋଧନର ଆଭିମୁଖ୍ୟ ଥିଲା ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ପ୍ରତିଟି ରାଜ୍ୟର ଶକ୍ତିକୁ ସମାନ ଭାବେ ବୃଦ୍ଧି କରିବା । ରାଜ୍ୟ ଛୋଟ ହେଉ କି ବଡ଼,ଜନସଂଖ୍ୟା କମ୍ ହେଉ କି ଅଧିକ ସମସ୍ତଙ୍କ ପ୍ରତିନିଧିତ୍ୱ ସମାନ ଅନୁପାତରେ ବୃଦ୍ଧି କରିବା ହିଁ ଉଦ୍ଦେଶ୍ୟ ଥିଲା । କିନ୍ତୁ ଏହି ସତ୍ୟନିଷ୍ଠ ପ୍ରୟାସକୁ କଂଗ୍ରେସ ଓ ସହଯୋଗୀ ଦଳମାନେ ସଂସଦରେ ହତ୍ୟା କରିଛନ୍ତି - ଭ୍ରୂଣହତ୍ୟା ।

...କିଛି ବ୍ୟକ୍ତି ମହିଳାଙ୍କ ଏହି ସ୍ୱପ୍ନଭଙ୍ଗ ପ୍ରସଙ୍ଗକୁ ସରକାରଙ୍କର ବିଫଳତା କୋଲି ବଖାଣୁଛନ୍ତି । କିନ୍ତୁ ଏହି ପ୍ରସଙ୍ଗ, ସରକାରଙ୍କ ସଫଳତା ବା ବିଫଳତା ପର୍ଯ୍ୟାୟଭୁକ୍ତ ନ ଥିଲା କିମ୍ବା ଏହାକୁ ସରକାର କେବେ ନିଜର କୃତିତ୍ୱ ଭାବେ ଗ୍ରହଣ କରି ନ ଥିଲେ । ମୁଁ ସଂସଦରେ ଏହା ମଧ୍ୟ କହିଥିଲି ଦେଶର ଅଧା ଜନସଂଖ୍ୟାକୁ ସେମାନଙ୍କ ଅଧିକାର ମିଳୁ ।'ମୁଁ ବିଜ୍ଞାପନରେ ବିରୋଧୀଦଳ ନେତାମାନଙ୍କର ଫଟୋ ଛାପି ସେମାନଙ୍କୁ ହିଁ ଏହାର ଶ୍ରେୟ ଦେବି । କିନ୍ତୁ ଯେଉଁମାନେ ମହିଳାମାନଙ୍କୁ ପୁରୁଣା ଚିନ୍ତାଧାରାରେ ବିଚାର କରନ୍ତି, ସେମାନେ ନିଜ ଅହମିକାରେ ଦୃଢ଼ ଭାବେ ଅଡ଼ି ବସିଲେ ।...ଦୀର୍ଘ ଦଶନ୍ଧି ଧରି ମହିଳା ଶକ୍ତିକୁ ଭାଗିଦାରୀ ଦେବା ପାଇଁ ଲଢ଼େଇ ଜାରି ରହିଛି ।...ମୁଁ ଦେଶର ପ୍ରତ୍ୟେକ ମହିଳାଙ୍କୁ ଆଶ୍ୱାସନା ଦେଉଛି : ମହିଳା ଆରକ୍ଷଣ ପଥରେ ଥିବା ପ୍ରତିଟି ପ୍ରତିବନ୍ଧକ ଆମେ ଦୂର କରିବୁ । ଆମର ସାହସ ଉଚ୍ଚ,ନିଷ୍ପତ୍ତି ଅତୁଟ ଏବଂ ସଂକଳ୍ପ ଅଟଳ । ମହିଳା ସଂରକ୍ଷଣର ବିରୋଧ କରୁଥିବା ଦଳଗୁଡ଼ିକ, ଏ ଦେଶର ମହିଳା ଶକ୍ତିକୁ ସଂସଦ ଓ ବିଧାନସଭାରେ ଅଂଶଗ୍ରହଣ କରିବା ପାଇଁ କେବେ ବି ରୋକି ପାରିବେ ନାହିଁ ।...'

ଚଳିତ ଏପ୍ରିଲ ମାସ ୧୭ ତାରିଖରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ଲକ୍ଷ୍ୟରେ ଲୋକସଭାରେ ଆଗତ '୧୩୧ତମ ସମ୍ବିଧାନ ସଂଶୋଧନ ବିଲ -୨୦୨୬' ଲୋକସଭାରେ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହେବାର ଗୋଟିଏ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ କୋହଭରା ସ୍ୱରରେ ଯେଉଁ ଉଦ୍‌ବୋଧନ ଦେଇଥିଲେ, ଉପରେ ତାହାର କିଛି ଅଂଶ ଉଦ୍ଧାର କରାଯାଇଛି । ଏ ପ୍ରଶ୍ନ ସମସ୍ତଙ୍କୁ ଆନ୍ଦୋଳିତ କରିବା ସ୍ୱାଭାବିକ - ମହିଳା ଆମ ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକ ହୋଇଥିଲେ ମଧ୍ୟ ବିଧାନସଭା ଏବଂ ସଂସଦରେ ସେମାନଙ୍କର ଯଥେଷ୍ଟ ପ୍ରତିନିଧିତ୍ୱ ନାହିଁ କାହିଁକି ? ଏପରିକି ବିଚାରପତି ଭାବେ, ଉଭୟ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ୍ୟ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ନ୍ୟାୟପାଳିକା ସଂପର୍କରେ ଆମେ ସ୍ୱତନ୍ତ୍ର ନିବନ୍ଧରେ ଅନୁଶୀଳନ କରିବା । ମହିଳା ସଂରକ୍ଷଣ ବ୍ୟବସ୍ଥା କାହିଁକି ଅପରିହାର୍ଯ୍ୟ, ଏହି ନିବନ୍ଧରେ ତାହା ହିଁ ବିଚାର କରିବା ।

**ମହିଳା ସଂରକ୍ଷଣ ବ୍ୟବସ୍ଥା ଅପରିହାର୍ଯ୍ୟ କାହିଁକି ?** ମତଦାନ ପ୍ରକ୍ରିୟାରେ ମହିଳାଙ୍କର ଉଚ୍ଚ ହାରରେ ସକ୍ରିୟ ଅଂଶଗ୍ରହଣ ସ୍ୱରୂପ ଭାରତବର୍ଷ ବିଶ୍ୱର ସର୍ବବୃହତ, ପ୍ରାଣବନ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଏକ ମର୍ଯ୍ୟାଦାଜନକ ସନ୍ଧିସ୍ଥଳରେ ଦଣ୍ଡାୟମାନ ହୋଇପାରିଛି । ସନ୍ଧିସ୍ଥଳ ଏହି ଦୃଷ୍ଟିରୁ, ମତଦାନ ପ୍ରକ୍ରିୟାରେ ମହିଳାଙ୍କର ଉଚ୍ଚ ହାର ରହିଥିଲେ ମଧ୍ୟ ବିଧାନମଣ୍ଡଳୀୟ ସଂସ୍ଥାମାନଙ୍କରେ ସେମାନଙ୍କର ପ୍ରତିନିଧିତ୍ୱ ନଗଣ୍ୟ ମାତ୍ର । ଅଂଶଗ୍ରହଣ ଓ ପ୍ରତିନିଧିତ୍ୱ ମଧ୍ୟରେ ଥିବା ଏହି ବିରୋଧାଭାସ ନିମନ୍ତେ ମହିଳା ସଂରକ୍ଷଣ ଅଧିନିୟମ କାର୍ଯ୍ୟକାରୀ ହେବା ଅପରିହାର୍ଯ୍ୟ । ଦେଶରେ ମହିଳାମାନେ ନିର୍ଣ୍ଣାୟକ ଶକ୍ତି ଭାବେ ଉଭା ହୋଇଥିବାବେଳେ, ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କରେ ସେମାନଙ୍କର ଉପସ୍ଥିତି ଯଥେଷ୍ଟ କମ୍ ରହିଛି । ରାଜ୍ୟ ଏବଂ ଜାତୀୟ ପ୍ରତିନିଧିତ୍ୱ ମଧ୍ୟରେ ଏହା ସର୍ବାଧିକ ପ୍ରକଟିତ । ରାଜ୍ୟ ବିଧାନସଭାରେ ମହିଳାଙ୍କ ସଂଖ୍ୟା ହାରାହାରି ୯ ପ୍ରତିଶତ ରହୁଥିବାବେଳେ, ସଂସଦରେ ସେମାନଙ୍କ ପ୍ରତିନିଧିତ୍ୱ ରହିଛି ୧୫ ପ୍ରତିଶତ । ଏହି ବୈଷମ୍ୟ ସଂଖ୍ୟାଗତ ନୁହେଁ ଢ଼ାଞ୍ଚାଗତ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତୀୟ ମହିଳା ନିଷ୍କ୍ରିୟ ମତଦାତାରୁ ସକ୍ରିୟ ରାଜନୈତିକ ଅଂଶଗ୍ରହଣକାରୀ ଭୂମିକାରେ ରୂପାନ୍ତରିତ ହୋଇପାରିଛି । ଅନେକ ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କୁ ଅତିକ୍ରମ କରିଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ସଫଳତା । କିନ୍ତୁ ଏହି କ୍ରମବର୍ଦ୍ଧିଷ୍ଣୁ ଅଂଶଗ୍ରହଣ, ପ୍ରତିନିଧିତ୍ୱରେ ପରିଣତ ହୋଇ ପାରିନାହିଁ । ଏହାର ମୁଖ୍ୟ କାରଣ ହେଉଛି - ରାଜନୈତିକ ଦଳଗୁଡ଼ିକ ପୁରୁଷଙ୍କ ତୁଳନାରେ ବହୁତ କମ୍ ମହିଳାଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କରିଥାନ୍ତି । ତାହାର ମଧ୍ୟ କାରଣ ରହିଛି : ନିର୍ବାଚନୀ-ରାଜନୀତି ବହୁ ଉପାଦାନ ଉପରେ ନିର୍ଭରଶୀଳ ଯଥା: ଦୃଢ଼ ଆର୍ଥିକ ସ୍ୱଚ୍ଛଳତା ଏବଂ ବ୍ୟାପକ ସାମାଜିକ ସଂପର୍କ, ଯେଉଁ କ୍ଷେତ୍ରରେ ମହିଳାମାନେ ସାଧାରଣତଃ ଢ଼ାଞ୍ଚାଗତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସାମାଜିକ ରୀତି ଏବଂ ସୁରକ୍ଷା ମଧ୍ୟ ମହିଳାମାନଙ୍କୁ ରାଜନୀତିରେ ପ୍ରବେଶ କରିବା ପାଇଁ ନିରୁତ୍ସାହିତ କରିଥାଏ । ଫଳସ୍ୱରୂପ : ପ୍ରତିଟି ନିର୍ବାଚନ ମହିଳାଙ୍କୁ ଆହୁରି ପଛକୁ ଠେଲି ଦେଇଥାଏ । ସେହି କାରଣରୁ ମହିଳା ସଂରକ୍ଷଣ ବ୍ୟବସ୍ଥା କେବଳ ଆବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଅଟେ । ବିଧାନମଣ୍ଡଳରେ ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ଧାର୍ଯ୍ୟ ହେବା ପରେ ଏହି ସମସ୍ତ ପ୍ରତିବନ୍ଧକ ଆପଣାଛାଏଁ ହଟିଯିବ । ଅନେକ ହୁଏତ ଯୁକ୍ତି କରିପାରନ୍ତି ଏହି କୋଟା ସିଷ୍ଟମ ଯୋଗ୍ୟ ପ୍ରାର୍ଥୀଙ୍କୁ ବଞ୍ଚିତ କରିବ । କିନ୍ତୁ ରାଜନୈତିକ କ୍ଷମତା ପ୍ରାପ୍ତି , କେବଳ ଦକ୍ଷତା ଉପରେ ନୁହେଁ ପାରିବାରିକ ଓ ସାମାଜିକ ସଂପର୍କ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ । ଆମ ଦେଶରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ମହିଳାଙ୍କ ନିମନ୍ତେ ଆସନ ସଂରକ୍ଷିତ ହେବା ପରେ ତାହାର ସୁପରିଣାମ ସ୍ପଷ୍ଟ ହୋଇଯାଇଛି ।

**'ମୁଁ ବିଜ୍ଞାପନରେ ବିରୋଧୀଦଳ ନେତାମାନଙ୍କର ଫଟୋ ଛାପି ସେମାନଙ୍କୁ ହିଁ ଏହାର ଶ୍ରେୟ ଦେବି । କିନ୍ତୁ ଯେଉଁମାନେ ମହିଳାମାନଙ୍କୁ ପୁରୁଣା ଚିନ୍ତାଧାରାରେ ବିଚାର କରନ୍ତି, ସେମାନେ ନିଜ ଅହମିକାରେ ଦୃଢ଼ ଭାବେ ଅଡ଼ି ବସିଲେ ।...ଦୀର୍ଘ ଦଶନ୍ଧି ଧରି ମହିଳା ଶକ୍ତିକୁ ଭାଗିଦାରୀ ଦେବା ପାଇଁ ଲଢ଼େଇ ଜାରି ରହିଛି ।...ମୁଁ ଦେଶର ପ୍ରତ୍ୟେକ ମହିଳାଙ୍କୁ ଆଶ୍ୱାସନା ଦେଉଛି : ମହିଳା ଆରକ୍ଷଣ ପଥରେ ଥିବା ପ୍ରତିଟି ପ୍ରତିବନ୍ଧକ ଆମେ ଦୂର କରିବୁ । ଆମର ସାହସ ଉଚ୍ଚ,ନିଷ୍ପତ୍ତି ଅତୁଟ ଏବଂ ସଂକଳ୍ପ ଅଟଳ । ମହିଳା ସଂରକ୍ଷଣର ବିରୋଧ କରୁଥିବା ଦଳଗୁଡ଼ିକ, ଏ ଦେଶର ମହିଳା ଶକ୍ତିକୁ ସଂସଦ ଓ ବିଧାନସଭାରେ ଅଂଶଗ୍ରହଣ କରିବା ପାଇଁ କେବେ ବି ରୋକି ପାରିବେ ନାହିଁ ।...'**

**ବିଶ୍ୱ ପରିପ୍ରେକ୍ଷୀରେ ମହିଳାଙ୍କ ସ୍ଥିତି :** ବିଶ୍ୱ ପରିପ୍ରେକ୍ଷୀରେ, ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ବିଭିନ୍ନ ଦେଶର ଜାତୀୟ ସଦନରେ ମହିଳାଙ୍କ ହାରାହାରି ଆସନ ସଂଖ୍ୟା ୨୭.୫ ପ୍ରତିଶତ । ପ୍ରମୁଖ ହେଉଛନ୍ତି: ରୱାଣ୍ଡା ୬୪ ପ୍ରତିଶତ, କ୍ୟୁବା ୫୭ ପ୍ରତିଶତ, ନିକରାଗୁଆ ୫୫ ପ୍ରତିଶତ, ମେକ୍ସିକୋ (୫୦ ପ୍ରତିଶତ) । ଏହି ଦେଶଗୁଡ଼ିକ ଆର୍ଥିକ କ୍ଷେତ୍ରରେ ନିମ୍ନ ପାହଚରେ ଅବସ୍ଥିତ । ଅଥଚ ମହିଳାଙ୍କୁ ସ୍ୱତନ୍ତ୍ର ଆସନ ପ୍ରଦାନ କରିବାରେ ବିଶ୍ୱରେ ଅଗ୍ରଣୀ । ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସମୂହର ସଂସଦରେ ମହିଳାଙ୍କ ଆସନ ହାର ୩୫ ପ୍ରତିଶତ । ଅଥଚ ଭାରତୀୟ ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ହେଉଛି ମାତ୍ର ୧୫ ପ୍ରତିଶତ । ଯେଉଁ କେତେକ ରାଷ୍ଟ୍ର ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି ସେଥିମଧ୍ୟରୁ ପ୍ରମୁଖ - ନେପାଳ ୩୩ ପ୍ରତିଶତ, ପାକିସ୍ତାନ ୧୭ ପ୍ରତିଶତ, ଇଟାଲୀ ୪୦ ପ୍ରତିଶତ, ସ୍ପେନ ୪୦ ପ୍ରତିଶତ, ନରୱେ ୪୦ ପ୍ରତିଶତ ।

**ମହିଳା ସଂରକ୍ଷଣ ବ୍ୟବସ୍ଥାର ପୃଷ୍ଠଭୂମି :**ଆମ ଦେଶରେ ୧୯୫୦ ମସିହାରେ ସମ୍ବିଧାନ ଲାଗୁହେଲା ଏବଂ ସେହି ସମୟରୁ ପୁରୁଷ, ମହିଳା ନିର୍ବିଶେଷରେ ୨୧ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ଭୋଟ ପ୍ରଦାନ ଅଧିକାର ପ୍ରଦାନ କରାଗଲା । କିନ୍ତୁ ଅତୀତରେ ଆମେରିକା ଏବଂ ବହୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ବହୁ ଆନ୍ଦୋଳନ ପରେ ହିଁ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ମିଳିଥିଲା । କିନ୍ତୁ ଏହି ମତଦାନ ଅଧିକାର ଯଥେଷ୍ଟ ହେଲା ନାହିଁ । ସ୍ୱାଧୀନତା ପରବର୍ତ୍ତୀ ବିକାଶ ପ୍ରକ୍ରିୟା ଯଥା: ଶିକ୍ଷା, ନିଯୁକ୍ତି , ରାଜନୀତିରେ ଅଂଶଗ୍ରହଣ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଅନଗ୍ରସର ରହିଥିବା ପରିଲକ୍ଷିତ ହେଲା । ଏହାର କାରଣ ଚିହ୍ନଟ କରିବା ସହିତ ନିରାକରଣର ଉପାୟ ନିର୍ଦ୍ଧାରଣ କରିବା ନିମନ୍ତେ ୧୯୭୧ ମସିହାରେ ବିଶିଷ୍ଟ ନାରୀ ନେତ୍ରୀ ଫୁଲରେଣୁ ଗୁହଙ୍କ ଅଧ୍ୟକ୍ଷତରେ ସରକାରଙ୍କ ଶିକ୍ଷା ଓ ସମାଜ ମଙ୍ଗଳ ବିଭାଗ ତରଫରୁ ଏକ କମିଟି 'Committee on the Status of Women in India (CSWI)'ଗଠନ କରାଗଲା । ୧୯୭୪ ମସିହାରେ ଏହି କମିଟି "Towards Equality" ଶୀର୍ଷକ ଯେଉଁ ରିପୋର୍ଟ ପ୍ରଦାନ କରିଥିଲା, ତାହା ମହିଳା ବିକାଶ କ୍ଷେତ୍ରରେ ଯୁଗାନ୍ତକାରୀ ଦସ୍ତାବିଜ ଭାବେ ଅଭିହିତ । ଏଥିରେ ସ୍ପଷ୍ଟ ଉଲ୍ଲେଖ ଅଛି - ସାମ୍ବିଧାନିକ ଗ୍ୟାରେଣ୍ଟି ସତ୍ତ୍ୱେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ଏଥିରେ ଉନ୍ନତି ଆଣିବା ନିମନ୍ତେ ଏହି କମିଟି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରଖିବାକୁ ସୁପାରିଶ କରିଥିଲା । ଯୁକ୍ତି ଥିଲା - ରାଜନୈତିକ କ୍ଷମତା ଆଧାରରେ ମହିଳାମାନେ ବିକାଶ ମାର୍ଗରେ ସ୍ୱତଃ ଅଗ୍ରସର ହେବେ । ଏହି ସୁପାରିଶ କ୍ରମେ ଦୁଇ ଦଶନ୍ଧି ପରେ ୧୯୯୨-୯୩ ମସିହାରେ ସମ୍ବିଧାନ ୭୩ତମ ଏବଂ ୭୪ତମ ସଂଶୋଧନ ଆଧାରରେ ପଞ୍ଚାୟତ ଏବଂ ସହରାଞ୍ଚଳରେ ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିଲା । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ୧୯୯୧ ମସିହାରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲା । ପରେ ୨୦୧୧ ମସିହାରେ ଏହି ହାର ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି ।

*(ପରବର୍ତ୍ତୀ କ୍ରମବିକାଶ ଦ୍ୱିତୀୟ ଭାଗରେ)*

**ଭଦ୍ରାଣୀ,ସାଳନ୍ଦୀ ନଗର, ଭଦ୍ରକ-୭୫୬୧୦୦,ସେଲ୍-୯୪୩୭୧ ୯୧୩୫୦**
email-saiabhay19@gmail.com

# ନୀରବ ଅନୁପ୍ରେରକ



**ରାକେଶ ପଣ୍ଡା**

ଆମ ସମାଜର ଗୋଟିଏ ଲୋକକଥା ଅନୁସାରେ, 'ରାସ୍ତାରେ ମନ୍ଦିର ତୋଳିଲେ ନାଁ ହୁଏ ଏବଂ ରାସ୍ତାରେ ମଳତ୍ୟାଗ କଲେ ମଧ୍ୟ ନିଜର ପ୍ରଚାର ହୋଇଥାଏ' । ତେବେ, ଗୋଟିଏ ସମାଜର ମଣିଷମାନଙ୍କର କର୍ମକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ଗୋଟିଏ ଭଲ କର୍ମ ଓ ଅନ୍ୟଟି ଖରାପ କର୍ମ । ଭଲ କାର୍ଯ୍ୟ କରି ଜଣେ ବ୍ୟକ୍ତି ଲୋକଲୋଚନକୁ ଆସିଥାଏ । ଅପରପକ୍ଷରେ, ଖରାପ କାର୍ଯ୍ୟ କରି ମଧ୍ୟ ଜଣେ ବ୍ୟକ୍ତି ସମାଜର ଜ୍ଞାତସାରକୁ ଆସେ । ଯେପରି, ଆଜିର ସମୟରେ ପ୍ରତ୍ୟହ ବିଭିନ୍ନ ଗଣମାଧ୍ୟମରେକିଛି ବ୍ୟକ୍ତି ବିଶେଷଙ୍କର ସଫଳତା, କୃତକାର୍ଯ୍ୟ, ସୁକର୍ମ ଏକ ଖବର ହୋଇ ମୁଦ୍ରିତ ଓ ପ୍ରସାରିତ ହେଉଛି ଏବଂ ଠିକ୍ ସେହିପରି, ଚୋରି, ଡକାୟତି, ହତ୍ୟା, ଧର୍ଷଣ ଆଦି କୁକର୍ମଗୁଡିକର ଖବର ମଧ୍ୟ ବିଭିନ୍ନ ଗଣମାଧ୍ୟମର ଶିରୋନାମା ପାଲଟୁଛି । ତେବେ, ଉଭୟ କାର୍ଯ୍ୟକଳାପରେ ଲିପ୍ତ ଚରିତ୍ରମାନେ ସାଧାରଣ ଜନତାଙ୍କର ଦୃଷ୍ଟିକୁ ଆସୁଛନ୍ତି ।

ଭଲ କାର୍ଯ୍ୟକରି କିଏ ଲୋକଙ୍କର ଭଲ ପାଇବା ଓ ଆଦରକୁ ଜିତୁଛି ତ,ପୁଣି ଖରାପ କାର୍ଯ୍ୟ କରି କିଏ ତାଙ୍କର ଘୃଣାର ଶିକାର ହେଉଛି । ତେବେ,ଭଲ ଖବର ଓ ଘଟଣାଟିଏ ସର୍ବଦା ସମାଜରେ ଅନ୍ୟ ଜଣେ ମଣିଷ ପାଇଁ ଭଲ ଉଦାହରଣ ସୃଷ୍ଟି କରିବା ସହ ତାକୁ ଅନୁରୂପ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ଏବଂ ଖରାପ କାର୍ଯ୍ୟଟିଏ ଅନ୍ୟର ମନରେ ଆଘାତ ଓ ଦୁଃଖ ଦେବା ସହ, ନକରାତ୍ମକ ଚିନ୍ତାଧାରାକୁ ଧାରଣ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ କିଛି ମନ୍ଦ ଓ ଅସମାଜିକ କାର୍ଯ୍ୟ କରିବା ପାଇଁ ପ୍ରେରଣାଦାୟୀ ହୋଇଥାଏ । ସମାଜକୁ ଭାଙ୍ଗିବା, ସମାଜର କ୍ଷତି କରିବା ସହ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିବିଶେଷ ପରିବାରକୁ ବ୍ୟକ୍ତିଗତ ସ୍ତରରେ ଅଶେଷ ଦୁଃଖ ଓ ଯନ୍ତ୍ରଣା ମଧ୍ୟକୁ ଠେଲି ଦେଇଥାଏ ।

କିଛିଦିନ ତଳେ, ଗୋଟିଏ ମହାବିଦ୍ୟାଳୟର କ୍ୟାଣ୍ଟିନ ତଥା ଭୋଜନାଳୟରେ କାର୍ଯ୍ୟରତ କିଛି କର୍ମଚାରୀ ଅନୁପସ୍ଥିତ ଥାଆନ୍ତି । ଆହାର ଗ୍ରହଣ ପାଇଁ ସେଠାକୁ ଯାଇଥିବା ଜଣେ ଛାତ୍ରୀ ଦେଖିଲେ ଯେ, ଖାଇବା ଟେବୁଲ ଉପରେ କଲେଜର କିଛି ଛାତ୍ର ଖାଦ୍ୟ ଅପେକ୍ଷାରେ ଅଛନ୍ତି ।

**ଭଲ କାର୍ଯ୍ୟକରି କିଏ ଲୋକଙ୍କର ଭଲ ପାଇବା ଓ ଆଦରକୁ ଜିତୁଛି ତ,ପୁଣି ଖରାପ କାର୍ଯ୍ୟ କରି କିଏ ତାଙ୍କର ଘୃଣାର ଶିକାର ହେଉଛି । ତେବେ,ଭଲ ଖବର ଓ ଘଟଣାଟିଏ ସର୍ବଦା ସମାଜରେ ଅନ୍ୟ ଜଣେ ମଣିଷ ପାଇଁ ଭଲ ଉଦାହରଣ ସୃଷ୍ଟି କରିବା ସହ ତାକୁ ଅନୁରୂପ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ କରିଥାଏ ଏବଂ ଖରାପ କାର୍ଯ୍ୟଟିଏ ଅନ୍ୟର ମନରେ ଆଘାତ ଓ ଦୁଃଖ ଦେବା ସହ, ନକରାତ୍ମକ ଚିନ୍ତାଧାରାକୁ ଧାରଣ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ କିଛି ମନ୍ଦ ଓ ଅସମାଜିକ କାର୍ଯ୍ୟ କରିବା ପାଇଁ ପ୍ରେରଣାଦାୟୀ ହୋଇଥାଏ ।**

ଆଦେଶ ମୁତାବକ,କ୍ୟାଣ୍ଟିନର ଜଣେ ବୟସ୍କ କର୍ମଚାରୀ ଗୋଟିଏ ପରେ ଗୋଟିଏ ଖାଦ୍ୟ ଥାଳି ଆଣି ପରଷୁଥାନ୍ତି ଏବଂ ତା'ସହ ମଝିରେ ମଝିରେ ଅଇଁଠା ଥାଳିଗୁଡିକୁ ମଧ୍ୟ ଟେବୁଲ ଉପରୁ ଉଠେଇ ନେଇ ସେଗୁଡିକୁ ସଫା କରୁଥାନ୍ତି । ଏହି କାରଣରୁ, ଖାଦ୍ୟ ପରଷିବାରେ ସାମାନ୍ୟ ବିଳମ୍ବ ହେବାରୁ ଖାଦ୍ୟ ପାଇଁ ଅପେକ୍ଷାରତ ଛାତ୍ରମାନେ ବ୍ୟକ୍ତି ଜଣଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ, ସେଠାରେ ଥିବା ବିଭିନ୍ନ ଜିନିଷପତ୍ର ଗୁଡିକୁ ଫୋପଡା ଫିଙ୍ଗା କରିଥିଲେ । ଯେଉଁ କାର୍ଯ୍ୟକଳାପ,ଉପସ୍ଥିତ ଛାତ୍ରୀ ଜଣଙ୍କ ମନରେ ଆଘାତ ସୃଷ୍ଟି କରିଥିଲା ଏବଂ ମାନସିକ ସ୍ତରରେ ସାମାନ୍ୟ ବିଚଳିତ ହୋଇ, ତଳେ ପଡିଥିବା ଜିନିଷଗୁଡିକୁ ସେ ଯଥା ସ୍ଥାନରେ ସଜାଡି ରଖିଲେ ।

ଏହାପରେ, ସେଠାରେ କାର୍ଯ୍ୟରତ ବୟସ୍କ କର୍ମଚାରୀ ଜଣଙ୍କୁ ସେ ଅପେକ୍ଷା ନ'କରି ନିଜେ ନିଜର ଖାଦ୍ୟ ଥାଳି ଆଣି ଖାଦ୍ୟ ଗ୍ରହଣ କରିବାକୁ ଲାଗିଲେ । ଖାଇ ସାରିବା ପରେ ନିଜର ଅଇଁଠା ଥାଳିକୁ ନିଜେ ସଫା କରି କର୍ମଚାରୀ ଜଣଙ୍କ ଜିମା ଦେଇ ସେଠାରୁ ଚାଲି ଗଲେ । ପରଦିନ, ଠିକ୍ ସେହି ସମୟରେ ଉକ୍ତ ଛାତ୍ରୀ ଜଣଙ୍କ ଖାଦ୍ୟ ଗ୍ରହଣ ନିମନ୍ତେ କ୍ୟାଣ୍ଟିନରେ ଯାଇ ପହଞ୍ଚି ଦେଖିଲେ ଯେ, ଖାଦ୍ୟ ଥାଳି ପାଇଁ ଟେବୁଲରେ ବସି ଅପେକ୍ଷା ନ'କରି ସେଠାରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ନିଜ ଖାଦ୍ୟକୁ କାଉଣ୍ଟରରୁ ନିଜେ ଯାଇ ଗ୍ରହଣ କରୁଛନ୍ତି ଏବଂ ଯେଉଁମାନେ ଖାଦ୍ୟ ଗ୍ରହଣ କରି ସାରିଛନ୍ତି, ସେମାନେ ନିଜର ଅଇଁଠା ଥାଳିକୁ ନିଜେ ସଫାକରି ଯଥା ସ୍ଥାନରେ ରଖୁଛନ୍ତି । ତେବେ, ଛାତ୍ରୀ ଜଣଙ୍କୁ କ୍ୟାଣ୍ଟିନ କର୍ମଚାରୀ ଜଣଙ୍କ ସେଠାରେ ଦେଖିଲା ପରେ, ଏକ ସ୍ମିତ ହାସ୍ୟ ସହ ନୀରବରେ, ଶ୍ରଦ୍ଧାରେ ତା'ର ମଥାରେ ହାତ ବୁଲାଇ ଆଣିଲେ । ବିନା ଶବ୍ଦ ଓ ଭାଷାକୁ ବ୍ୟବହାର କରି ଅନେକ ଆଶୀର୍ବାଦ ଓ ଭଲପାଇବା ଅଜାଡି ଦେଲାପରି ଅନୁଭବ ହେଉଥାଏ ଛାତ୍ରୀ ଜଣଙ୍କୁ ।

ପୂର୍ବଦିନ ସେଠାରେ ଘଟିଥିବା ଉକ୍ତ ଛାତ୍ରମାନଙ୍କର ଅଶାଳୀନ ଓ ଅଗ୍ରହଣୀୟ ବ୍ୟବହାରକୁ ଯଦି ଛାତ୍ରୀ ଜଣଙ୍କ ବିରୋଧ ଅବା ପ୍ରତିରୋଧ କରିଥାନ୍ତେ, ତେବେ ହୁଏତ ତାହା ଉଗ୍ର ରୂପ ନେବାର ଅନେକ ସମ୍ଭାବନା ରହିଥିଲା । କିନ୍ତୁ, ପରିସ୍ଥିତିକୁ ଧୈର୍ଯ୍ୟର ସହ ସାମନା କରି,ଛାତ୍ରୀ ଜଣଙ୍କ ନିଜର ଭଲ ଓ ଗଠନାତ୍ମକ କାର୍ଯ୍ୟର ପ୍ରୟାସଦ୍ୱାରା, ଉକ୍ତ ଉଗ୍ର ତଥା ଆକ୍ରମଣାତ୍ମକ ଛାତ୍ରମାନଙ୍କ ମନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ନିମନ୍ତେ ସକ୍ଷମ ହୋଇଥିଲେ ଏବଂ ତାହା ପରବର୍ତ୍ତୀ ସମୟରେ ତାଙ୍କର ଭଲ କାର୍ଯ୍ୟକୁ ଆପଣେଇବା ନିମନ୍ତେ ସେମାନଙ୍କୁ ଅନୁପ୍ରାଣୀତ କରିଥିଲା । ଅତଏବ, ଜୀବନର ଚଲା ବାଟରେ ଆତ୍ମପ୍ରଚାର ଓ ପ୍ରସାରକୁ ଭୁଲି, ପ୍ରତ୍ୟେକ ବ୍ୟକ୍ତି ନିଜର ଭଲ କାର୍ଯ୍ୟଗୁଡିକୁ ନୀରବରେ, ନିରନ୍ତର କରି ଚାଲିବା ଉଚିତ । କାରଣ, ପ୍ରତ୍ୟେକ ବ୍ୟକ୍ତିଙ୍କ ଅଜାଣତରେ ଅନେକ ଲୋକ ତାଙ୍କୁ ନୀରବରେ ଦେଖୁଥାନ୍ତି ଏବଂ ନିଜ ମଧ୍ୟରେ ଏକ ପରିବର୍ତ୍ତନ ଆଣିବା ପୂର୍ବକ ଉକ୍ତ ଭଲ କାର୍ଯ୍ୟର ଧାରାକୁ ସହଜରେ ଗ୍ରହଣ କରି ନିଅନ୍ତି । ସେହି କାର୍ଯ୍ୟ ଅନ୍ୟ ଜଣେ ମଣିଷର ଭାବନାକୁ ବଦଳାଇବା ତଥା ପରିବର୍ତ୍ତନ ଆଣିବା ସହ ଅନୁରୂପ ଭଲ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇଥାଏ ଏବଂ ଏକ ନୀରବ ଅନୁପ୍ରେରକ ସାଜିଥାଏ ।

**ବନ୍ଦାଲୋ, ଟାଙ୍ଗୀ, କଟକ- ୭୫୪୦୨୨**
**ମୋ-୯୩୩୭୮ ୯୭୬୫୦**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

ସମୟ

### ରାଜ୍ୟସ୍ତରୀୟ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

# ମଧୁବାବୁ ଥିଲେ ଓଡ଼ିଆ ଅସ୍ମିତା, ନାରୀ ସଶକ୍ତିକରଣ ଓ ଶିଳ୍ପ ବିପ୍ଳବର ପୁରୋଧା : ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ଉତ୍କଳଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିଧାଣୀ ମଧୁବାବୁ ଜଣେ ଆଇନଜୀବୀ, ଶିଳ୍ପୋଦ୍ୟୋଗୀ, ସମାଜସେବୀ ଓ ସାହିତ୍ୟ-ସଂସ୍କୃତିପ୍ରାଣ ଭାବରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବାଚସ୍ପତି କହିଥିଲେ ଯେ, ନାରୀ ସଶକ୍ତିକରଣ ଏବଂ ଓଡ଼ିଶାର କଳା ଓ ଶିଳ୍ପର ବିକାଶ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ। ନାରୀମାନଙ୍କୁ ଓକିଲାତି କରିବାର ଅଧିକାର ଓ ସମାନ ଭୋଟାଧିକାର ଦେବା ପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି 'ଉତ୍କଳ ଟ୍ୟାନେରୀ' ଓ 'ଉତ୍କଳ ଆର୍ଟ ଓ୍ୱାର୍ସ' ଭଳି ଶିଳ୍ପ ଅନୁଷ୍ଠାନ ମାଧ୍ୟମରେ ସେ ଓଡ଼ିଶାର ସ୍ୱଦେଶୀ କାରିଗରୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସହ ଓଡ଼ିଆ ସ୍ୱାଭିମାନର ପରିଚୟ ଦେଇଥିଲେ ବୋଲି ବାଚସ୍ପତି ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ମଧୁବାବୁଙ୍କ ଜୀବନାଦର୍ଶ ଆଜିର ଯୁବପିଢ଼ି ପାଇଁ ଶ୍ରେଷ୍ଠ ପ୍ରେରଣା । ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମଧୁବାବୁଙ୍କ ଅତୁଳନୀୟ ତ୍ୟାଗ ଓ ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ସମାରୋହରେ ଓଡ଼ିଆ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରଧ୍ୟାପକ ଡଃ ସଂଗ୍ରାମ କେଶରୀ ରାଉତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମଧୁବାବୁଙ୍କ ଗୌରବମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ମଧୁବାବୁଙ୍କ ବହୁମୁଖୀ ଅବଦାନ ଏବଂ ସମାଜ ସଂସ୍କାର ପାଇଁ ତାଙ୍କର ନିଷ୍ଠା ଆଗାମୀ ଯୁବପିଢ଼ିକୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିବ ବୋଲି ଡଃ ରାଉତ ମତବ୍ୟକ୍ତ କରିଥିଲେ।



ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୫ ଘଟିକାରେ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା ଦେଶାତ୍ମବୋଧକ କବିତା ପାଠ ଆୟୋଜନ କରାଯାଇଥିଲା । ବାଚସ୍ପତି କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ, ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଲୋକମାନେ ଯୋଗଦେଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବାଇକ୍ ଉପରେ ମାଡ଼ି ଗଲା ଟ୍ରକ ଘଟଣାସ୍ଥଳରେ ବାଇକ୍ ଚାଳକ ମୃତ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ଛକ ନିକଟସ୍ଥ ୧୮ ନଂ ଜାତୀୟ ରାଜପଥ ଉପରେ ବାଇକ ଆରୋହୀଙ୍କ ଉପରେ ମାଡ଼ି ଗଲା ଟ୍ରକ , ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ । ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ସକାଳ ସମୟରେ ଓଡି-୧୧ଏସ-୩୪୦୧ ନାମକ ପ୍ୟାସନ ପ୍ରୋ ଗାଡ଼ି ଯୋଗେ ଜନୈକ ଚାଳକ ଜଣକ ବାଲେଶ୍ୱର ଅଭିମୁଖେ ଯାଉଥିଲେ । ଏହି ସମୟରେ ଆଗ୍ରିଆ ଛକ ନିକଟରେ ଏକ ଅଜଣା ଟ୍ରକ ତାଙ୍କ ଉପରେ ମାଡ଼ି ଯିବା ଯୋଗୁଁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହେବା ସହ ତାଙ୍କର ଶରୀରଟି ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ତରଫରୁ ସପନ କୁମାର ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ୧୦୮ ଯୋଗେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏ ନେଇ ବୈଶିଙ୍ଗା ପୁଲିସ ୨୧୮/୨୬ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ବାଇକ ଚାଳକ ଜଣକ ବ୍ୟବହୃତ କରୁଥିବା ବାଇକଟି ଚୋରି ବାଇକ ହୋଇଥିବା ନେଇ ପୁଲିସ ଅନୁମାନ କରୁଛି ।

# ଚନ୍ଦନ ଯାତ୍ରାରେ "ଦୟାନିଧି ସଙ୍ଗୀତ ସୁଧା "ର ଭକ୍ତି ସଙ୍ଗୀତ



ପୁରୀ, (ସବ୍ୟୁ): ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅବସରରେ ନରେନ୍ଦ୍ର ପୁଷ୍କରିଣୀ ଚକଡାରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଆୟୋଜିତ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ସୋମବାର ରାତ୍ରରେ ଅନୁଷ୍ଠିତ ହୋଇଯାଇଛି। ପୁରୀର "ଦୟାନିଧି ସଙ୍ଗୀତ ସୁଧା" ଅନୁଷ୍ଠାନର କଣ୍ଠଶିଳ୍ପୀ ମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଓଡିଶୀ, ଛାନ୍ଦ, ଭଜନ ଏବଂ ଚନ୍ଦନ ଗୀତ ପରିବେଷଣ କରି ଥିଲେ । ଭକ୍ତି ସଙ୍ଗୀତ ସେଠାରେ ଉପସ୍ଥିତ ଥିବା ଶହ ଶହ ଜଗନ୍ନାଥ ପ୍ରେମୀ ଭକ୍ତ ଗଣ ଓ ଶ୍ରୋତା ମାନଙ୍କ ମନ ମୋହିନେଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀ ମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଡ଼ଃ ଇପ୍ସିତା ଦାଶ, ଡ଼ଃ ନିହାର ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ସମ୍ପିତା ପାତ୍ର, ଶ୍ୱେତା ସାଗରୀକା ପାଇକ, ପ୍ରିତମ ବରାଡ଼, ଦିବ୍ୟଜ୍ୟୋତି ଦାଶ ଏବଂ ଆୟୁଷ ଅଂଶୁମାନ ନାୟକ । ବାଦ୍ୟଯନ୍ତ୍ର ରେ ସହଯୋଗୀତା କରିଥିଲେ ଗୁରୁ ଜଗନ୍ନାଥ ମିଶ୍ର, ଗୁରୁ ହରିଶ ଚନ୍ଦ୍ର ଦାସ, ଗୁରୁ ଶାରଦା ପ୍ରସନ୍ନ ମିଶ୍ର ଏବଂ ଦେବାଶିଷ ଦାସ । ଅନୁଷ୍ଠାନ ତରଫରୁ ଶ୍ରୀମନ୍ଦିର ପ୍ରଶାସନ କୁ ଅଶେଷ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

### ମଧୁବାବୁ ଆଧୁନିକ ଓଡ଼ିଶାର ନବନିର୍ମାତା ଥିଲେ

# ପିସିସି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତି ପାଳିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି ।



ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଦିବା ୧୧ ଘଣ୍ଟା ସମୟରେ କଂଗ୍ରେସ ଭବନ ଠାରେ ପିସିସି ସଭାପତି ଶ୍ରୀ ଦାସଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି ସଭାକୁ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ । ମଧୁବାବୁ ଓ ଓଡ଼ିଆ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ରରେ ନିଜ ଅଭିଭାଷଣରେ ସଭାପତି ଶ୍ରୀ ଦାସ କହିଲେ ଯେ, ମଧୁବାବୁ ଭାଷାଭିତ୍ତିକ ଓଡ଼ିଶା ଗଠନରେ ମୁଖ୍ୟ ପୁରୋଧା ସାଜିଥିଲେ । ଆଜି ଆମର ଦାୟିତ୍ୱ ଅଛି ତାଙ୍କ କର୍ମପଥ ଅନୁସରଣ କରି କଂଗ୍ରେସକୁ ମଜଭୁତ କରିବା ଓ ସାଧାରଣ ଜନତାଙ୍କ ସେବା କରିବା । ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟବକ୍ତା ପ୍ରଫେସର ବିଜୟ କୁମାର ବହିଦାର କହିଲେ ଯେ, ମଧୁବାବୁ ଓଡ଼ିଆ ମାନଙ୍କୁ ସ୍ୱାବଲମ୍ବି କରିବାପାଇଁ ଓଡ଼ିଶାର ଦ୍ରବ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟରେ ଚେଷ୍ଟିତ ଥିଲେ । ବିଭିନ୍ନ କ୍ଷେତ୍ରରେ ଅସଫଳ ହେଉଥିଲେ ମଧ୍ୟ କେବେ ପଛଘୁଞ୍ଚା ଦେଉନଥିଲେ । ତାଙ୍କୁ ଓଡ଼ିଶାର ପ୍ରାଣ କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ଶିବାନନ୍ଦ ରାୟ ପ୍ରମୁଖ ମଧୁବାବୁଙ୍କ ପ୍ରଭା ଓ ପ୍ରତିଭା ସମ୍ପର୍କରେ ଅବତାରଣା କରିଥିଲେ । ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ନଳିନୀ ମହାନ୍ତି ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନ କରିବା ସହ ପିସିସି ଲିଗାଲ ବିଭାଗ ସଭାପତି ରତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜ ଚୁକ୍ତିଭିତ୍ତିକ ଲେକ୍ଚରର, ରିଡର ଏବଂ ପ୍ରଫେସରଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଲେକ୍ଚରର, ରିଡର ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି ।

ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଚୁକ୍ତିଭିତ୍ତିକ ଲେକ୍ଚରରମାନଙ୍କ ଦରମା ପ୍ରତିମାସ ୭୦,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି । ସେହିପରି, ରିଡର ଓ ପ୍ରଫେସରମାନଙ୍କ ଦରମାରେ ମଧ୍ୟ ବୃଦ୍ଧି କରାଯାଇଛି । ରିଡରମାନଙ୍କ ଦରମା ୪୦,୦୦୦ ଟଙ୍କାରୁ ବୃଦ୍ଧି ହୋଇ ୮୦,୦୦୦ ଟଙ୍କା କରାଯାଇଥିବାବେଳେ, ପ୍ରଫେସରମାନଙ୍କ ଦରମା ୫୦,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୧ ଲକ୍ଷ ଟଙ୍କା କରାଯାଇଛି। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମଧ୍ୟ ମିଳିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଆୟୁଷ ଶିକ୍ଷା ଆହୁରି ସୁଦୃଢ଼ ହେବ ଏବଂ ଅଧ୍ୟାପକମାନଙ୍କୁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ଆଇଆଇଏମ୍‌ଟି ଭୁବନେଶ୍ୱର ପକ୍ଷରୁ ଦୁଇଦିନିଆ ଯୋଗ ଶିବିର

ଭୁବନେଶ୍ୱର, (ସବ୍ୟୁ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ପକ୍ଷରୁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଦୁଇଦିନିଆ ଯୋଗ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ଼. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଗରିମାମୟ ଅଧକ୍ଷତା ଏବଂ ନିର୍ଦ୍ଦେଶକ ଡ଼. ଜୟଦେବ କରଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମଟି "ୟୁନିଭର୍ସାଲ ହ୍ୟୁମାନ୍ ଭ୍ୟାଲୁସ୍-୧ " ବିଷୟକୁ ନେଇ ଚାଲୁଥିବା ୩-ଦିନିଆ ଅଫ୍‌ଲାଇନ୍ ଫେସ୍-ଟୁ-ଫେସ୍ ଫ୍ୟାକଲ୍ଟି ଡିଭେଲପମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ଅଂଶ ଥିଲା। ଉକ୍ତ ଯୋଗ ଶିବିରକୁ ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟର ଡ଼. ଜ୍ଞାନେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। ସେ ତାଙ୍କର ପାରମ୍ପରିକ ଭାରତୀୟ ଅଭ୍ୟାସ ଉପରେ ଗଭୀର ଜ୍ଞାନ ଏବଂ ପାରଦର୍ଶିତାକୁ ଶିକ୍ଷା ପରିବେଶରେ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ। ବିଭିନ୍ନ ନିର୍ଦ୍ଦେଶିତ ଅଭ୍ୟାସ, ପ୍ରଦର୍ଶନ ଓ ଆନ୍ତର୍କ୍ରିୟାତ୍ମକ ଆଲୋଚନା ମାଧ୍ୟମରେ ଡ଼ଃ ମିଶ୍ର ଦୈନନ୍ଦିନ ଜୀବନରେ ଯୋଗକୁ ସମାବେଶ କରି ମାନସିକ ସ୍ୱଷ୍ଟତା, ଶାରୀରିକ ସୁସ୍ଥତା ଓ ଭାବନାତ୍ମକ ସନ୍ତୁଳନ ହାସଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ଆଇ ଆଇ ଏମ୍ ଟିର ଅଧ୍ୟାପିକା ମିସ୍ ଅଙ୍କିତା ମହାପାତ୍ର ଏବଂ ଅଧ୍ୟାପକ ମିଷ୍ଟର୍ ଦିବ୍ୟଦର୍ଶନ ବେହେରା ଓ ମିଷ୍ଟର୍ ଦୀପକ ମିଶ୍ର ଏହି ଯୋଗାଭ୍ୟାସ ସମୟରେ ପ୍ରମୁଖ ପ୍ରଶିକ୍ଷକ ଭାବେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରର ଏକ ପ୍ରମୁଖ ଆକର୍ଷଣ ଥିଲା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ବୈଦିକ ଜୀବନଶୈଳୀର ସଂସ୍କୃତିକୁ ପ୍ରୋତ୍ସାହନ ଦେବା। ପ୍ରାଚୀନ ଯୋଗ ପ୍ରଣାଳୀଗୁଡ଼ିକ ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ କିପରି ସହଯୋଗ କରିପାରେ, ଯାହା ମାଧ୍ୟମରେ ବ୍ୟକ୍ତିମାନେ ଆନ୍ତରିକ ସମନ୍ୱୟ ଓ ଶୃଙ୍ଖଳା ବଜାୟ ରଖି ସର୍ବୋତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରାଯାଇପାରେ ସେ ନେଇ ଡ଼ଃ ମିଶ୍ର ବ୍ୟାଖ୍ୟା କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ମାନସିକ ଚାପ ପରିଚାଳନା, ଏକାଗ୍ରତା ବୃଦ୍ଧି ଏବଂ ଆତ୍ମସଚେତନତା ସମ୍ବନ୍ଧୀୟ ବ୍ୟବହାରିକ ପଦ୍ଧତି ସମ୍ପର୍କରେ ଅବଗତ କରାଯାଇଥିଲା, ଯାହା ଶିକ୍ଷାଗତ ଓ ପେଶାଗତ ଉତ୍କର୍ଷତା ପାଇଁ ଅତ୍ୟନ୍ତ ଆବଶ୍ୟକ।

# ପ୍ରେମ ସମ୍ପର୍କରୁ ନାବାଳିକା ଅପହରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପ୍ରେମ ସମ୍ପର୍କକୁ ନେଇ ଜଣେ ନାବାଳିକାଙ୍କୁ ଭୁଲାଇ ନିଜ ଘରକୁ ନେଇଯାଇଥିବା ପ୍ରେମିକ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୋଲିସ । ତାଙ୍କ ଘରୁ ପ୍ରେମିକା ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ କହିଛି ।

ଏତଲାକାରୀ ପ୍ରଦୀପ ମହାପାତ୍ର (୪୦) ପରିବାର ସହ ଦୀର୍ଘଦିନ ହେବ ତ୍ରିନାଥନଗର ବସ୍ତିରେ ରହୁଛନ୍ତି । ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ନାବାଳିକା ଝିଅ ସହ ସେହି ବସ୍ତିରେ ରହୁଥିବା ରାଜେନ୍ଦ୍ର ବେହେରା ପ୍ରେମ କରୁଥିଲେ । ଉଭୟ ପ୍ରେମ ସମ୍ପର୍କରେ କିଛିଦିନ ରହିବା ପରେ ପ୍ରେମିକ ଏତଲାକାରୀଙ୍କ ନାବାଳିକା ଝିଅକୁ ନିଜ ଘରକୁ ନେଇଯାଇଥିଲା । ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ରାଜେନ୍ଦ୍ର ବେହେରା (୨୧) ଓ ତାଙ୍କ ଭାଇ ଉପେନ୍ଦ୍ର ବେହେରା ମିଶି ଏତଲାକାରୀ ପ୍ରଦୀପ ମହାପାତ୍ରଙ୍କୁ ଆକ୍ରମଣ କରିଥିଲେ । ପୋଲିସକୁ ଏ ସମ୍ପର୍କରେ କହିଲେ ପରିସ୍ଥିତି ଭୟାବହ ହେବ ବୋଲି ଅଭିଯୁକ୍ତ ରାଜେନ୍ଦ୍ର ତାଙ୍କୁ ଧମକାଇଥିଲା । ପୂର୍ବରୁ ମଧ୍ୟ ଥରେ ଏତଲାକାରୀଙ୍କ ନାବାଳିକା ଝିଅକୁ ରାଜେନ୍ଦ୍ର ପ୍ରଭାବିତ କରି ନିଜ ସହିତ ନେଇଯାଇଥିଲା । ସେ କଥା କାହାରିକୁ ନକହିବାକୁ ମଧ୍ୟ ବାରଣ କରିଥିଲା । ପ୍ରେମକୁ ନେଇ ଏହିପରି ଝାମେଲା ଲାଗି ରହିଥିବା ବେଳେ ନୂଆପଲ୍ଲୀ ଥାନା ପୋଲିସ ଏତଲା ପାଇବା ପରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜେନ୍ଦ୍ର ବେହେରାକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ସାହିତ୍ୟିକା ମନୋସ୍ୱିନୀ ପରିଜା ସମ୍ମାନିତ



ଭୁବନେଶ୍ୱର, (ସବ୍ୟୁ) : କୁଜଙ୍ଗ ବ୍ଲକ୍ ବଳରାମପୁର ଗ୍ରାମର ସାହିତ୍ୟିକା ମନସ୍ୱିନୀ ପରିଜାଙ୍କୁ ଜାତୀୟ ସ୍ୱୀକୃତି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ଲେଖା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ପରିଷଦ, ଜୟଦେବ ସଂସ୍କୃତି ପରିଷଦ ଓ ବିଶ୍ୱଦେବ ସମାଜ ଆନୁକୂଲ୍ୟରେ କଟକ କଳା ବିକାଶ କେନ୍ଦ୍ର ପରିସରରେ ସଭାପତି ପ୍ରଶାନ୍ତ କରଙ୍କ ପୌରୋହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ହୁ (ଡବ୍ଲୁଏଚ୍ଓ) ର ମୁଖ୍ୟ ଉପଦେଷ୍ଟା ନିହାର ରଞ୍ଜନ ରାୟ, ସାଂସଦ ରବୀନ୍ଦ୍ର ବେହେରା, ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା, ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ସାହିତ୍ୟିକ ନଟବର ଶତପଥୀ ପ୍ରମୁଖ ମନସ୍ୱିନୀ ପରିଜାଙ୍କୁ ସମ୍ମାନିତ କରିଥିଲେ।

### ଆଜାଦନଗର ବୋମା ବିସ୍ଫୋରଣ ମାମଲା

# କ୍ୟାପିଟାଲ ହସ୍ପିଟାଲରେ ଏନ୍‌ଆଇଏ ଟିମ୍‌ର ଛାନ୍‌ଭିନ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦନଗର ବୋମା ବିସ୍ଫୋରଣ ମାମଲାର ତଦନ୍ତ ଏନ୍‌ଆଇଏ କରୁଥିଲା ବେଳେ ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲରେ ତଦନ୍ତକାରୀ ଟିମ୍ ପହଞ୍ଚି ୪ଘଣ୍ଟା ଛାନ୍‌ଭିନ କରିଛି । ବୋମା ବିସ୍ଫୋରଣରେ ୪ଜଣ ଆହତ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ମା'ଙ୍କ ମୃତ୍ୟୁ ହୋଇଛି । ମୁଖ୍ୟ ଅଭିଯୁକ୍ତର ବାନ୍ଧବୀ ଓ ତାଙ୍କ ସହଯୋଗୀ ଆହତ ହୋଇଥିଲେ ମଧ୍ୟ ସୁସ୍ଥ ହୋଇଛନ୍ତି । କ୍ୟାପିଟାଲ ହସ୍ପିଟାଲକୁ ଆହତ ଚିକିତ୍ସା ପାଇଁ ଆସିଥିବାରୁ ଏନ୍‌ଆଇଏ ଟିମ୍ ହସ୍ପିଟାଲକୁ ଯାଇ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପଚରାଉଚରା କରିବା ସହ ଅନ୍ୟ ସହଯୋଗୀ ହସ୍ପିଟାଲ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରି ତାଙ୍କ ବୟାନ ରେକର୍ଡ କରିଛି । ବୋମା ବିସ୍ଫୋରଣ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୂନା ସଂଗ୍ରହ କରିଥିଲା । ସେହି ନମୂନା ଫୋରେନ୍‌ସିକ୍ ଲାବ୍‌କୁ ପରୀକ୍ଷା ପାଇଁ ପଠାଯାଇଥିଲା । ପରୀକ୍ଷା ରିପୋର୍ଟରେ ଆର୍‌ଡିଏକ୍ସର ସରଞ୍ଜାମ ବ୍ୟବହାର ହୋଇଥିବା ଜଣାପଡ଼ିବା ପରେ ଏନ୍‌ଆଇଏ ମାମଲାକୁ ଗୁରୁତର ସହ ବିଚାର କରି ତଦନ୍ତକୁ ବ୍ୟାପକ କରିଛି । ପୂର୍ବରୁ ଘଟଣାସ୍ଥଳ ଓ ଏୟାରଫିଲ୍ଡ ଥାନାକୁ ଯାଇ ଆବଶ୍ୟକ କାଗଜପତ୍ର ଆଣିଥିଲା । ଘଟଣାସ୍ଥଳରେ ବିଭିନ୍ନ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା । ସେହିପରି ମଙ୍ଗଳବାର କ୍ୟାପିଟାଲକୁ ଯାଇ ଆହତଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛି । ତଦନ୍ତକାରୀ ଟିମ୍ ୪ଘଣ୍ଟା ହସ୍ପିଟାଲରେ ରହି ଛାନ୍‌ଭିନ୍ କରିବା ଦ୍ୱାରା କେତେକ କର୍ମଚାରୀଙ୍କ ମନରେ ଭୟ ସଞ୍ଚାର ହୋଇଛି । ହସ୍ପିଟାଲରେ ଏନ୍‌ଆଇଏ ତଦନ୍ତକାରୀ ଟିମ୍‌କୁ ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ ଗଣମାଧ୍ୟମକୁ କିଛି ସୂଚନା ଦେଇନଥିଲେ ।

# ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ



ଅନୁଷ୍ଠିତ ହୋଇଥିଲା। ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହ କୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।କୃଷକ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା,ଧାନ ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା,ଧାନ ସଂଗ୍ରହ ଉପକରଣ ସବୁ କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି ।ଗତ ଖରିଫ ଋତୁରେ ଜିଲ୍ଲାରେ ୨୧୦୪୦୦.୦୦ ମେଟ୍ରିକ ଟନ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ ରୁ ୨୦୩୫୨୦.୫୭୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା। ଜିଲ୍ଲାରେ ୫୯୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮୦୦୫ କୃଷକ ଙ୍କ ଠାରୁ ଏହି ଧାନ ସଂଗୃହିତ ହୋଇଥିଲା ।ସେହିପରି ଗତବର୍ଷ ରବି ଋତୁରେ ୨୫୩୨୧ ପଞ୍ଜିକୃତ ଯୋଗ୍ୟ କୃଷକ ଙ୍କ ମଧ୍ୟରୁ ୧୮୦୧୩ ଜଣ କୃଷକ ଙ୍କ ଠାରୁ ୭୨୫୪୪.୦୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା,ପୁରୀ ସାଂସଦ ଙ୍କ ପ୍ରତିନିଧି, ସତ୍ୟବାଦୀ,ବ୍ରହ୍ମଗିରି ଓ ପୁରୀ ବିଧାୟକ ଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକରେ ବିବିଧ ସୂଚନା ପ୍ରଦାନ କରିଥିଲେ।

### ବିଶ୍ୱ ମ୍ୟାଲେରିଆ ଦିବସ: ବେଦାନ୍ତ ଆଲୁମିନିୟମ

# ଝାରସୁଗୁଡାରେ ହଜାରରୁ ଅଧିକ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର କେଲଡାମାଲ, ଗୁଡିଗାଁ ଏବଂ ବରହାମୁଣ୍ଡା ଗ୍ରାମରେ ଆୟୋଜିତ ଏକ ବ୍ୟାପକ ସାମୁହିକ ସ୍ୱାସ୍ଥ୍ୟ ଅଭିଯାନ ମାଧ୍ୟମରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ର ବିଶ୍ୱ ଅଭିଯାନ ବିଷୟବସ୍ତୁ "ମ୍ୟାଲେରିଆ ସମାପ୍ତ କରିବାକୁ ସଙ୍କଳ୍ପ: ଏବେ ଆମେ ପାରିବୁ-ଏବେ ଆମେ ନିଶ୍ଚିତ" ସହିତ ସମନ୍ୱିତ, ଏହି ପଦକ୍ଷେପ ଗ୍ରାମୀଣ ସମ୍ପ୍ରଦାୟକୁ ମ୍ୟାଲେରିଆ ଦୂର କରିବା ପାଇଁ ଆବଶ୍ୟକ ସଚେତନତା ଏବଂ ଉପକରଣ ସହିତ ସଶକ୍ତ କରିବାକୁ ଚେଷ୍ଟା କରିଥିଲା। ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିବାରଣ ଅଭ୍ୟାସ, ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ଏବଂ ସମୟୋଚିତ ପରୀକ୍ଷା ଏବଂ ଚିକିତ୍ସାର ଗୁରୁତ୍ୱ ଉପରେ ସଂରଚିତ ସଚେତନତା ଅଧିବେଶନ ମାଧ୍ୟମରେ ୧,୦୦୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଶେଷ ମାଇଲ ପର୍ଯ୍ୟନ୍ତ ଗଭୀର ପ୍ରଚାର ସୁନିଶ୍ଚିତ କରିବା ପାଇଁ, ଗ୍ରାମାଂଚଳରେ ସୂଚନାମୂଳକ ଲିଫଲେଟ୍ ବଂଟନ କରାଯାଇଥିଲା। ଏହା ସହିତ, ୪୦ ରୁ ଅଧିକ ମାଗଣା ମ୍ୟାଲେରିଆ ପରୀକ୍ଷା ଘଟଣାସ୍ଥଳେ କରାଯାଇଥିଲା ଯାହା ସମସ୍ତ ପରୀକ୍ଷା ଫଳାଫଳ ନେଗେଟିଭ୍ ଆସିଥିଲା, ଯାହା ଏହି ଅଂଚଳରେ ନିରନ୍ତର ପ୍ରତିରୋଧକ ହସ୍ତକ୍ଷେପର ପ୍ରଭାବକୁ ପ୍ରତିଫଳିତ କରିଥିଲା।

ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଆମ ପାଇଁ ଏକ ସ୍ଥିର ଧ୍ୟାନ କେନ୍ଦ୍ରିତ କ୍ଷେତ୍ର ହୋଇଛି। ବିଶ୍ୱ ମ୍ୟାଲେରିଆ ଦିବସ ପ୍ରାରମ୍ଭିକ ଚିହ୍ନଟ ଏବଂ ନିବାରଣ ସମ୍ପର୍କରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ; ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଆମେ ଯେଉଁ ନିରନ୍ତର ସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରୁଛୁ ତାହା ଜାରି ରଖିବା ସହିତ ଆମର ପ୍ରୟାସ ନିୟମିତ ସମ୍ପର୍କ, ବିଶ୍ୱାସ ଏବଂ ବ୍ୟବହାରିକ ଭୂମିଗତ ହସ୍ତକ୍ଷେପରେ ବଦ୍ଧ ଯାହା ସମ୍ପ୍ରଦାୟଗୁଡ଼ିକୁ ସୁସ୍ଥ ଏବଂ ସ୍ଥିର ରହିବାରେ ସାହାଯ୍ୟ କରେ।

ମ୍ୟାଲେରିଆ ସଚେତନତା ଅଭିଯାନ ଏହାର ଆଖପାଖ ସମ୍ପ୍ରଦାୟ ପାଇଁ ପ୍ରତିରୋଧକ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଶେଷ ମାଇଲ ପ୍ରବେଶକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ। ଏହି ପ୍ରୟାସର କେନ୍ଦ୍ରସ୍ଥଳ ହେଉଛି କମ୍ପାନୀର ମୋବାଇଲ୍ ହେଲ୍ଥ ୟୁନିଟ୍ ଯାହା ଜିଲ୍ଲାର ଦୂରଦୂରାନ୍ତ ଗ୍ରାମଗୁଡ଼ିକୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରେ। ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା, ସଂକ୍ରାମକ ରୋଗର ସ୍କ୍ରିନିଂ ଏବଂ ଅତ୍ୟାବଶ୍ୟକ ଔଷଧ ବଂଟନ ସମେତ ବିଭିନ୍ନ ପ୍ରକାରର ସେବା ପ୍ରଦାନ କରନ୍ତି, ଯାହା ସମ୍ପ୍ରଦାୟର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟସେବା ପ୍ରବେଶ ପ୍ରତିବନ୍ଧକକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଥାଏ।

# ସୁଦୃଢ ହେବ ଭାରତ-ଚୀନ୍ ସମ୍ପର୍କ

## ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିପାରନ୍ତି ସି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀ : ୨୦୨୦ ଗାଲୱାନ ସଂଘର୍ଷ ପରଠାରୁ ଭାରତ ଓ ଚୀନ୍ ମଧ୍ୟରେ ଜାରି ରହିଥିବା ରାଜନୈତିକ ଅସ୍ଥିରତା ଏବେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । କୂଟନୈତିକ ଗତିଶୀଳତା ଏବଂ ଉଚ୍ଚସ୍ତରୀୟ ଆଲୋଚନା ଏକ ସକାରାତ୍ମକ ସଙ୍କେତ ଦେଉଛି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଚଳିତବର୍ଷ ଭାରତରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଗସ୍ତ କରିପାରନ୍ତି । ଯଦି ଏହି ଗସ୍ତ ସଫଳ ହୁଏ, ତେବେ ଏହା ଗାଲୱାନ ବିବାଦ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଗଠନ ଦିଗରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।ବିଶ୍ୱ



ରାଜନୀତିର ବହୁପାକ୍ଷିକ ମଞ୍ଚରେ ଭାରତର ବ୍ରିକ୍ସ ସଭାପତିତ୍ୱକୁ ଚୀନ୍ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ନୂଆଦିଲ୍ଲୀର କୂଟନୈତିକ ନେତୃତ୍ୱକୁ ପ୍ରଶଂସା କରିଛି । ନିକଟରେ ଚୀନର ସ୍ୱତନ୍ତ୍ର ଦୂତ ଝାଇ ଜୁନଙ୍କ ଭାରତ ଗସ୍ତ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ସଫଳ ଆଲୋଚନା ଦୁଇ ଦେଶ ମଧ୍ୟରେ ଥିବା "କୂଟନୈତିକ ଅସ୍ଥିରତାକୁ ଦୂର କରିବାରେ ସହାୟକ ହୋଇଛି । ଏସିଆର ଏହି ଦୁଇ ଆର୍ଥିକ ମହାଶକ୍ତି ପାଟ୍ରୋଲିଂ ଚୁକ୍ତି ଓ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସହଯୋଗ ବୃଦ୍ଧି କରି ସୀମା ବିବାଦର ସ୍ଥାୟୀ ସମାଧାନ ଦିଗରେ ଅଗ୍ରସର ହେଉଥିବା ପରି ମନେହେଉଛି ।୨୦୨୪ କାଜାନ ବ୍ରିକ୍ସ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଜିନପିଙ୍ଗଙ୍କ ସାକ୍ଷାତ୍କାର ପରଠାରୁ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତା ପାଇଁ ନୂତନ ପଥ ପ୍ରଶସ୍ତ ହୋଇଛି । 'ଏଲଏସି'ରେ ପାଟ୍ରୋଲିଂ ପୁନଃ ଆରମ୍ଭ ଏବଂ 'ଏସସିଓ' ବୈଠକରେ ସକାରାତ୍ମକ ଆଲୋଚନା ଭାରତ ଓ ଚୀନ୍ ମଧ୍ୟରେ ଥିବା ପାରସ୍ପରିକ ସନ୍ଦେହକୁ ହ୍ରାସ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ବିଶ୍ୱର ବଦଳୁଥିବା ଭୂ-ରାଜନୈତିକ ପରିସ୍ଥିତିରେ ଭାରତ ଓ ଚୀନର ଏହି କୂଟନୈତିକ ପୁନର୍ମିଳନ କେବଳ ଆଞ୍ଚଳିକ ସ୍ଥିରତା ନୁହେଁ, ବରଂ ବିଶ୍ୱ ଅର୍ଥନୀତି ପାଇଁ ଏକ ନୂତନ ସଞ୍ଜୀବନୀ ସଦୃଶ ହେବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ଭାରତ ଆସିଲା ଦାଉଦର ସହଯୋଗୀ

ନୂଆଦିଲ୍ଲୀ : ଭାରତ ଆସିଲା କୁଖ୍ୟାତ ଆତଙ୍କବାଦୀ ତଥା ଭାରତର ମୋଷ୍ଟୱାଣ୍ଟେଡ ଡାଉଦ ଇବ୍ରାହିମର ଘନିଷ୍ଠ ସହଯୋଗୀ ସଲିମ ଡୋଲା । ବ୍ୟାନ ନିଶା କାରବାର କରୁଥିବା ସଲିମକୁ ତୁର୍କୀ ଇସ୍ତାନବୁଲରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି । ତୁର୍କୀର ଜାତୀୟ ଗୁଇନ୍ଦା ସଂଗଠନ ଓ ସ୍ଥାନୀୟ ପୁଲିସ୍ ପ୍ରଥମେ ସଲିମକୁ ଗିରଫ କରିଥିଲା । ଏହାପରେ ନିୟମ ଅନୁସାରେ ତା'କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା । ପଳାତକ ଘୋଷିତ କୁଖ୍ୟାତ ନିଶା ବେପାରୀ ସଲିମକୁ ଦିଲ୍ଲୀର ଆରକେ ପୁରମ ସ୍ଥିତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସ୍ଥିତ ଅଫିସରରେ ରଖାଯାଇଛି । ପରବର୍ତ୍ତୀ ଅବସ୍ଥାରେ ତା'କୁ ମୁମ୍ବାଇ ପୁଲିସ୍କୁ ହସ୍ତାନ୍ତର କରାଯିବ । ପ୍ରାୟ ଗୋଟିଏ ଦଶନ୍ଧି ତଳେ ଭାରତରୁ



ଫେରାର ହେବା ପରେ ଡୋଙ୍ଗ୍ରୀର ମୂଳବାସିନ୍ଦା ସଲିମ ବିଦେଶରେ ରହି ବହୁ ରାଷ୍ଟ୍ରୀୟ ନିଶା କାରବାର ରାକେଟ ଚଳାଉଥିଲା ।ଫୈଜଲ ଜାଭେଦ ଶେଖ ଓ ଅଲଫିଆ ଫୈଜଲ ଶେଖ ନାମକ ଦୁଇ ଜଣ ବ୍ୟକ୍ତି ବ୍ୟାନ ହୋଇଥିବା ନିଶା କାରବାର କରୁଥିବା ପ୍ରଥମେ ଜଣାପଡ଼ିଥିଲା । ଅଧିକ ତଦନ୍ତ ହେବାରୁ ସେମାନେ ସଲିମ ଠାରୁ ହିଁ ମେଫେଡ୍ରୋନ ଡ୍ରଗ୍ସ(MD) ଆଣୁଥିବା ସ୍ପଷ୍ଟ ହୋଇଥିଲା । ମୁମ୍ବାଇ କ୍ରାଇମ ବ୍ରାଞ୍ଚର ତଦନ୍ତ ବେଳେ ଏମଡିର ସପ୍ଲାଏ ଚେନ ସାଙ୍ଗଲି ଓ ସୁରଟରୁ ୟୁଏଇ ଓ ତୁର୍କୀ ଯାଏ ଲମ୍ବିଥିବା ଜଣାପଡ଼ିଥିଲା । ତୁର୍କୀରେ ରହି ସଲିମ ପୂରା ନେଟୱର୍କକୁ ପରିଚାଳନ କରୁଥିଲା । ପ୍ରଥମେ ସେ ୟୁଏଇରେ ରହୁଥିଲା । ଏହାପରେ ତୁର୍କୀ ଚାଲି ଯାଇଥିଲା ।ଗତବର୍ଷ ଭାରତୀୟ ଅଧିକାରୀମାନେ ଇଣ୍ଟରପୋଲ ସହାୟତାରେ ସଲିମର ପୁଅ ତାହେର ଓ ତା' ପୁତୁରା ମୁସ୍ତାଫା ମହମ୍ମଦ କୁବ୍ବାୱାଲକୁ ୟୁଏଇରୁ ଗିରଫ କରିଥିଲା । ଏହାପରେ ସଲିମର ନେଟୱର୍କ କିଛି ମାତ୍ରାରେ ଦୁର୍ବଳ ହୋଇ ଯାଇଥିଲା ।

ମୁମ୍ବାଇର ବାଇକୁଲ୍ଲା ଅଞ୍ଚଳର ଗୋଟିଏ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲା ସଲିମ ଡୋଲା । ଯୁବାବସ୍ଥାରେ ହିଁ ସେ ସହରର ଅଣ୍ଡରୱାର୍ଲ୍ଡରେ ପ୍ରବେଶ କରିଥିଲା । ଦାଉଦ ଇବ୍ରାହିମର ଡି କମ୍ପାନୀର ସଦସ୍ୟ ଛୋଟା ସକୀଲ ସହ ପ୍ରଥମେ ସେ ବନ୍ଧୁତା କରିଥିଲା । ପ୍ରାରମ୍ଭିକ ଅବସ୍ଥାରେ ସଲିମ ମୁମ୍ବାଇ ଓ ଦିଲ୍ଲୀରେ ଗୁଟଖା ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଡ୍ରଗ ଟ୍ରେଡରେ ପ୍ରବେଶ କରିଥିଲା ଓ ଗଞ୍ଜେଇ ବେପାର ଆରମ୍ଭ କରିଥିଲା ।

# ବାଂଲାରେ ୨୫୦ରୁ ଅଧିକ ଜୀବନ ନେଲାଣି ମିଳିମିଳା

ଢାକା : ଟିକାକରଣରେ ଚାମ୍ପିୟନ ବାଂଲାଦେଶ ଏବେ ମିଳିମିଳାର ଘାତକ ଲହରୀର ସାମ୍ନା କରୁଛି । ଏଥିଯୋଗୁ ଦେଶରେ ରେକର୍ଡ ସଂଖ୍ୟକ ଲୋକଙ୍କ ଜୀବନ ଗଲାଣି । ମିଳିମିଳା ଯୋଗୁ ମାର୍ଚ୍ଚ ୧୫ରୁ ଇତି ମଧ୍ୟରେ ୨୫୦ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି । ଏମାନଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ରହିଛନ୍ତି । ସମସ୍ତେ ମିଳିମିଳା ଜନିତ ଲକ୍ଷଣ ଯୋଗୁ ଆଖି ବୁଜିଛନ୍ତି । ଦେଢ଼ ମାସରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇବା ବାଂଲାଦେଶ ଇତିହାସର ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ । ଏହାକୁ ଦୃଷ୍ଟିରେ ରଖି ବାଂଲାଦେଶର ପୂର୍ବତନ ଅନ୍ତରୀଣ ସରକାରର ମୁଖିଆ ମହମ୍ମଦ ୟୁନୁସଙ୍କ ବିରୋଧରେ ଜନଅସନ୍ତୋଷ ପ୍ରକାଶ ପାଇଛି । ୟୁନୁସ ଓ ତାଙ୍କ ଅନ୍ତରୀଣ ସରକାରରେ ଥିବା ସଦସ୍ୟଙ୍କ ଯାତ୍ରା ଉପରେ ବ୍ୟାନ ଲଗାଇବାକୁ ବାଂଲାଦେଶ ସୁପ୍ରିମକୋର୍ଟରେ ଗୋଟିଏ ଆବେଦନ କରାଯାଇଛି । ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ମାର୍ଚ୍ଚ ୧୫ରୁ ଇତି ମଧ୍ୟରେ ୪୩ ଜଣ ମିଳିମିଳା ଯୋଗୁ ପ୍ରାଣ ହରାଇଛନ୍ତି । ସେହିପରି ଆଉ ୨୧୬ ଜଣ ସନ୍ଦିଗ୍ଧ ମିଳିମିଳା ଯୋଗୁ ଆଖି ବୁଜିଛନ୍ତି । ପ୍ରାୟ ୯୧% ମିଳିମିଳା ମାମଲା ୧ ବର୍ଷରୁ ୧୪ ବର୍ଷ ବୟସ ମଧ୍ୟରେ ଥିବା ପିଲାଙ୍କ କ୍ଷେତ୍ରରେ ଦେଖା ଯାଉଛି । ମାର୍ଚ୍ଚ ୧୫ରୁ ଇତି ମଧ୍ୟରେ ୭୫୦୦ ମିଳିମିଳା ମାମଲା ସାମ୍ନାକୁ ଆସିବା ପରେ ବାଂଲାଦେଶ ସରକାର ଜରୁରୀକାଳିନ ଟିକାକରଣ ଅଭିଯାନ ରବିବାର ଠାରୁ ଆରମ୍ଭ କରିଛନ୍ତି । ବାଂଲାଦେଶର ୬୪ଟି ଜିଲ୍ଲାରୁ ୫୮ ଟି ଜିଲ୍ଲାରେ ମିଳିମିଳା ସାଂଘାତିକ ରୂପ ଧାରଣ କରିଛି । ୫ ବର୍ଷରୁ କମ ବୟସ୍କ ପିଲାଙ୍କ ସଂଖ୍ୟା ମୋଟ ମାମଲାର ୭୯% ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଦେଇଛି । ବାଂଲାଦେଶର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ସର୍ଦାର ସଖାୱତ ହୁସେନ ଦେଶରେ ମିଳିମିଳା ବ୍ୟାପିବା ପାଇଁ ଉଭୟ ୟୁନୁସ ଓ ଶେଖ ହସିନା ସରକାରଙ୍କୁ ଦାୟୀ କରିଛନ୍ତି ।

# ଏପ୍ରିଲରେ ରୁଷରୁ ତେଲ ଆମଦାନି ୨୦% କମିଲା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଇତିମଧ୍ୟରେ ଦୁଇମାସ ପୂରଣ ହୋଇଛି । ଏଥିପାଇଁ ବିଶ୍ୱର ବିଭିନ୍ନ ଦେଶ ଗତ ଦୁଇମାସ ହେଲା ଅଶୋଧିତ ତେଲ ଓ ଗ୍ୟାସ ଆମଦାନିରେ ବଡ଼ ସମସ୍ୟାର ସାମନା କରୁଛନ୍ତି । କିନ୍ତୁ ଏହି ସଂକଟ ଭିତରେ ଭାରତକୁ ରୁଷ୍ ତେଲ ସହାୟକ ହୋଇଥିଲା । ମାର୍ଚ୍ଚ ମାସରେ ଭାରତ ରୁଷ୍ଠୁ ରେକର୍ଡ ପରିମାଣର ଅଶୋଧିତ ତେଲ ଆମଦାନି କରିଥିଲା । କିନ୍ତୁ ଏପ୍ରିଲ ମାସରେ ରୁଷ୍ଠୁ ଭାରତର ଅଶୋଧିତ ତେଲ ଆମଦାନି ହ୍ରାସ ପାଇଛି ।ସୂଚନା ଅନୁଯାୟୀ ଭାରତୀୟ ତୈଳ ବିଶୋଧନ କମ୍ପାନିଗୁଡ଼ିକ ମାର୍ଚ୍ଚ ମାସରେ ରୁଷରୁ କିଣିଥିବା ଅଶୋଧିତ ତେଲ ତୁଳନାରେ ଏପ୍ରିଲରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ଘଟିଛି । ଏପ୍ରିଲ ମାସରେ ରୁଷ୍ଠୁ ଭାରତ ଦୈନିକ ହାରାହାରି ୧୫.୭ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଆଣିଛି । କିନ୍ତୁ ମାର୍ଚ୍ଚରେ ଭାରତୀୟ କମ୍ପାନିଗୁଡ଼ିକ ରୁଷ୍ଠୁ ଦୈନିକ ପ୍ରାୟ ୨୦ ଲକ୍ଷ ବ୍ୟାରେଲ ତେଲ ଆଣିଥିଲେ । ମାର୍ଚ୍ଚ ମାସରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ବନ୍ଦ ଥିଲା । କିନ୍ତୁ ଏହି ସମୟରେ ରୁଷର ଅନେକ ଜାହାଜ ଅଶୋଧିତ ତେଲ ଆଣି ବିଶ୍ୱର ବିଭିନ୍ନ ସ୍ଥାନରୁ ଯାତ୍ରା କରୁଥିଲେ । ସେହି ସମୟରେ ଭାରତ ରୁଷ୍ ତେଲ କିଣିବା ବଢ଼ାଇ ଦେଇଥିଲା । ଏଥିସହିତ ସେହି ସମୟରେ ରୁଷ୍ ତେଲ କ୍ରୟ ଉପରୁ ମଧ୍ୟ ଆମେରିକା କଟକଣାକୁ କୋହଳ କରିଥିଲା

କେପ୍ଲରଙ୍କ କହିବାନୁଯାୟୀ, ଏପ୍ରିଲରେ ରୁଷ୍ଠୁ ଅଶୋଧିତ ତେଲ ଆମଦାନି ହ୍ରାସ ଘଟିବାର ମୁଖ୍ୟତଃ ୩ଟି କାରଣ ରହିଛି । ସେଗୁଡ଼ିକରୁ ଗୋଟିଏ ହେଲା ରୁଷ୍ର ଏକ ବଡ଼ ରପ୍ତାନି ଟର୍ମିନାଲ ଉପରେ ୟୁକ୍ରେନ ଆକ୍ରମଣ କରିବାରୁ ଜାହାଜରେ ତେଲ ବୋଝେଇ ପ୍ରଭାବିତ ହୋଇଛି । ଦ୍ୱିତୀୟ କାରଣ ହେଲା ମାର୍ଚ୍ଚରେ ଯେଭଳି ଫ୍ଲୋଟିଂ ତେଲ ଜାହାଜ ଉପଲବ୍ଧ ହୋଇଥିଲା ଏପ୍ରିଲରେ ତାହା ମିଳି ନଥିଲା । ତୃତୀୟ କାରଣ ହେଲା ଭାରତରେ କିଛି ବିଶୋଧନାଗାର ସେମାନଙ୍କ ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ବନ୍ଦ ରହିବା ।

ଏପ୍ରିଲ ମାସରେ ଭାରତୀୟ ତୈଳ ନିଗମ ଲିମିଟେଡ ରୁଷ୍ଠୁ ସବୁଠୁ ଅଧିକ ଅଶୋଧିତ ତେଲ କିଣିଛି । ରୁଷ୍ଠୁ ଭାରତ କିଣିଥିବା ମୋଟ ତେଲରେ ଏହି କମ୍ପାନିର ଭାଗ ପ୍ରାୟ ୪୨ ପ୍ରତିଶତ ରହିଛି । ଏହି କମ୍ପାନି ଦୈନିକ ୬.୭ ଲକ୍ଷ ବ୍ୟାରେଲ ତେଲ କିଣିଥିବାବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦୈନିକ ୨.୬୩ ଲକ୍ଷ ବ୍ୟାରେଲ, ଭାରତ ପେଟ୍ରୋଲିୟମ ଦୈନିକ ୧.୩୬ ଲକ୍ଷ ବ୍ୟାରେଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଦୈନିକ ୮୩ ହଜାର ବ୍ୟାରେଲ ଅଶୋଧିତ ତେଲ କିଣିଛି ।

ନାୟରା ଏନର୍ଜି ମାର୍ଚ୍ଚରେ ଦୈନିକ ୩.୧୫ ଲକ୍ଷ ବ୍ୟାରେଲ ତେଲ ରୁଷ୍ଠୁ କିଣିଥିବାବେଳେ ଏପ୍ରିଲରେ ଏହା ଦୈନିକ ୨୮ ହଜାର ବ୍ୟାରେଲକୁ ହ୍ରାସ ପାଇଛି । କାରଣ ଏହି କମ୍ପାନିର ବିଶୋଧନାଗାର ରକ୍ଷଣାବେକ୍ଷଣ ପାଇଁ ୯ ଏପ୍ରିଲରୁ ୩୫ ଦିନ ପାଇଁ ବନ୍ଦ ଘୋଷଣା ହୋଇଥିଲା । ହର୍ମୁଜ ପ୍ରଣାଳୀ ଅବରୋଧ ଜାରି ରହିଲେ ଆଗାମୀ ଦିନରେ ଭାରତ ରୁଷ୍ଠୁ ପୁଣି ଥରେ ଅଧିକ ତେଲ ଆମଦାନି କରିବା ସମ୍ଭାବନା ରହିଛି ।

# ଲେବାନନ୍ ଅସ୍ତ୍ରବିରତି ବିଫଳ, ୪୦ ମୃତ



ବେରୁଟ : ମଧ୍ୟପ୍ରାଚ୍ୟରେ ଏବେ ଲେବାନନ ଯୁଦ୍ଧର ଅନ୍ୟତମ ମୁଖ୍ୟ କ୍ଷେତ୍ର ପାଲଟିଛି । ଏପ୍ରିଲ ୧୭ରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହେବା ପରଠାରୁ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଏବଂ ହେଜବୁଲ୍ଲା ମଧ୍ୟରେ ଗୁଳି ବିନିମୟରେ ଅତିକମରେ ୪୦ ଜଣଙ୍କର ମୃତ୍ୟୁ ହୋଇସାରିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ଏହାର ଜବାବରେ ହେଜବୁଲ୍ଲା ପକ୍ଷରୁ ଡ୍ରୋନ୍ ଏବଂ ଗାଇଡେଡ୍ ମିସାଇଲ୍ ମାଧ୍ୟମରେ ଇସ୍ରାଏଲର ସାମରିକ ଗାଡ଼ିଗୁଡ଼ିକୁ ଟାର୍ଗେଟ କରାଯାଉଛି । ଅସ୍ତ୍ରବିରତି ସଂପୂର୍ଣ୍ଣ ଭଙ୍ଗୁର ହୋଇଥିବା ବେଳେ କୌଣସି ଏହାକୁ ସମ୍ମାନ ଦେଉନଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି ।ଏହି ସ୍ଥିତିରେ କତରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଜେଦ୍ଦାରେ ଅନୁଷ୍ଠିତ ଜିସି ବୈଠକରେ କତରର ଅମୀର ଯୋଗଦେଇ ଚେତାବନୀ ଦେଇଛନ୍ତି ଯେ ଏହାକୁ ଏକ 'ଫ୍ରୋଜନ୍ କନଫ୍ଲିକ୍ଟ' ବା ସ୍ଥାୟୀ ସଂଘର୍ଷରେ ପରିଣତ ହେବାକୁ ଦିଆଯିବା ଉଚିତ ନୁହେଁ ।

# ଅଷ୍ଟମ ବେତନ ଆୟୋଗର ୩ ଦିନିଆ ଆଲୋଚନା ଆରମ୍ଭ

ନୂଆଦିଲ୍ଲୀ: ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗର ୩ ଦିନିଆ ଆଲୋଚନା ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି । କର୍ମଚାରୀ ସଂଘଗୁଡ଼ିକ ସହ ଆୟୋଗ ଆଲୋଚନା କରିବ । କର୍ମଚାରୀମାନଙ୍କ ବେତନ, ଭତ୍ତା, ପେନସନ୍ ଏବଂ ଫିଟ୍‌ମେଣ୍ଟ୍ ଫାକ୍ଟର ଆଦି ଉପରେ ଆଲୋଚନା ହେବ ।

ଆଲୋଚନାରେ ଭାଗ ନେବାକୁ ଅନେକ ସଂଘ ଆଗ୍ରହ ପ୍ରକାଶ କରିଛନ୍ତି । କିନ୍ତୁ ସମୟର ସ୍ୱଳ୍ପତା ଦୃଷ୍ଟିରୁ ସବୁ ସଂଘକୁ ଆଲୋଚନା ପାଇଁ ଅନୁମତି ମିଳି ନପାରେ । ଆଗାମୀ ଦିନରେ ଆୟୋଗ ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବ । ଆୟୋଗ ଏହାର ସୁପାରିସ ପ୍ରଦାନ କରିବା ପୂର୍ବରୁ ଯଥାସମ୍ଭବ ଅଧିକରୁ ଅଧିକ ଅଂଶୀଦାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଫିଟ୍‌ମେଣ୍ଟ୍ ଫାକ୍ଟର ରହିବ । କାରଣ ବେତନ ବୃଦ୍ଧି ଉପରେ ଏହାର ବଡ଼ ପ୍ରଭାବ ରହିଛି । କର୍ମଚାରୀ ସଂଘଗୁଡ଼ିକ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟରକୁ ୩.୨୫ କିମ୍ବା ତା'ଠାରୁ ଅଧିକ ରଖିବା ପାଇଁ ଦାବି କରି ଆସୁଛନ୍ତି । ଉଲ୍ଲେଖଯୋଗ୍ୟ, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି । ଅର୍ଥନୀତିଜ୍ଞ ପୁଲକ ଘୋଷ ଏବଂ ପଙ୍କଜ ଜୈନ ସଦସ୍ୟ ସଚିବ ରହିଛନ୍ତି ।

# ଟିସିଏସ୍ ନାସିକ ମାମଲା : ଚେର ଲମ୍ବିଛି ମାଲେଗାଓଁରୁ ମାଲେସିଆ

ମୁମ୍ବାଇ: ନାସିକର ଏକ ଟିସିଏସ୍ କାର୍ଯ୍ୟାଳୟରେ ଧାର୍ମିକ ଭାବନାକୁ ଆଘାତ ଦେବା ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ ଉଦ୍ୟମ କରିବା ଅଭିଯୋଗ ମାମଲା ଏକ ନୂତନ ମୋଡ଼ ନେଇଛି । ସରକାରୀ ଆଇନଜୀବୀମାନେ ନାସିକର କୋର୍ଟକୁ କହିଛନ୍ତି ଯେ, ମୁଖ୍ୟ ଅଭିଯୁକ୍ତ ନିଦା ଖାନଙ୍କ ବିରୋଧରେ ଅତିରିକ୍ତ ପ୍ରମାଣ ଅଛି । ଫଳରେ ମାମଲା ଏବେ ମାଲେଗାଓଁରୁ ମାଲେସିଆ ପର୍ଯ୍ୟନ୍ତ ପହଞ୍ଚି ଗଲାଣି । ଖାନଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରୁଥିବା କୋର୍ଟରେ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଅଜୟ ମିଶ୍ର କହିଥିଲେ ଯେ, ଖାନ ଅଭିଯୋଗକାରୀଙ୍କ ମଧ୍ୟରୁ ଜଣଙ୍କୁ ଧାର୍ମିକ ଶିକ୍ଷା ଦେଇ ଇସଲାମ ଗ୍ରହଣ କରିବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିବା ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ପ୍ରମାଣ ସଂଗ୍ରହ କରିଛି । ସେ କହିଛନ୍ତି ଯେ, ଅଭିଯୋଗକାରୀଙ୍କୁ ବୁର୍ଖା ଦିଆଯାଇଥିଲା ଏବଂ ଧାର୍ମିକ ଅଭ୍ୟାସ ସହିତ ପରିଚିତ କରାଯାଇଥିଲା, ଯେଉଁଥିରେ ତାଙ୍କୁ ଏକ ପୁସ୍ତକ ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ଫୋନରେ ଧାର୍ମିକ ଶିକ୍ଷା ଆପ୍ ସଂସ୍ଥାପିତ କରାଯାଇଥିଲା ।

ଅଭିଯୋଗକାରୀଙ୍କ ଅନୁଯାୟୀ, ଖାନ ଅଭିଯୋଗକାରୀଙ୍କୁ ତାଙ୍କ ଘରକୁ ନେଇଯାଉଥିଲେ ଏବଂ ତାଙ୍କୁ ନମାଜ ପାଠ କରିବା ଏବଂ ହିଜାବ ତଥା ବୁର୍ଖା ପିନ୍ଧିବା ଶିଖାଉଥିଲେ । ଅଭିଯୋଗକାରୀଙ୍କ ନାମକୁ 'ହାନିଆ' କରିବା ପାଇଁ ଯୋଜନା ମଧ୍ୟ ଥିଲା ବୋଲି ଅଭିଯୋଗ ହୋଇଛି । ତଦନ୍ତକାରୀମାନେ ତାଙ୍କ ଫୋନ୍‌ରେ ଇସଲାମିକ୍ ରିଲ୍, ୟୁଟ୍ୟୁବ୍ ଲିଙ୍କ୍ ଏବଂ ଇନଷ୍ଟାଗ୍ରାମ୍ ପୋଷ୍ଟ ପାଇଥିବା ଜଣାପଡ଼ିଛି । ସରକାରୀ ଆଇନଜୀବୀ କହିଛନ୍ତି, ମାମଲାର ପରିସର ନାସିକ ବାହାରେ ବିସ୍ତାରିତ ହୋଇ ଏବେ ମାଲେଗାଓଁ ଏବଂ ମାଲେସିଆ ସହିତ ଏହାର ଲିଙ୍କ୍ ଥିବା ପ୍ରକାଶ ପାଇଛି । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ, ସହ-ଅଭିଯୁକ୍ତ ଦାନିଶ୍ ଶେଖ ଅଭିଯୋଗକାରୀଙ୍କ ଶିକ୍ଷାଗତ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ନିଜ କବଜାକୁ ନେଇଯାଇଥିଲେ, ଯାହା ଯୋଜନାର ଅଂଶ ସ୍ୱରୂପ ମାଲେଗାଓଁର ଏକ ଦଳକୁ ହସ୍ତାନ୍ତର କରାଯିବାର ଥିଲା । ପବ୍ଲିକ ପ୍ରସିକ୍ୟୁସନ ପକ୍ଷରୁ ଆହୁରି ଦାବି କରାଯାଇଛି ଯେ, ଅଭିଯୁକ୍ତମାନେ ଇମ୍ରାନ ନାମକ ଜଣେ




ବ୍ୟକ୍ତିଙ୍କ ମାଧ୍ୟମରେ ଅଭିଯୋଗକାରୀଙ୍କୁ ଚାକିରି ପାଇଁ ମାଲେସିଆ ପଠାଇବାକୁ ପ୍ରସ୍ତୁତ ହେଉଥିଲେ । ଏହି ଅଭିଯୋଗ କରାଯାଇଥିବା ଷଡ଼ଯନ୍ତ୍ର ପଛରେ କୌଣସି ଆର୍ଥିକ ସହାୟତା ଥିଲା କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଜାରି ରହିଛି । ଆଇନଜୀବୀ କୋର୍ଟକୁ ଜଣାଇଥିଲେ ଯେ, ନିଦା ଖାନ ବର୍ତ୍ତମାନ ଫେରାର ଅଛନ୍ତି ଏବଂ ଅଧିକ ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଛି କି ନାହିଁ ତାହା ଜାଣିବା ପାଇଁ ତାଙ୍କ ମୋବାଇଲ୍ ଫୋନ୍ ଜବତ କରାଯିବା ଆବଶ୍ୟକ । ସେ ଯୁକ୍ତି ଦେଇଛନ୍ତି, ଜାମିନ ପ୍ରଦାନ କରିବା ଦ୍ୱାରା ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି । କୋର୍ଟ ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସୁରକ୍ଷା ପ୍ରଦାନ କରିନାହାନ୍ତି ଏବଂ ପୁଲିସ ତାଙ୍କୁ ଗିରଫ କରିପାରେ ।

# ମମତା ବାନାର୍ଜୀଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ: ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବୋଲି ଅଭିଯୋଗ କରି ଶାସକ ଟିଏମ୍‌ସି ଦଳ ସଦ୍ୟ ବିବାଦ ସୃଷ୍ଟି କରିଛି । ବିଜେପି ରାଜ୍ୟକୁ 'ଗୋଲି ମାରୋ' ଏବଂ ' ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି ବୋଲି ଟିଏମ୍‌ସି ଅଭିଯୋଗ କରିଛି । ଉଲ୍ଲେଖଯୋଗ୍ୟ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାରେ ଏକ ଚଢ଼ଉ ସମୟରେ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ଜଣେ ପୁଲିସ ପର୍ଯ୍ୟବେକ୍ଷକ ଅଜୟ ପାଲ୍ ଶର୍ମା ଜଣେ ଟିଏମ୍‌ସି ପ୍ରାର୍ଥୀ ଜାହାଙ୍ଗିର ଖାନ୍‌ଙ୍କୁ ଚେତାବନୀ ଦେବାର ଭିଡିଓ ଭାଇରାଲ୍ ହେବାପରେ ଏହି ସଦ୍ୟ ବିବାଦ ଉପୁଜିଛି । ଏକ୍ସରେ ଏକ ପୋଷ୍ଟ୍ କରି ଟିଏମ୍‌ସି କହିଛି ଯେ ଦୁଷ୍କର୍ମ ଧମକ ପରେ ବିଜେପି ଏବେ ମମତା ବାନାର୍ଜୀଙ୍କ ବିରୋଧରେ ଖୋଲା ହତ୍ୟା ଧମକ ଦେଉଛି । ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନ୍‌ଙ୍କୁ ଟାର୍ଗେଟ୍ କରି ଟିଏମ୍‌ସି କହିଛି ଯେ ନିର୍ବାଚନ କମିସନ୍ ଏବେ ନିରବଦ୍ରଷ୍ଟା ସାଜିଛନ୍ତି ।ବିଜେପି ପଶ୍ଚିମବଙ୍ଗ ପାଇଁ ଏହି ପରିବର୍ତ୍ତନ ଆଣିଛି । ବିଜେପି ପଶ୍ଚିମବଙ୍ଗକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି । ଦଳ ବିଜେପି ଜାତୀୟ ମୁଖପାତ୍ର ଆଲୋକ ଅଜୟଙ୍କର ଏକ ପୋଷ୍ଟ୍‌କୁ ଦର୍ଶାଇ ବିଜେପି ମମତାଙ୍କୁ ହତ୍ୟା ଧମକ ଦେଇଥିବା କହିଛି । ଆଲୋକ ଏକ ପୋଷ୍ଟ୍ କରି କହିଥିଲେ ଯେ, ଯଦି ଆପଣ ଆମକୁ ଭୟଭୀତ କରିବାକୁ ଚେଷ୍ଟା କରିବେ ଆପଣଙ୍କୁ ଗୁଳି କରାଯିବ ଦିଦି' ।

## କାର୍ତ୍ତି ଚିଦମ୍ବରମ ମାମଲା

# ଶୁଣାଣିରୁ ଓହରିଲେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା

ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ମଙ୍ଗଳବାର କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମଙ୍କ ଏକ ଆବେଦନର ଶୁଣାଣିରୁ ଓହରି ଯାଇଛନ୍ତି । ଏହି ଆବେଦନରେ କାର୍ତ୍ତି ଚିଦମ୍ବରମ୍ ଭାରତରେ ଏକ ବ୍ରିଟିସ କମ୍ପାନିର ହ୍ୱିସ୍କିର ଶୁଳ୍କମୁକ୍ତ ବିକ୍ରୟ ଉପରେ ଲାଗିଥିବା ନିଷେଧାଦେଶ ହଟାଇବାରେ ସାହାଯ୍ୟ କରିଥିବା ନେଇ ସିବିଆଇର ଏଫ୍‌ଆଇଆର୍‌କୁ ଖାରଜ କରିବାକୁ ଅନୁରୋଧ କରିଛନ୍ତି । ଜଷ୍ଟିସ୍ ଶର୍ମା ଶୁଣାଣିରୁ ଓହରିବାର କାରଣ ଦର୍ଶାଇ ନାହାନ୍ତି ।କାର୍ତ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ପ୍ରାୟ ସାତବର୍ଷ ଧରି ପ୍ରାଥମିକ ତଦନ୍ତ କରିବା ସତ୍ତ୍ୱେ ସିବିଆଇ ତାଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା କୌଣସି ସରକାରୀ କର୍ମଚାରୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଛି । ସେ ଆହୁରି କହିଛନ୍ତି ଯେ ତାଙ୍କୁ କେବେବି ତଦନ୍ତରେ ଯୋଗଦେବାକୁ ଡକାଯାଇ ନାହିଁ କିମ୍ବା ଶୁଣାଣିର ସୁଯୋଗ ଦିଆଯାଇ ନାହିଁ ।ତେଣେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଆପ୍ ନେତା ମନିଷ ସିସୋଦିଆ ଦିଲ୍ଲୀ ଅବକାରୀ ନୀତି ମାମଲାରେ ସିବିଆଇର ଆବେଦନରେ ଜଷ୍ଟିସ୍ ଶର୍ମାଙ୍କ ନିକଟରେ ଶୁଣାଣିରେ ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ଆହ୍ଲାବାଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ

ଲକ୍ଷ୍ନୌ : କୋର୍ଟ କହିଛନ୍ତି, ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ସହମତିରେ ଦୀର୍ଘକାଳୀନ ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ କୁହାଯାଇପାରିବ ନାହିଁ । ଆହ୍ଲାବାଦ ହାଇକୋର୍ଟ ଏକ ଦୁଷ୍କର୍ମ ମାମଲାର ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ମଞ୍ଜୁର କରିବା ସହ କୋର୍ଟ ଏହି ରାୟ ଦେଇଛନ୍ତି । ଆହ୍ଲାବାଦ ହାଇକୋର୍ଟର ବିଚାରପତି ରାଜୀବ ଲୋଚନ ଶୁକ୍ଲାଙ୍କ ଏକକ ଖଣ୍ଡପୀଠ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ପ୍ରଦାନ କରି କହିଛନ୍ତି ଯେ, ସେ ପୁଲିସ ତଦନ୍ତରେ ସହଯୋଗ କରିବେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ଏହି ରାୟ ଦେଇଛନ୍ତି ।

ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ପୀଡିତା ତାଙ୍କ ବିରୋଧରେ ଫୌଜଦାରୀ ପ୍ରକ୍ରିୟା ସଂହିତା (ସିଆର୍‌ପିସି) ର ବିଭିନ୍ନ ଧାରା ଅନୁଯାୟୀ



ଏଫ୍‌ଆଇଆର୍ ଦାୟର କରିବା ପରେ ଅଭିଯୁକ୍ତ ଆହ୍ଲାବାଦ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଜମଗଡ଼ର ସିଧାରି ପୁଲିସ ଷ୍ଟେସନରେ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା ଅନୁଯାୟୀ ଏଫଆଇଆର ଦାୟର ହେବା ପରେ ଅଭିଯୁକ୍ତ ଆବେଦନକାରୀ ଗିରଫଦାରୀ ଏଡାଇବା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ଶୁଣାଣି ସମୟରେ, ଆବେଦନକାରୀଙ୍କ ଆଇନଜୀବୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଆବେଦନକାରୀଙ୍କୁ ବଳାତ୍କାର ମାମଲାରେ ମିଥ୍ୟା ଭାବରେ ଫସାଇ ଦିଆଯାଇଛି । ସେ କୋର୍ଟରେ ତାଙ୍କର ଯୁକ୍ତି ଉପସ୍ଥାପନ କରିଥିଲେ । ସମସ୍ତ ତଥ୍ୟକୁ ଆଧାର କରି, କୋର୍ଟ କହିଛନ୍ତି ଯେ ସହମତିରେ ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ଦୀର୍ଘକାଳୀନ ଶାରୀରିକ ସମ୍ପର୍କକୁ ଦୁଷ୍କର୍ମ ବୋଲି ବିବେଚନା କରାଯାଇପାରିବ ନାହିଁ ।

# ବନତାରାରେ ଆଜୀବନ ଅବସ୍ଥାନ କରିବେ କଲମ୍ବିଆ ଜଳହସ୍ତୀ

ଜାମନଗର : ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ମେଗଡାଲିୟାନା ନଦୀ ଉପତ୍ୟକାରେ ବାସ କରୁଥିବା ୮୦ ଜଳହସ୍ତୀଙ୍କୁ ହତ୍ୟା କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶ୍ୱର ସର୍ବବୃହତ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଅନ୍ୟତମ 'ବନତାରା'ର ପ୍ରତିଷ୍ଠାତା ଅନନ୍ତ' ମୁକେଶ ଅମ୍ବାନୀ କଲମ୍ବିଆ ସରକାରଙ୍କୁ ଏହି ଜଳହସ୍ତୀଙ୍କ ଜୀବନ ରକ୍ଷା କରିବାକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି । ସେ ଏକ ମାନବୀୟ ବିକଳ୍ପ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରାଣୀମାନଙ୍କୁ ସୁରକ୍ଷିତ ଏବଂ ବୈଜ୍ଞାନିକ ଉପାୟରେ ଗୁଜୁରାଟର ଜାମନଗରସ୍ଥିତ 'ବନତାରା'କୁ ପଠାଯାଉ, ଯେଉଁଠାରେ ସେମାନଙ୍କୁ ଏକ ସ୍ଥାୟୀ ବାସସ୍ଥାନ ମିଳିପାରିବ । କଲମ୍ବିଆର ପରିବେଶ ମନ୍ତ୍ରୀ ଇରେନ୍ ଭେଲେଜ୍ ଟୋରେସଙ୍କୁ ଲିଖିତ ଏକ ଚିଠିରେ ଏହି ଅନନ୍ତ ଅମ୍ବାନୀ ଏହି ଅପିଲ କରିଛନ୍ତି । ଚିଠିରେ କଲମ୍ବିଆ କର୍ତ୍ତୃପକ୍ଷଙ୍କ ତ୍ୱାବଧାନ ଏବଂ ଅନୁମୋଦନ ସହିତ ପୂର୍ଣ୍ଣ ସହାୟତା ପ୍ରଦାନ କରାଯିବା ନେଇ ଉଲ୍ଲେଖ କରାଯାଇଛି । ଏହି ପ୍ରସ୍ତାବ



ପ୍ରାଣୀ କଲ୍ୟାଣ ପ୍ରତି ଅନ" ଅମ୍ବାନୀଙ୍କ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯେଉଁ ପ୍ରତିବଦ୍ଧତା ଯାହା ପାଇଁ ତାଙ୍କୁ ନିକଟରେ 'ଗ୍ଲୋବାଲ୍ ହ୍ୟୁମେନ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା । ସେ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସବୁଠାରୁ କମ୍ ବୟସ୍କ ବ୍ୟକ୍ତି ଏବଂ ଏସିଆର ପ୍ରଥମ । ଅନନ୍ତ ଅମ୍ବାନୀ କହିଛନ୍ତି, "ଏହି ୮୦ ଜଳହସ୍ତୀ ହେଉଛନ୍ତି ସମ୍ବେଦନଶୀଳ ପ୍ରାଣୀ ଯେଉଁମାନେ ବଦଳୁଥିବା ପରିସ୍ଥିତିର ଶିକାର ହୋଇଛନ୍ତି । ଯଦି ଆମେ ସେମାନଙ୍କୁ ସୁରକ୍ଷିତ ଏବଂ ମାନବୀୟ ଉପାୟରେ ଉଦ୍ଧାର କରିବାର କ୍ଷମତା ରଖୁ, ତେବେ ଏହା କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିବା ଆମର ଦାୟିତ୍ୱ ।" ବନତାରା କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ଯୋଜନା ଦାଖଲ କରିଛି, ଯେଉଁଥିରେ ପଶୁଚିକିତ୍ସା ବିଶେଷଜ୍ଞଙ୍କ ଏକ ଦଳ ନିୟୋଜନ, ସୁରକ୍ଷିତ ପରିବହନ ବ୍ୟବସ୍ଥା କରିବା, ଜୈବ ସୁରକ୍ଷା ପ୍ରୋଟୋକଲ ଏବଂ ସେମାନଙ୍କ ପ୍ରାକୃତିକ ପରିବେଶ ଅନୁରୂପ ଏକ ବାସସ୍ଥାନ ପ୍ରଦାନ କରିବା ଅ"ର୍ଭୁକ୍ତ ରହିଛି । ଅନ" ଅମ୍ବାନୀ ଆହୁରି କହିଛନ୍ତି, "କରୁଣା ଏବଂ ପ୍ରାଣୀ ଜୀବନର ସଂରକ୍ଷଣ ପରସ୍ପର ବିରୋଧୀ ନୁହେଁ । ସଠିକ୍ ବୈଜ୍ଞାନିକ ଚିନ୍ତାଧାରା ଏବଂ ଏକ ଯୋଜନାବଦ୍ଧ ପଦ୍ଧତି ସହିତ କାର୍ଯ୍ୟ କରି, ସ୍ଥାନୀୟ ସମୁଦାୟ ଏବଂ ପ୍ରକୃତିକୁ ସୁରକ୍ଷା ଦେବା ସହିତ ପ୍ରାଣୀମାନଙ୍କୁ ମଧ୍ୟ ରକ୍ଷା କରିବା ସମ୍ଭବ ଅଟେ । ବନତାରା ନିକଟରେ ଏହି କାର୍ଯ୍ୟକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ବିଶେଷଜ୍ଞତା ଏବଂ ଭିତ୍ତିଭୂମି ଉପଲବ୍ଧ ରହିଛି ।" ବନତାରା ଆନୁଷ୍ଠାନିକ ଭାବରେ ଅନୁରୋଧ କରିଛି ଯେ ଏହି ବିକଳ୍ପ ଉପରେ ପୂର୍ଣ୍ଣଭାବରେ ବିଚାର ହେବା ପର୍ଯ୍ୟନ୍ତ ପ୍ରାଣୀମାନଙ୍କୁ ହତ୍ୟା କରିବାର ନିଷ୍ପତ୍ତିକୁ ସ୍ଥଗିତ ରଖାଯାଉ । ଏହା ବ୍ୟତୀତ, ବନତାରା କଲମ୍ବିଆ କର୍ତ୍ତୃପକ୍ଷଙ୍କ ସହିତ ସିଧାସଳଖ ଯୋଡି ହୋଇ ଏକ ବ୍ୟାପକ ବୈଜ୍ଞାନିକ, କାର୍ଯ୍ୟକ୍ଷମ ଏବଂ କଲ୍ୟାଣକାରୀ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଏହି ପ୍ରସ୍ତାବ ବନତାରାର ମୂଳ ଦର୍ଶନ 'ପ୍ରତ୍ୟେକ ଜୀବ ଅମୂଲ୍ୟ' କୁ ପ୍ରତିଫଳିତ କରୁଛି । ଏହା ବନ୍ୟପ୍ରାଣୀ ସମ୍ବନ୍ଧୀୟ ଜଟିଳ ବିଶ୍ୱ ଚ୍ୟାଲେଞ୍ଜର ବ୍ୟାପକ ଭାବରେ ବିଜ୍ଞାନ-ଆଧାରିତ ସମାଧାନ ପ୍ରଦାନ କରିବାରେ ଭାରତର ଉଦୀୟମାନ ଭୂମିକାକୁ ମଧ୍ୟ ରେଖାଙ୍କିତ କରୁଛି । ଏହି ଯୋଜନାର ଯେକୌଣସି କାର୍ଯ୍ୟାନ୍ୱୟନ କଲମ୍ବିଆ ଏବଂ ଭାରତ ସରକାରଙ୍କ ଆବଶ୍ୟକୀୟ ଅନୁମୋଦନ ଏବଂ ସମ୍ବନ୍ଧିତ ଅ"ର୍ଜାତୀୟ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିବା ପରେ ହିଁ କରାଯିବ ।

**ଆଇପିଏଲ ମହାସମର**

# ପଞ୍ଜାବ ବିଜୟରେ ବ୍ରେକ୍ ଲଗାଇଲା ରାଜସ୍ଥାନ

ନ୍ୟୁଚଣ୍ଡିଗଡ, ୨୮।୪(ଏଜେନ୍ସି) : ଆଇପିଏଲର ୪୦ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ଭେଟିଛି ପଞ୍ଜାବ କିଙ୍ଗସ୍। ନ୍ୟୁଚଣ୍ଡିଗଡରେ ଖେଳାଯାଇଥିବା ଏହି ମ୍ୟାଚରେ ପଞ୍ଜାବ କିଙ୍ଗସ ୨୨୩ ରନର ବିଜୟ ଲକ୍ଷ୍ୟ ରାଜସ୍ଥାନ ପାଇଁ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ୪ ଟି ବଲ ପୂର୍ବରୁ ରାଜସ୍ଥାନ ଲକ୍ଷ୍ୟ ହାସଲ କରିନେଇଥିଲା। ୬ ୱିକେଟରେ ମ୍ୟାଚ ଜିତି ରାଜସ୍ଥାନ ରୟାଲ୍ସ ଘରୋଇ ପଞ୍ଜାବ କିଙ୍ଗସର ବିଜୟ ଧାରାରେ ବ୍ରେକ୍ ଲଗାଇଛି। ପଞ୍ଜାବ କିଙ୍ଗସ୍‌ର ମାର୍କସ ଷ୍ଟୋଇନିସଙ୍କ ରନ ବର୍ଷା ସାଙ୍ଗକୁ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଇତିହାସ ରଚିଛନ୍ତି। ପଞ୍ଜାବ ୨୦ ଓଭରରେ ୪ ୱିକେଟ ହରାଇ ୨୨୨ ରନ କରିଥିଲା। ପ୍ରଭସିମରନ ସିଂ ଓ ମାର୍କସ ଷ୍ଟୋଇନିସ ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବ୍‌ରେ ରାଜସ୍ଥାନ ରୟାଲ୍ସ ୧୯.୨ ୪ ୱିକେଟ ହରାଇ ୨୨୮ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା।

ପଞ୍ଜାବ ପାଇଁ ପ୍ରିୟଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂ ଇନିଂସ ଓପନ କରିଥିଲେ। ଶେଷ ଓଭରରେ ମାର୍କସ ଷ୍ଟୋଇନିସଙ୍କ ବିସ୍ଫୋରକ ପ୍ରଦର୍ଶନ ଯୋଗୁଁ ପଞ୍ଜାବ ୨୦୦ ରନ ଅତିକ୍ରମ କରିବାକୁ ସକ୍ଷମ ହୋଇଥିଲା। ଶେଷ ୩ ଓଭରରେ ଦଳ ୫୫ ରନ କରିଥିଲା। ଷ୍ଟୋଇନିସ ୨୦ ବଲରେ ଅର୍ଦ୍ଧଶତକ ପୂରଣ କରିବା ସହ ୬୨ ରନର ଏକ ଧମାକାଦାର ଇନିଂସ ଖେଳିଥିଲେ। ପ୍ରିୟଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂ ୧୭ ବଲରେ ୩୭ ରନ ଯୋଡିଥିଲେ। ପ୍ରିୟଂଶ ୧୧ ବଲରୁ ୨୯ ରନ କରି ଆଉଟ୍ ହୋଇଥିଲେ। ପ୍ରଭସିମରନ ୫୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ପୂର୍ବରୁ ବି ପ୍ରଭସିମରନ ତାଙ୍କ ଶେଷ ୫ ଇନିଂସରେ ୪ ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଫଳରେ ସେ ଚଳିତ ସିଜନରେ ମୋଟ ୨୬୬ ରନ କରିସାରିଲେଣି।

ଦଳ ପାଇଁ କୁପର କନୋଲି ୩୦ ରନ ଯୋଗଦାନ ଦେଇଥିଲେ। ଅଧିନାୟକ ଶ୍ରେୟାସ ଆୟର ମଧ୍ୟ ସମାନ ସ୍କୋର କରିଥିଲେ। ୱିକେଟ ପତନ ପରେ ଗୋଟିଏ ସମୟରେ ପଞ୍ଜାବ କିଙ୍ଗସ ପାଇଁ ୨୦୦ ରନରେ ପହଞ୍ଚିବା ଅସମ୍ଭବ ମନେ ହେଉଥିଲା। ପଞ୍ଜାବ ୧୫ ଓଭରରେ ୧୫୦ ରନ କରିଥିଲା। ପରବର୍ତ୍ତୀ ୨ ଓଭରରେ କେବଳ ୧୭ ରନ ହୋଇଥିଲା। ରନ ହାର ମନ୍ଥର ହୋଇଥିଲା। ତେଣୁ ପଞ୍ଜାବ ପାଇଁ ୨୦୦ ରନ ଛୁଇଁବା କଷ୍ଟକର ଥିଲା। ଏଭଳି



ସମୟରେ ମାର୍କଶ ଷ୍ଟୋଇନିସଙ୍କ ଚୌକା -ଛକା ବର୍ଷା ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲା। ଷ୍ଟୋଇନିସ ମାତ୍ର ୨୨ ବଲରେ ୬୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଯେଉଁଥିରେ ୪ ଚୌକା ଓ ୬ ଟି ଛକା ସାମିଲ ଥିଲା । ଶେଷ ଓଭର ବୋଲିଂ କରିବାକୁ ଆସିଥିବା ବ୍ରିଜେସ୍ ଶର୍ମାଙ୍କ ଓଭରରେ ଷ୍ଟୋଇନିସ ୨୪ ରନ ସଂଗ୍ରହ କରିଥିଲେ।

ରାଜସ୍ଥାନ ରୟାଲ୍ସର ଜୋଫ୍ରା ଆର୍ଚର ପାୱାର ପ୍ଲେରେ ସର୍ବାଧିକ ୱିକେଟ୍ ନେବାରେ କାଗିସ ରବାଡାଙ୍କ ସମକକ୍ଷ ହୋଇଛନ୍ତି। ଆର୍ଚର ୨୦୨୬ରେ ଏପର୍ଯ୍ୟନ୍ତ ପାୱାର ପ୍ଲେରେ ୯ ୱିକେଟ ନେଇଛନ୍ତି। ପ୍ରିୟଂଶ ଆର୍ଯ୍ୟଙ୍କୁ ଆଉଟ୍ କରି ରବାଡାଙ୍କ ରେକର୍ଡର ସମକକ୍ଷ ହୋଇଥିଲେ।

ରାଜସ୍ଥାନ ରୟାଲ୍ସ ୨୨୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା। ସବୁବେଳେ ଚର୍ଚ୍ଚାରେ ଥିବା ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ବି ବିସ୍ଫୋରକ ଇନିଂସ ଖେଳିଥିଲେ। ୩.୨ ବଲରେ ଦଳୀୟ ସ୍କୋର ୫୧ ରନରେ ପହଞ୍ଚିଯାଇଥିଲା। ବୈଭବ ମାତ୍ର ୧୬ ବଲର ସମ୍ମୁଖୀନ ହୋଇ ୩ ଟି ଚୌକା ଓ ୫ ଟି ଛକା ସହାୟତାରେ ୪୩ ରନ ସଂଗ୍ରହ କରିଥିଲେ। ଦ୍ରୁତ ବୋଲର ଅର୍ଶଦୀପ ସିଂ ତାଙ୍କୁ ଆଉଟ୍ କରି ଓପନିଂ ଯୋଡି ଭାଙ୍ଗିଥିଲେ। ବୈଭବଙ୍କ ଏହି ଇନିଂସରେ ଚୌକା -ଛକାରୁ ୪୨ ରନ ସଂଗ୍ରହ ହୋଇଥିଲା। ସେ ଗୋଟିଏ ସିଙ୍ଗଲ ରନ ନେଇଥିଲେ। ଯଶସ୍ୱୀ ଜୟସ୍ୱାଲ ୨୭ ବଲରୁ ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୫୧ ରନ କରିଥିଲେ। ଧ୍ରୁବ ଜୁରେଲ ୨୦ ବଲରୁ ୧୬ ଏବଂ ଅଧିନାୟକ ରିୟାନ ପରାଗ ୧୬ ବଲରୁ ୨୯ ରନ କରିଥିଲେ। ରାଜସ୍ଥାନ ରୟାଲ୍ସ ୧୪ ଓଭରରେ ୪ ୱିକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଏହାପରେ ଆଉ ୱିକେଟ ଝଡିବାକୁ ଦେଇନଥିଲେ ଡୋନୋଭାନ ଫେରେଇରା ଓ ଶୁଭମ୍ ଦୁବେ। ଫେରେଇରା ୬ ଟି ଚୌକା ଓ ୩ ଟି ଛକା ସହାୟତାରେ ୨୬ ବଲରୁ ଅପରାଜିତ ୫୨ ରନ କରିଥିଲେ। ଦୁବେ ୧୨ ବଲରୁ ୩୧ ରନ କରି ଦଳ ବିଜୟରେ ଯୋଗଦାନ ଦେଇଥିଲେ। ପଞ୍ଜାବର ଯୁଜବେନ୍ଦ୍ର ଚହଲ ସର୍ବାଧିକ ୩ ୱିକେଟ ସଫଳତା ହାସଲ କରିଥିଲେ। ପରାଜୟ ସତ୍ତ୍ୱେ ପଞ୍ଜାବ କିଙ୍ଗସ ୮ ମ୍ୟାଚରୁ ୧୩ ପଏଣ୍ଟ ହାସଲ କରି ଟେବୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜସ୍ଥାନ ରୟାଲ ୯ ମ୍ୟାଚରୁ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି।

## ଆଜିର ମ୍ୟାଚ

* ମୁମ୍ବାଇ - ସନରାଇଜର୍ସ
* ସ୍ଥାନ - ୱାଙ୍ଖେଡେ
* ସମୟ - ରାତି ୭.୩୦
* ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୧୨ |
| ରାଜସ୍ଥାନ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୮ | ୫ | ୩ | ୧୦ |
| ଗୁଜରାଟ | ୮ | ୪ | ୪ | ୮ |
| ଚେନ୍ନାଇ | ୮ | ୩ | ୫ | ୬ |
| ଦିଲ୍ଲୀ | ୮ | ୩ | ୫ | ୬ |
| କୋଲକାତା | ୮ | ୨ | ୫ | ୫ |
| ମୁମ୍ବାଇ | ୭ | ୨ | ୫ | ୪ |
| ଲକ୍ଷ୍ନୌ | ୮ | ୨ | ୬ | ୪ |

# କୁନି ପ୍ରଶଂସକଙ୍କ ହୃଦୟ ଭାଙ୍ଗିଲେ ବିରାଟ

ମୁମ୍ବାଇ, ୨୮।୪ (ଏଜେନ୍ସି) : ଗତ ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୯ ୱିକେଟରେ ବିଜୟ ହାସଲ କରିଥିଲା। ତେଣୁ ଦଳ ଏବେ ପ୍ଲେ ଅଫ ସ୍ଥାନ ପାଇଁ ଦୃଢ ଦାବିଦାର ପାଲଟିଛି। ଏହି ମ୍ୟାଚରେ ଅଳ୍ପ ରନ ହୋଇଥିଲେ ବି ବିରାଟ କୋହଲିଙ୍କ ପ୍ରଭାବଶାଳୀ ଇନିଂସ ଦେଖିବାକୁ ମିଳିଥିଲା। ବିରାଟ ଏହି ସିଜନରେ ଏପର୍ଯ୍ୟନ୍ତ ଭଲ ଫର୍ମରେ ଅଛନ୍ତି। ମ୍ୟାଚ ପରେ କୋହଲି ହୋଟେଲ ପହଞ୍ଚିବା ସମୟରେ ଏମିତି କିଛି କରିଛନ୍ତି ଯାହା ଜଣେ କୁନି ପ୍ରଶଂସକଙ୍କୁ ଆଘାତ ଦେଇଛି। ସ୍ଥିତି ଏମିତି ହୋଇଥିଲା ଯେ କୁନି ପିଲାଟି ବ୍ୟାଟ ଫିଙ୍ଗି ଦେଇଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଜୋରଦାର ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଆରସିବି ରହୁଥିବା ହୋଟେଲ ବାହାରେ ଜଣେ କୁନି ପିଲା ହାତରେ ବ୍ୟାଟ ଧରି ବିରାଟଙ୍କୁ ଅପେକ୍ଷା କରିଥିଲେ। ବାରମ୍ବାର ବିରାଟ କୋହଲିଙ୍କୁ ଅଟୋଗ୍ରାଫ ପାଇଁ ଡାକୁଥିବାର ଦେଖାଯାଇଥିଲା। କୋହଲି ଦଳର ଅନ୍ୟ ସଦସ୍ୟଙ୍କ ସହିତ କଡା ସୁରକ୍ଷା ମଧ୍ୟରେ ହୋଟେଲରେ ପ୍ରବେଶ କରିଥିଲେ। ପିଲାଟି ଯେତେ ଡାକିଲେ ମଧ୍ୟ କୋହଲି ଅଟୋଗ୍ରାଫ ନଦେଇ ଆଗକୁ ଚାଲିଯାଇଥିଲେ। କୋହଲି ହେଡ୍ ଫୋନ ଲଗାଇଥିଲେ, ହୁଏତ କୁନି ପ୍ରଶଂସକଙ୍କ ଡାକ ତାଙ୍କୁ ଶୁଣାଯାଇନଥିଲା। ତେବେ କୁନି ପ୍ରଶଂସକଜନକ ରାଗରେ ବ୍ୟାଟ ଫିଙ୍ଗିଦେଇଥିଲେ। ସେ କାନ୍ଦୁଥିବାର ମଧ୍ୟ ଭିଡିଓରେ ଦେଖାଯାଇଛି। ସୁରକ୍ଷା ତ୍ରୁଟିକୁ ଏଡାଇବା ପାଇଁ ହୋଟେଲରେ ମଧ୍ୟ ଖେଳାଳି ଓ ସର୍ପୋଟିଂ ଷ୍ଟାଫ



କଡା ପ୍ରୋଟୋକଲ ପାଳନ କରନ୍ତି। କ୍ରିକେଟରଙ୍କୁ ସାଧାରଣତଃ ହୋଟେଲରେ ପ୍ରଶଂସକଙ୍କ ସେଲଫି କିମ୍ବା ଅଟୋଗ୍ରାଫ ଅନୁରୋଧକୁ ପ୍ରତ୍ୟାଖାନ କରିବାକୁ ପରାମର୍ଶ ଦିଆଯାଇଛି।

ଦିଲ୍ଲୀ କ୍ୟାପିଟାଲ ବିପକ୍ଷ ମ୍ୟାଚରେ ଆରସିବିର ବିଜୟ ସହ ବିରାଟ କୋହଲିଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ମ୍ୟାଚରେ କୋହଲି ୨୩ ରନ କରିଥିଲେ। ଏଥିସହ ସେ ଆଇପିଏଲରେ ୯ ହଜାର ରନ ପୂରଣ କରିବାରେ ପ୍ରଥମ ବ୍ୟାଟର ହୋଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୭୫ ରନରେ ଅଲଆଉଟ୍ ହୋଇଥିଲା।ଆରସିବି ୬.୩ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା।

# ପ୍ରୀତି କହିଲେ ମହିଳା କାହାର ସମ୍ପତ୍ତି ନୁହଁ

ନୂଆଦିଲ୍ଲୀ, ୨୮।୪(ଏଜେନ୍ସି) : ଚଳିତ ଆଇପିଏଲରେ ପଞ୍ଜାବ କିଙ୍ଗସ୍ ଚମତ୍କାର ପ୍ରଦର୍ଶନ କରି ପ୍ଲେ ଅଫରେ ପ୍ରବେଶ କରିବାର ନିକଟତର ହୋଇଛି। ବଲିଉଡ ଅଭିନେତ୍ରୀ ତଥା ପଞ୍ଜାବ କିଙ୍ଗସର ମାଲିକ ପ୍ରୀତି ଜିଣ୍ଟା ତାଙ୍କ ଦଳ ପ୍ରଦର୍ଶନ ନେଇ ଖୁସି ଅଛନ୍ତି। ଷ୍ଟାଡିୟମରେ ସେ ଦଳକୁ ଭରପୁର ସମର୍ଥନ ଦେଉଛନ୍ତି। ଏହା ଭିତରେ ସୋସିଆଲ ମିଡିଆରେ ପ୍ରୀତିଙ୍କ ଏକ ପୋଷ୍ଟକୁ ବେଶ୍ ପସନ୍ଦ କରାଯାଉଛି।



ପଞ୍ଜାବ ଏପର୍ଯ୍ୟନ୍ତ ଆଇପିଏଲରେ ଟ୍ରଫି ଜିତିନାହିଁ। ଜଣେ ୟୁଜର୍ସ ଲେଖିଛନ୍ତି ପ୍ରୀତି ଜିଣ୍ଟା ଏପର୍ଯ୍ୟନ୍ତ ଟ୍ରଫି ଜିତିପାରିନାହାଁନ୍ତି, କାରଣ ସେ ନିଜେ ଗୋଟିଏ ଟ୍ରଫି। ଏହାର ଜବାବରେ ପ୍ରୀତି ଲେଖିଥିଲେ ଏଭଳି ମିଠା ପ୍ରଶଂସା କରିବାରୁ ଧନ୍ୟବାଦ। କୌଣସି ମହିଳା ଟ୍ରଫି ହେବାକୁ ଚାହିଁବେନି। ଏହା ଉପରେ ଅଧିକାର ରହିଥାଏ। ମାତ୍ର ମହିଳାଙ୍କ ଉପରେ କାହାର ଅଧିକାର ନାହିଁ। ଟ୍ରଫିକୁ କାଚ ଆଲମାରୀରେ ରଖାଯାଏ। କିନ୍ତୁ ମହିଳା ଆପଣଙ୍କ ଜୀବନ ଓ ହୃଦୟରେ ରହିବାକୁ ଭଲ ପାଆନ୍ତି। ପଞ୍ଜାବ ଅଧିନାୟକ ଶ୍ରେୟାସ ଆୟର ଓ କୋଚ ରିକି ପଣ୍ଟିଂଙ୍କ ଯୋଡି ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ ହାରିନାହାଁନ୍ତି। ଗତ ସିଜନରେ ପଞ୍ଜାବ ୧୧ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଆରସିବି ନିକଟରୁ ହାରିଯାଇଥିଲା। ୨୦୨୫ ରେ ଆୟର ଓ ପଣ୍ଟିଂ ପଞ୍ଜାବ ସହ ଯୋଡି ହୋଇଥିଲେ।

# ଆଇପିଏଲରୁ ବାଦ୍ ପଡିଲେ ସାଣ୍ଟନର

ନୂଆଦିଲ୍ଲୀ, ୨୮।୪(ଏଜେନ୍ସି) : ଚଳିତ ଆଇପିଏଲରେ ବିଜୟ ପାଇଁ ସଂଘର୍ଷ କରୁଥିବା ୫ ଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ଝଟକା ଲାଗିଛି। ଦଳର ତାରକା ଅଲ ରାଉଣ୍ଡର ମିଚେଲ ସାଣ୍ଟନର ଆଇପିଏଲରୁ ବାଦ୍ ପଡିଛନ୍ତି। ଏପ୍ରିଲ ୨୪ ରେ ଚେନ୍ନାଇ ବିପକ୍ଷ ମ୍ୟାଚରେ ସାଣ୍ଟନର ଆହତ ହୋଇଥିଲେ। କ୍ୟାଚ ଧରିବା ବେଳେ ତାଙ୍କ ବାମ କାନ୍ଧରେ ଆଘାତ ଲାଗିଥିଲା। ଏହାପରେ ସେ ପଡିଆ ଛାଡିଥିଲେ। ଏବେ ତାଙ୍କ ଆହତ ସମସ୍ୟା ଗୁରୁତର ଥିବା ଜଣାପଡିଛି। ସୁସ୍ଥ ହେବାକୁ ଅଧିକ ସମୟ ଲାଗିବ। ତେଣୁ ସେ ଆଇପିଏଲର ଅବଶିଷ୍ଟ ମ୍ୟାଚ ଖେଳିବେ ନାହିଁ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ସାଣ୍ଟନର ଶୀଘ୍ର ସୁସ୍ଥ ହୋଇ ଯାଆନ୍ତୁ ବୋଲି ପ୍ରାର୍ଥନା କରିଛି।

ମ୍ୟାଚର ୧୭ତମ ଓଭରରେ ସାଣ୍ଟନର ଆହତ ହୋଇଥିଲେ। ସେ ଆହତ କାରଣରୁ ବ୍ୟାଟିଂ କରିବାକୁ ଆସିପାରିନଥିଲେ।



ତାଙ୍କ ବଦଳରେ ସାର୍ଦ୍ଦୁଲ ଠାକୁର ବ୍ୟାଟିଂ କରିଥିଲେ। ହେଲେ ସାଣ୍ଟନରଙ୍କ ମୁଣ୍ଡ ମାଡ ହୋଇନଥିବାରୁ କେମିତି ସବ୍‌ଷ୍ଟ୍ୟୁଟ୍ ନିୟମ ଲାଗୁ ହେଲା ତାକୁ ନେଇ ବିବାଦ ଦେଖାଦେଇଛି। ସେହି ମ୍ୟାଚରେ ମଧ୍ୟ ମୁମ୍ବାଇ ଲଜ୍ଜାଜନକ ଭାବେ ଚେନ୍ନାଇ ଠାରୁ ହାରିଥିଲା। ମୁମ୍ବାଇ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଛି। ଦଳର ୭ ଟି ମ୍ୟାଚରୁ ୫ ଟିରେ ହାରିଛି ଓ ଦୁଇଟି ଜିତିଛି। ସାଣ୍ଟନରଙ୍କୁ ଆଇପିଏଲରୁ ବାଦ୍ ପଡିବାରୁ ତାଙ୍କ ବଦଳରେ ଦ,ଆଫ୍ରିକା ବାମ ହାତୀ ସ୍ପିନର କେଶବ ମହାରାଜଙ୍କୁ ମୁମ୍ବାଇ ଦଳରେ ସାମିଲ କରିଛି।

## ରମେଶ ଚନ୍ଦ୍ର ବେହେରା ମେମୋରିଆଲ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବନ୍ତ, ୨୮।୪(ସବ୍ୟୁ) : ବନ୍ତ ବ୍ଲକ ସେଣ୍ଟତୀରା ଠାରେ ୧୩ତମ ରମେଶ ଚନ୍ଦ୍ର ବେହେରା ମେମୋରିଆଲ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ସରମରା ଟିମ୍ ଚାମ୍ପିଅନ ହୋଇଥିବା ବେଳେ ବରପଦା ଟିମ୍ ରନର୍ସ ଅଫ ହୋଇଛି। ସରମରା ଟିମ୍ ୬ ଓଭରରେ ୬ ଉଇକେଟ ହରାଇ ୩୫ ରନ୍ ସଂଗ୍ରହ କରିଥିଲା ଜବାବରେ ବରପଦା ଟିମ୍ ୬ ଓଭରରେ ୮ ଉଇକେଟ ହରାଇ ୨୮ ରନ୍ କରି ପରାଜିତ ହୋଇଥିଲା। ସରମରା ଟିମର କୁଶ ସାହୁ ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଏବଂ ରନର୍ସ ଅଫ ଟିମ୍‌କୁ ଟ୍ରଫି ସହ ୫ ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଉତ୍କଳ ସେନାପତି, ଆଶିଷ କୁମାର ସ୍ୱାଇଁ, ସ୍କୋରର ଭାବେ ପୃଥୀରାଜ ସେନାପତି ଦାୟିତ୍ୱ ତୁଲାଇଥିଲେ।

# ସେଲଫି ପାଇଁ ୧୦୦ ଟଙ୍କା ନେଉଛନ୍ତି ବୈଭବ !

ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି) : ରାଜସ୍ଥାନର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଏବେ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଦେଖି ସମସ୍ତେ କାବା। ସବୁ ମହଲରେ ବୈଭବଙ୍କୁ ପ୍ରଶଂସା କରାଯାଉଛି। ଭାରତୀୟ ଦଳରେ ତାଙ୍କୁ ସାମିଲ କରିବା ପାଇଁ ମଧ୍ୟ ଦାବି ହେଉଛି। ସୂର୍ଯ୍ୟବଂଶୀଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ସେ ଯୁବ ପ୍ରଶଂସକଙ୍କ ସହ ପ୍ରାଙ୍କ କରୁଥିବା ଦେଖାଯାଇଛି। ରାଜସ୍ଥାନ ରୟାଲ୍ସ ଏହାର ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବୈଭବ ସୂର୍ଯ୍ୟବଂଶୀଙ୍କ ଏକ ଭିଡିଓ ସେୟାର କରିଛି। ଭିଡିଓରେ ଦୁଇଜଣ ଯୁବ ପ୍ରଶଂସକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟିବାକୁ ଆସିଥିଲେ। ସେମାନେ ତାଙ୍କ ସହ ଫଟୋ ଉଠାଇବାକୁ ଚାହୁଁଥିଲେ। ବୈଭବ



ଚିଡି ଯାଇ କହିଥିଲେ ଫଟୋ ଉଠାଇବା ପାଇଁ ଟଙ୍କା ଦିଅ। ତା ପରେ ବୈଭବ ସେମାନଙ୍କଠାରୁ ଗୋଟିଏ ଫଟୋ ପାଇଁ ୧୦୦ ଟଙ୍କା ନେବେ ବୋଲି କହିଥିଲେ। ପିଲା ଦୁହେଁ ବୈଭବଙ୍କୁ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। କିନ୍ତୁ ବୈଭବ ସେମାନଙ୍କୁ କହିଥିଲେ ସେ ପ୍ରାଙ୍କ କରୁଛନ୍ତି। ଏହାପରେ ପ୍ରଶଂସକଙ୍କ ସହ ବୈଭବ ଫଟୋ ଉଠାଇଥିଲେ। ଆଇପିଏଲରେ ବୈଭବ ନିଜର ଦକ୍ଷତା ଦେଖାଇବାରେ କୌଣସି ଦିଗ ଛାଡିନାହାଁନ୍ତି। ଏପର୍ଯ୍ୟନ୍ତ ସେ ୮ ଟି ମ୍ୟାଚ ଖେଳି ୩୫୭ ରନ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ବର୍ତ୍ତମାନ ସିଜନରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ବୈଭବ।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା : ଅନୁଗୁଳକୁ ୧୮ ପଦକ



ଅନୁଗୋଳ, ୨୮।୪(ସବ୍ୟୁ) : ଚଳିତ ମାସ ୨୬ରେ ରାଜ୍ୟ ସ୍ତରୀୟ ଇଣ୍ଟର ସ୍କୁଲ୍ ତାଇକୋଣ୍ଡୋ ପ୍ରତିଯୋଗିତା ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହେଇଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୪ ଜଣ ବାଳିକା ଓ ୪ ଜଣ ବାଳକ ଭାଗନେଇଥିଲେ, ଖେଳାଳି ମାନଙ୍କର ଏଭଳି ସଫଳତାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ସଂଘ ସଭାପତି ନୀଳମଣୀ ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାଶ, ଉପଦେଷ୍ଟା ଓ ଆଇନଜିବୀ ପ୍ରଦୀପ କୁମାର ଦେବତା ଖେଳାଳି ମାନଙ୍କୁ ଶୁଭେଛା ଓ ଶୁଭ କାମନା ଜଣାଇଁ ଅଛନ୍ତି, ଉକ୍ତ ଖେଳାଳି ମାନଙ୍କୁ ତାଇକୋଣ୍ଡୋ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଭୁବନେଶ୍ୱର ଅଭି ମୁଖେ ଯାତ୍ରା କରିଥିଲେ।


**ସୂଚନା**

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ସର୍ବଭାରତୀୟ ନୀଳାଚଳ କପ୍ କ୍ରିକେଟ

# ଫାଇନାଲରେ ୟୁନିଅନ ସ୍ପୋର୍ଟିଂ

ଭୁବନେଶ୍ୱର, ୨୮।୪(ସବ୍ୟୁ) : ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୧୭ତମ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ କଟକର ୟୁନିୟନ ସ୍ପୋର୍ଟିଂ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକର ୟୁନିୟନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ୭ ରନରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ୟୁନିୟନ




ସ୍ପୋର୍ଟିଂ ୩୬.୩ ଓଭରରେ ୧୭୫ ରନ କରି ଅଲଆଉଟ୍ ହୋଇଥିଲା। ଦେବୀପ୍ରସାଦ ମହାପାତ୍ର ୪୫ ବଲରୁ ୫୫ ରନ ତଥା ସୁଜିତ କୁମାର ଲେଙ୍କା ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମୁକ୍ତେଶ୍ୱର କ୍ଲବର ଆଶୁତୋଷ ମାରାଣ୍ଡି ୪ଟି, ସୁପ ଭୂୟାଁ, ପ୍ରତିକ ସ୍ୱାଇଁ ଓ ଚନ୍ଦ୍ରାଂଶୁ ବାଘେଲ ଦୁଇଟି କରି ୱିକେଟ ସଫଳତା ହାସଲ କରିଥିଲେ। ୧୭୬ ରନର ବିଜୟ ଲକ୍ଷ୍ୟକୁ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ପିଛା କରିଥିଲା, କିନ୍ତୁ ଦଳ ୪୦ ଓଭରରେ ୯ ୱିକେଟ ହରାଇ ୧୬୮ ରନ କରିବାକୁ ସକ୍ଷମ ହୋଇଥିଲା। ତନୟ କୁମାର ବିଶ୍ୱାଳ ୭୭ ରନ ଓ ଦିନେଶ କୁମାର ମାଝୀ ୨୯ ରନ କରିବା ସତ୍ତ୍ୱେ ମୁକ୍ତେଶ୍ୱର କ୍ଲବ ବିଜୟ ଠାରୁ ୭ ରନ ପଛରେ ରହିଯାଇଥିଲା। ବୋଲିଂରେ ୟୁନିୟନ ସ୍ପୋର୍ଟିଂର ଦେବୀପ୍ରସାଦ ମହାପାତ୍ର ୩ ଟି, ବିଶ୍ୱଜିତ ପ୍ରଧାନ ଓ ପ୍ରଶାନ୍ତ କୁମାର ରଣା ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ। ଦେବୀପ୍ରସାଦ ମହାପାତ୍ରଙ୍କୁ ୩ ୱିକେଟ ଓ ୫୫ ରନର ଇନିଂସ ପାଇଁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ସ୍ୱାଏ ବ୍ୟାଗ ଇମ୍ପାକ୍ଟ ପ୍ଲେୟାର ପୁରସ୍କାର ଆଶୁତୋଷ ମାରାଣ୍ଡି ଓ ଏମାଇ ଫୋନ୍ ଲକି ବିଜେତା ଭାବେ ଦର୍ଶକ ଶୁଭମ୍ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଦେବବ୍ରତ ଦାସ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ। ୱାଣ୍ଡର ୱାର୍ଲଡର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ କୁମାର ମିଶ୍ର, ସତ୍ୟକେତନ ମିଶ୍ର ଓ ସିତାଂଶୁ ଭାର୍ଗବ ଉପସ୍ଥିତ ଥିଲେ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି